ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୦୫
୨ ଡିସେମ୍ବର, ୨୦୨୫ ମଙ୍ଗଳବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

Pages-8
Price ₹ 5.00
Vol. 17, Issue No. : 205
2nd December, 2025 Tuesday
Kendrapara

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସୁହୃଦାଂ ହିତକାମାନାଂ ଯଃ ଶୃଣୋତି ନ ଭାଷିତମ୍**
**ବିପତ୍ ସନ୍ନିହିତା ତସ୍ୟ ସ ନରଃ ଶତ୍ରୁନନ୍ଦନଃ**

ସଂକୀର୍ଣ୍ଣମନା ବ୍ୟକ୍ତି ନିଜ ଓ ପର ମଧ୍ୟରେ ପ୍ରଭେଦ ବିଚାର କରେ, କିନ୍ତୁ ଉଦାରଚେତା ବ୍ୟକ୍ତି ସମଗ୍ର ବସୁଧାର ବ୍ୟକ୍ତିଙ୍କୁ ନିଜର ପରିବାର ଭଳି ମନେକରେ

# ରାଜଭବନ ହେଲା ଲୋକଭବନ

**ଭୁବନେଶ୍ୱର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଦଳିଲା ରାଜଭବନ ନାଁ। ରାଜଭବନ ହେଲା ଲୋକଭବନ। ଭୁବନେଶ୍ୱର ଓ ପୁରୀ ରାଜଭବନ ନାଁ ହେଲା ଲୋକଭବନ। ଏହି ପରିବର୍ତ୍ତନ ସମ୍ପର୍କରେ ରାଜ ଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି।




୨୦୨୪ ମସିହାରେ ରାଜ୍ୟପାଳଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିଶ ପରେ ଏହି ନିଷ୍ପତ୍ତି ନିଆଯାଇଛି ଯେଉଁଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇ ଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜ ଭବନ ମାନଙ୍କର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା।

ରାଜ୍ୟପାଳ ଡ. କମ୍ଭମପାଟି କହିଛନ୍ତି ଯେ ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ରାଜ୍ୟପାଳ କହିଛନ୍ତି ଯେ, 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ କାର୍ଯ୍ୟ କରିବ। ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନ ଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

ଏହି ନାମ ପରିବର୍ତ୍ତନ ସହିତ ଓଡ଼ିଶା ଉପନିବେଶବାଦୀ ନାମଗୁଡ଼ିକରୁ ଦୂରେଇ ଯାଇ ଶାସନ ପାଇଁ ଏକ ଲୋକ-କେନ୍ଦ୍ରିକ ଆଭିମୁଖ୍ୟ ଗ୍ରହଣ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ରାଜ ଭବନକୁ 'ଲୋକ ଭବନ' ଭାବରେ ନାମକରଣ କରିବା ଏକ ମାଇଲଖୁଣ୍ଟ ଓ ଏହା ଗୌରବ, ଗଣତନ୍ତ୍ର ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଦ୍ୱାରା ପରିଚାଳିତ ଭବିଷ୍ୟତକୁ ପ୍ରତିଫଳିତ କରେ।

# ରାଜ୍ୟରେ ଅଫିସର ମରୁଡ଼ି ୪୪୩ ପଦରୁ ୧୮୩ ଖାଲି

**ଭୁବନେଶ୍ୱର,୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ବର୍ତ୍ତମାନ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଏବଂ ଭାରତୀୟ ପୁଲିସ ସେବା (ଆଇପିଏସ୍)ରେ ୧୮୩ଟି ପଦବୀ ଖାଲି ପଡ଼ିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ରାଜ୍ୟ ବିଧାନସଭାରେ ସୂଚନା ଦେଇଛନ୍ତି।

ଏକ ପ୍ରଶ୍ନର ଲିଖିତ ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୪୪୩ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୨୪୮ଟି ଆଇଏଏସ୍ ଅଧିକାରୀଙ୍କ ପାଇଁ ଏବଂ ୧୯୫ଟି ଆଇପିଏସ୍ ଅଧିକାରୀଙ୍କ ପାଇଁ ରହିଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ ସୂଚନା ଦେଇଛନ୍ତି ଯେ, ରାଜ୍ୟରେ ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫଏସ୍ ଅଧିକାରୀଙ୍କର ଏକ ବଡ଼ ଅଭାବ ରହିଛି।

ବିଜେଡି ବିଧାୟକ ପ୍ରତାପ କେଶରୀ ଦେବଙ୍କ ପ୍ରଶ୍ନର ଉତ୍ତର ଦେଇ ମାଝୀ ପ୍ରକାଶ କରିଛନ୍ତି ଯେ ଆଇଏଏସ୍ କ୍ୟାଡରରେ ୪୬ଟି, ଆଇପିଏସ୍‌ରେ ୬୭ଟି ଏବଂ ଆଇଏଫ୍ଏସ୍‌ରେ ୭୦ଟି ପଦବୀ ଖାଲି ପଡ଼ିଛି। ଆଇଏଏସ୍‌ଙ୍କର ୨୪୮ ଅନୁମୋଦିତ ପଦବୀ ମଧ୍ୟରୁ ୪୬ ଖାଲି ପଦବୀ ରହିଛି। ସେହିପରି ଆଇପିଏସ୍‌ଙ୍କର ୧୯୫ ଅନୁମୋଦିତ ପଦବୀ ମଧ୍ୟରୁ ୬୭ ଖାଲି ପଦବୀ ରହିଛି। ଅପରପକ୍ଷରେ ଆଇଏଫଏସ୍‌ଙ୍କର ୧୪୧ ଅନୁମୋଦିତ ପଦବୀ ମଧ୍ୟରୁ ୭୦ ଖାଲି ପଦବୀ ରହିଛି। ମୋଟ ୧୮୩ ପଦବୀ ଖାଲି ରହିଛି। ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, ଏହି ପଦବୀଗୁଡ଼ିକ ସର୍ବ ଭାରତୀୟ ସେବାର ଅଂଶ ଏବଂ ଭାରତ ସରକାରଙ୍କ ଦ୍ୱାରା ପୂରଣ କରାଯାଇଥାଏ। ସେ ଗୃହକୁ ଆଶ୍ୱାସନା ଦେଇଛନ୍ତି, ରାଜ୍ୟ ସରକାର ସମୟୋଚିତ ନିଯୁକ୍ତି ସୁନିଶ୍ଚିତ କରିବା ଏବଂ ପ୍ରଶାସନିକ ଦକ୍ଷତା ବଜାୟ ରଖିବା ପାଇଁ କେନ୍ଦ୍ର ସହିତ ସମନ୍ୱୟ ରକ୍ଷା କରୁଛନ୍ତି। ମୁଖ୍ୟମନ୍ତ୍ରୀ ସ୍ୱୀକାର କରିଛନ୍ତି ଯେ ଖାଲି ପଦବୀଗୁଡ଼ିକ ଶାସନ ଏବଂ ସେବା ପ୍ରଦାନକୁ ପ୍ରଭାବିତ କରୁଛି, କିନ୍ତୁ କେନ୍ଦ୍ର ସରକାର ଏହି ପଦବୀଗୁଡ଼ିକ ପୂରଣ ପ୍ରକ୍ରିୟା ତଦାରଖ କରନ୍ତି ବୋଲି ଗୁରୁତ୍ୱାରୋପ କରିଛନ୍ତି।

# ସଂସଦରେ ପୋଷା କୁକୁରକୁ ଧରି ପହଞ୍ଚିଲେ ରେଣୁକା



**ନୂଆଦିଲ୍ଲୀ,୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ସଂସଦର ଶୀତକାଳୀନ ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମ ଦିନରୁ ହିଁ ବିବାଦରେ ଫସିଛନ୍ତି କଂଗ୍ରେସ ସାଂସଦ ରେଣୁକା ଚୌଧୁରୀ। ସେ ତାଙ୍କ ପୋଷା କୁକୁର ସହିତ କାରରେ ସଂସଦରେ ପହଞ୍ଚିଥିଲେ। ତାଙ୍କ ଆସିବାର ଏକ ଭିଡିଓ ଏବେ ଭାଇରାଲ ହୋଇଛି, ଯାହାକୁ ନେଇ ରାଜନୈତିକ ମହଲରେ ନିନ୍ଦା ଓ ସମାଲୋଚନା ଆରମ୍ଭ ହୋଇଛି। ବିଜେପି ଏହାକୁ ସଂସଦର ମର୍ଯ୍ୟାଦାର ଉଲ୍ଲଂଘନ ବୋଲି କହି ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ଆଉ ଯେତେବେଳେ ଗଣମାଧ୍ୟମ ପ୍ରତିନିଧିମାନେ ସାଂସଦ ରେଣୁକା ଚୌଧୁରୀଙ୍କୁ ଏହି ଘଟଣା ବିଷୟରେ ପ୍ରଶ୍ନ କରିଥିଲେ, ସେ ପାଲଟା ଜବାବ ଦେଇ କହିଥିଲେ ଯେ, ଏହି ଘଟଣାକୁ ଅଯଥାରେ ଚର୍ଚ୍ଚାକୁ ଅଣାଯାଉଛି। ସେ କହିଥିଲେ, 'ଏଥିରେ କ'ଣ ସମସ୍ୟା ? ଯଦି ଏକ ମୂକ ପଶୁ ଭିତରକୁ ପଶିଯାଏ ତେବେ ବଡ଼ କଥା କ'ଣ ହେବ ? ଏହା ଛୋଟ, କାମୁଡ଼ିବା ଭଳି ନୁହେଁ। ସଂସଦ ଭିତରେ ଅନ୍ୟ ଲୋକ ଅଛନ୍ତି ଯେଉଁମାନେ କାମୁଡ଼ି ପାରିବେ। ତେବେ ତାଙ୍କର ଏବି ବକ୍ତବ୍ୟ ବିବାଦକୁ ଆହୁରି ଖୋରାକ ଯୋଗାଇଛି।

ବିରୋଧୀ ଦଳ ବିଷୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତବ୍ୟର ମଧ୍ୟ ଜବାବ ଦେଇଛନ୍ତି ରେଣୁକା ଚୌଧୁରୀ। ସେ ପଚାରିଛନ୍ତି କି, ଯଦି ସରକାର ଅଧିବେଶନ ବିଷୟରେ ଏତେ ଚିନ୍ତିତ, ତେବେ ନିର୍ଦ୍ଧାରିତ ଏକ ମାସର ଅଧିବେଶନକୁ କେବଳ ପନ୍ଦର ଦିନକୁ କାହିଁକି ହ୍ରାସ କରାଯାଇଛି ? ସେ ପଚାରିଛନ୍ତି ,'ଆମେ ଗୃହରେ କେଉଁ ପ୍ରସଙ୍ଗ ଉଠାଇବୁ ସେ ବିଷୟରେ ଆପଣ କାହିଁକି ଚିନ୍ତିତ ? ଯଥେଷ୍ଟ ପ୍ରସଙ୍ଗ ନଥିଲା କି ? ତେବେ ଅଧିବେଶନକୁ କାହିଁକି ସଂକ୍ଷିପ୍ତ କରାଯାଇଛି ?'

ଏହି ସମୟରେ ବିଜେପି ସାଂସଦ ଜଗଦମ୍ବିକା ପାଲ ରେଣୁକା ଚୌଧୁରୀଙ୍କ ଉପରେ ତାଙ୍କ ବିଶେଷାଧିକାରର ଅପବ୍ୟବହାର କରିବାର ଅଭିଯୋଗ ଆଣିଛନ୍ତି ଏବଂ କହିଛନ୍ତି ଯେ, ସଂସଦ ଜାତୀୟ ନୀତି ଉପରେ ଗମ୍ଭୀର ଆଲୋଚନା ପାଇଁ ଏକ ମଞ୍ଚ, ଏବଂ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଏସଆଇଆର ଚାପରେ ଆଉ ଜଣେ ବିଏଲଓଙ୍କ ଆତ୍ମହତ୍ୟା

**ମୋରଦାବାଦ,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୋଟର ତାଲିକା ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ(ଏସ୍ଆଇଆର)ର ଚାପ ଏବେ ବୁଥ ସ୍ତରୀୟ ଅଫିସର (ବିଏଲଓ)ଙ୍କ ଉପରେ ବଢ଼ିବାରେ ଲାଗିଛି। ଅତ୍ୟଧିକ ଚାପ ଯୋଗୁ ଜଣଙ୍କ ଜଣେ ବିଏଲଏ ଜୀବନ ହାରିବାରେ ଲାଗିଛନ୍ତି। ଏହିକ୍ରମରେ ଉତ୍ତର ପ୍ରଦେଶରେ ପୁଣି ଜଣେ ବିଏଲଓ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଇଛନ୍ତି।



ଶିକ୍ଷକ ଭାବେ କାମ କରୁଥିବା ଏହି ବ୍ୟକ୍ତିଙ୍କୁ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ହେଲେ ଉତ୍ତର ପ୍ରଦେଶ ସ୍ଥିତ ମୋରଦାବାଦ ଘରୁ ତାଙ୍କର ମୃତଦେହ ମିଳିଛି। ମୃତଦେହ ମିଳିବାର ଦିନକ ପରେ ସାମ୍ନାକୁ ଆସିଛି ଅତ୍ୟନ୍ତ ବିଚଳିତ କରିବା ଭଳି ଭିଡିଓ।

ଆତ୍ମହତ୍ୟା କରିବା ପୂର୍ବରୁ ବିଏଲଓ ଜଣଙ୍କ ନିଜ ପରିବାର ପାଇଁ କୋହ ଭରା କଣ୍ଠରେ ଶେଷ ବାର୍ତ୍ତାକୁ ମୋବାଇଲରେ ରେକର୍ଡ କରିଥିଲେ। ସେ କାନ୍ଦିକାନ୍ଦି ମା' ମୁଁ ବଞ୍ଚିବାକୁ ଚାହୁଁଛି ବୋଲି କହୁଥିବା ଦେଖିବାକୁ ମିଳୁଛି।

ଭିଡିଓରେ ୪୬ ବର୍ଷୀୟ ସର୍ବେଶ କୁମାର ସିଂହ ଭୋଟର ତାଲିକା ସର୍ଭେ ଟାର୍ଗେଟକୁ ପୂରଣ କରିବାରେ ବିଫଳ ହୋଇଥିବା କଥା କହୁଛନ୍ତି। ଏଥିସହ ଏହି ବିଶ୍ୱରୁ ସେ ଅନେକ ଦୂରକୁ ଚାଲିଯାଉଥିବାରୁ ପରିବାର ଲୋକଙ୍କୁ କ୍ଷମା ମାଗୁଛନ୍ତି। ନିଜର ୪ ଝିଅଙ୍କ ଯତ୍ନ ନେବାକୁ ମଧ୍ୟ ସେ ଭିଡିଓରେ ତାଙ୍କ ମା' ଓ ଭଉଣୀଙ୍କୁ କାନ୍ଦିକାନ୍ଦି ନିବେଦନ କରୁଛନ୍ତି।

ସ୍ଥାନୀୟ ସରକାରୀ ସ୍କୁଲରେ ସହାୟକ ଶିକ୍ଷକ ଭାବେ କାମ କରୁଥିଲେ ଶ୍ରୀ ସିଂହ। ଅକ୍ଟୋବର ୭ରୁ ତାଙ୍କୁ ବିଏଲଓ ଭାବେ ନିଯୁକ୍ତ କରାଯାଇଥିଲା। ପ୍ରଥମଥର ପାଇଁ ସେ ଭୋଟର ତାଲିକା ସଂଶୋଧନ କାର୍ଯ୍ୟରେ ସାମିଲ ହୋଇଥିଲେ। ଦାୟିତ୍ୱ ମିଳିବା ପରେ ତାଙ୍କୁ ନିର୍ଦ୍ଦିଷ୍ଟ ଟାର୍ଗେଟ ଦିଆଯିବା ସହ ଘର ଘର ବୁଲି ଭୋଟରଙ୍କ ତଥ୍ୟ ସଂଗ୍ରହ ପାଇଁ କୁହାଯାଇଥିଲା। କିନ୍ତୁ ଶିକ୍ଷକ ଭାବେ କାମ କରୁଥିବା ଶ୍ରୀ ସିଂହ ବିଏଲଓ ଭାବେ କାମ କରିବା ଚାପକୁ ସହ୍ୟ କରି ପାରି ନଥିଲେ। ଏଥିଯୋଗୁ ସେ ଜୀବନ ହାରିଥିବା ରବିବାର ତାଙ୍କ ପତ୍ନୀ ବବଲୀ କହିଥିଲେ।

ଏବେ ଭିଡିଓରେ ଶ୍ରୀ ସିଂହ ସାମ୍ନା କରୁଥିବା କଷ୍ଟ ସମ୍ପର୍କରେ ପୂରା ଦେଶକୁ ଜଣାଇଛନ୍ତି। ସେ କହିଛନ୍ତି, "ଦିଦି, ମୋତେ କ୍ଷମା କରିଦେବ। ମା' *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅନନ୍ତ ଜେନାଙ୍କ ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

**ଭୁବନେଶ୍ୱର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ଆବେଦନ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ବିଧାୟକ ଶ୍ରୀ ଜେନାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିବା ସହ ପୁନଃ ଗଣତି ଓ ସାନି ନିର୍ବାଚନ କରିବା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓ ତାଙ୍କର ପ୍ରସ୍ତାବକ ଗୋରାଚନ୍ଦ ମଙ୍ଗରାଜ ଦୁଇଟି ପୃଥକ ନିର୍ବାଚନ ମାମଲା ଓଡିଶା ହାଇକୋର୍ଟରେ ଦାଖଲ କରିଛନ୍ତି। ସେହି ଦୁଇଟି ନିର୍ବାଚନ ମାମଲାକୁ ବିନା ଶୁଣାଣିରେ ଖାରଜ କରିବା ପାଇଁ ଶ୍ରୀ ଜେନା ହାଇକୋର୍ଟରେ ଦୁଇଟି ଅନ୍ତରୀଣ ଦରଖାସ୍ତ କରିଥିଲେ। ଯାହାକୁ ଓଡିଶା ହାଇକୋର୍ଟ ଖାରଜ କରି ମୂଳ ନିର୍ବାଚନ ମାମଲା ଶୁଣାଣି ନିମନ୍ତେ ଆଦେଶ ଦେଇଥିଲେ।

ଓଡିଶା ହାଇକୋର୍ଟଙ୍କ ଉକ୍ତ ଆଦେଶକୁ ଚାଲେଞ୍ଜ କରି ବିଧାୟକ ଶ୍ରୀ ଜେନା ସୁପ୍ରିମକୋର୍ଟରେ ଦୁଇଟି ଆବେଦନ ଏସ୍ଏଲ୍ପି କରିଥିଲେ। ଆଜି ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ଉକ୍ତ ମାମଲାର ବିଚାର କରି ଓଡିଶା ହାଇକୋର୍ଟଙ୍କ ରାୟକୁ କାଏମ ରଖିବା ସହ ବିଧାୟକ ଶ୍ରୀ ଜେନାଙ୍କ ଆବେଦନକୁ ଖାରଜ କରିଛନ୍ତି। ଫଳରେ ବିଧାୟକ ଶ୍ରୀ ଜେନାଙ୍କ ବିରୁଦ୍ଧରେ କରାଯାଇଥିବା ମୂଳ ନିର୍ବାଚନ ମାମଲା ଦୁଇଟିର ବିଚାର ଓଡିଶା ହାଇକୋର୍ଟରେ ଚାଲିବ।

ଅନ୍ୟପକ୍ଷରେ ଆଜି ଓଡିଶା ହାଇକୋର୍ଟର ବିଚାରପତି ଆନନ୍ଦ ଚନ୍ଦ୍ର ବେହେରା ମୂଳ ନିର୍ବାଚନ ମାମଲାରେ ଡ୍ରାଫ୍ଟ ଇସୁ କରିବା ସହ ସାକ୍ଷୀମାନଙ୍କ ତାଲିକା ଓ ଦସ୍ତାବିଜ ତାଲିକା ଦାଖଲ ପାଇଁ ଉଭୟ ପକ୍ଷଙ୍କୁ ନିର୍ଦ୍ଦେଶ ଦେବା ସହ ମୂଳ ନିର୍ବାଚନ ମାମଲା ଦୁଇଟିର ଶୁଣାଣି ପାଇଁ ଆସନ୍ତା ୧୦ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି।

# ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ

**ରାଜନଗର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବନଖଣ୍ଡ ଅନ୍ତର୍ଗତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଦଳ ମା ଉର୍ବଶୀ-୨ ନାମକ ଟ୍ରଲରକୁ ଜବତ କରିଛି । ଜବତ ଟ୍ରଲରରୁ ୧୧ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରିବା ସହ ଗୋଟିଏ ଜିପିଏସ, ଚାରିଟି ଭିଏଚଏଫ, ୧୬ଟି ଜାଲ, ଗୋଟିଏ ଲାଡେନ ନେଟ ସହ ୧୫କ୍ୟୁଟାଂଲ ୭୦କେଜି ମାଛ ଜବତ କରିଛି। ଗିରଫ ମତ୍ସ୍ୟଜିବୀମାନେ ସୁଧିର ମଣ୍ଡଳ, ଅଜୟ ମଣ୍ଡଳ, ସପନ ଭୂୟାଁ, ଦୁଲାଲ ମାଇତି, ନନ୍ଦଗୋପାଳ ମଣ୍ଡଳ, ଦିବାକର ମଣ୍ଡଳ, ବାସୁଦେବ ମଣ୍ଡଳ, ବଳରାମ ମାନ୍ନା, ରିତ ମଣ୍ଡଳ, ସୁରେନ୍ଦ୍ର ବେହେରା ଓ ଅଜୟ ବର । ସମସ୍ତ ଗିରଫ ମତ୍ସ୍ୟଜିବୀମାନେ ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ରଙ୍ଗଣୀ ଓ ବାଘମାରୀ ପଚାଂୟତର ଅଧିବାସୀ । ଗିରଫି ମତ୍ସ୍ୟଜିବୀମାନଙ୍କୁ କେନ୍ଦ୍ରାପଡା ସିଜେଏମଙ୍କ କୋର୍ଟରେ ହାଜର କରାଯାଇଥିଲା । ଜାମିନୀ ନାମଂଜୁର ହେବାରୁ ସେମାନଙ୍କୁ ହାଜତକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି ।

# ପତ୍ନୀଙ୍କୁ ହତ୍ୟା କରି ଷ୍ଟାଟସରେ ଲେଖିଲେ 'ବିଶ୍ୱାସଘାତର ମୂଲ୍ୟ ମୃତ୍ୟୁ'

**କୋଏମ୍ବଟୁର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ତାମିଲନାଡୁରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଗାନ୍ଧୀପୁରମ ନିକଟସ୍ଥ ରାଜା ନାଇଡୁ ଷ୍ଟ୍ରିଟ୍ ୱାର୍କିଂ ମହିଳା ହଷ୍ଟେଲରେ ଜଣେ ୩୨ ବର୍ଷୀୟ ବ୍ୟକ୍ତି ତାଙ୍କ ପତ୍ନୀଙ୍କୁ ହତ୍ୟା କରିଛନ୍ତି। ହତ୍ୟା ପରେ ସ୍ୱାମୀ ତାଙ୍କ ପତ୍ନୀଙ୍କ ଶବ ସହିତ ଏକ ସେଲ୍ଫି ଉଠାଇ ତାଙ୍କ ହ୍ୱାଟ୍ସଆପ୍ ଷ୍ଟାଟସରେ ପୋଷ୍ଟ କରିଛନ୍ତି, ଯେଉଁଥିରେ କ୍ୟାପସନରେ ଲେଖିଛନ୍ତି, 'ବିଶ୍ୱାସଘାତର ମୂଲ୍ୟ ମୃତ୍ୟୁ।' ରଥିନାପୁରୀ ପୋଲିସ ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି, ପତ୍ନୀଙ୍କ ପରକୀୟା ପ୍ରୀତି ପାଇଁ ସ୍ୱାମୀ ତାଙ୍କୁ ହତ୍ୟା କରିଛନ୍ତି।

ଅଭିଯୁକ୍ତ ସ୍ୱାମୀ ହେଲେ ତିରୁନେଲଭେଲିର ବାସିନ୍ଦା ଏସ. ବାଲାମୁରୁଗନ୍। ସେହି ଗାଁର ସେ ଶ୍ରୀ ପ୍ରିୟାଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ସନ୍ତାନ। ଦଶ ବର୍ଷର ପୁଅ ଏବଂ ତିନି ବର୍ଷର ଝିଅ। ଚାରି ମାସ ପୂର୍ବରୁ



ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପରେ ପ୍ରିୟା ତାଙ୍କ ସ୍ୱାମୀଙ୍କୁ ଛାଡି କୋଏମ୍ବାଟୁର ଚାଲି ଆସିଥିଲେ। ସେ ତାଙ୍କ ପିଲାମାନଙ୍କୁ ଛାଡି ଅଲଗା ରହୁଥିଲେ। ଶ୍ରୀ ପ୍ରିୟା ତାଙ୍କର ଦୁଇଟି ପିଲାଙ୍କୁ ବାଲାମୁରୁଗନଙ୍କ ପାଖରେ ଛାଡ଼ି ଆସିଥିଲେ। ପରେ କୋଏମ୍ବଟୁରରେ ସେ କ୍ରସ୍ କଟ୍ ରୋଡ୍‌ରେ ଏକ ବ୍ୟାଗ୍ ଦୋକାନରେ କାମ କରିବା ଆରମ୍ଭ କରିଥିଲେ।

ଶ୍ରୀ ପ୍ରିୟାଙ୍କ ପରପୁରୁଷ ସମ୍ପର୍କକୁ ନେଇ ଉଭୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବିବାଦ ଥିଲା। ସେହି ପର ପୁରୁଷ ଜଣଙ୍କ ହେଲେ ବାଲାମୁରୁଗନଙ୍କ ଦୂର ସମ୍ପର୍କୀୟ ଇସାକି ରାଜା। ଇସାକି ମଧ ବିବାହିତ ଏବଂ ତାଙ୍କର ତିନୋଟି ସନ୍ତାନ। ବାଲାମୁରୁଗନ ସେହି ସମ୍ପର୍କକୁ ବିରୋଧ କରୁଥିଲେ। ଯାହା ଫଳରେ ଝଗଡ଼ା ହେଉଥିଲା। ତଥାପି, ବାଲାମୁରୁଗନ ଶ୍ରୀ ପ୍ରିୟାକୁ ତାଙ୍କ ସହିତ ରଖିବାକୁ ଚାହୁଁଥିଲେ। ସେଥିପାଇଁ ଶନିବାର ଦିନ, ବାଲାମୁରୁଗନ ପ୍ରିୟାଙ୍କୁ କୋଏମ୍ବାଟୁର ଭେଟିବାକୁ ଆସିଥାନ୍ତେ। ଇସାକିଙ୍କ ସହ ସମ୍ପର୍କ ଶେଷ କରି ପୁଣି ତାଙ୍କ ସହିତ ଏକ ସୁଖମୟ ଜୀବନ ବିତାଇବାକୁ ନିବେଦନ କରିଥାନ୍ତେ। କିନ୍ତୁ ପ୍ରିୟା ଆସିବାକୁ ମନା କରିଦେଇଥିଲେ। ଏହି ସମୟରେ, ଇସାକି ରାଜା ବାଲାମୁରୁଗନଙ୍କ ଆସିବା ଖବର ଜାଣି ତାଙ୍କୁ ନିଜର ଏବଂ ପ୍ରିୟାଙ୍କ ଅନ୍ତରଙ୍ଗ ଫଟୋ ପଠାଇଲେ। ଏ ଘଟଣା ପରେ ନିଜକୁ ଅଟକାଇ ପାରିଲେନି ବାଲାମୁରୁଗନ। ସେ ରାଗିଯାଇ ମଦ ପିଇ ପ୍ରିୟାଙ୍କ ହଷ୍ଟେଲରେ ଭେଟିବାକୁ ଯାଇଥିଲେ। ଫଟୋ ବିଷୟରେ ତାଙ୍କ ସହିତ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଯୁବତୀଙ୍କୁ ଅସଦାଚରଣ: ବିରୋଧ କରିବାରୁ ବଡିବିଲ୍ଡରଙ୍କୁ ହତ୍ୟା

**ନୂଆଦିଲ୍ଲୀ,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଝିଅମାନଙ୍କୁ ଅସଦାଚରଣ କରୁଥିଲେ ୨୦ ଜଣ ଯୁବକ। ସୁରକ୍ଷା ଦେବାକୁ ଆସିଲେ ବଡିବିଲ୍ଡର। ଏପରି ନକରିବା ପାଇଁ ବାରଣ କଲେ। ହେଲେ ଅସମାଜିକ ଯୁବକଙ୍କ ମୁଣ୍ଡକୁ ପିତ ଚଢ଼ିଗଲା। ଗୋଡାଇ ଗୋଡାଇ ରଡ, କାଠ ଫାଳିଆରେ ବଡିବିଲ୍ଡରଙ୍କୁ ପିଟିପିଟି ମାରିଦେଲେ। ଏଭଳି ବିଭତ୍ସ ହତ୍ୟାକାଣ୍ଡ ଘଟଣା ଘଟିଛି ହରିୟାଣାର ଭିୱାନି ଅଞ୍ଚଳରେ। ଏହି ଘଟଣାରେ ହୁମାୟୁନପୁର ଗାଁର ବଡିବିଲ୍ଡର ରୋହିତ ଧନଖଡଙ୍କ ମୃତ୍ୟୁ ହୋଇଛି। ସେ ତିନିଥର ଜାତୀୟ ଚାମ୍ପିଅନ ମଧ୍ୟ ଥିଲେ, ଜାତୀୟ ସ୍ତରରେ ୮ଥର ଏବଂ ଥରେ ଅନ୍ତର୍ଜାତୀୟ ଚାମ୍ପିଅନସିପରେ ଅଂଶଗ୍ରହଣ କରିଥିଲେ।




ରିପୋର୍ଟ ଅନୁଯାୟୀ, ୨୬ ବର୍ଷୀୟ ବଡିବିଲ୍ଡର ରୋହିତ ଧନଖର ନଭେମ୍ବର ୨୮ ତାରିଖରେ ତାଙ୍କ ଭଉଣୀଙ୍କ ଭାଉଜଙ୍କ ବିବାହରେ ଯୋଗଦେବାକୁ ଭିୱାନିର ବୋଣ୍ଡକଲାନ ନିବାସୀ ତାଙ୍କ ବନ୍ଧୁ ଜତିନଙ୍କ ସହ ଭିୱାନି *(ଶେଷ ପୃଷ୍ଠା ଦେଖନ୍ତୁ)*

# ମାନସ ଢାବା ଉପରେ ଚଢଉ

**ମାର୍ଶାଘାଇ,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ଥାନା ୫୩ନମ୍ବର ଜାତୀୟ ରାଜପଥ ରେଲୱେ ଷ୍ଟେସନ ଛକ ମାନସ ଢାବା ଉପରେ ଆଜି ମଧ୍ୟାହ୍ନରେ କେନ୍ଦ୍ରାପଡା ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀମାନେ ଚଢାଉ କରିଛନ୍ତି। ଢାବାରେ ଥିବା ଗଛ, ମଟନ, ଚିକେନ *(ଶେଷ ପୃଷ୍ଠା ଦେଖନ୍ତୁ)*

# ଅଧାପନ୍ତରିଆ ହୋଇ ରହିଯିବ ଏମ୍‌ସିଆଇ ପ୍ରକଳ୍ପ ?

**ପାଟକୁରା,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗରଦପୁର ବ୍ଲକ୍‌ର କଳାବୁଦା ଠାରେ ଗତ ୨୦୨୨ମସିହା ମଇ ମାସ ୧୮ ତାରିଖରେ ବହୁ ପ୍ରତୀକ୍ଷିତ ମହାନଦୀ-ଚିତ୍ରୋପ୍ତଳା ଦ୍ୱୀପାଂଚଳ ଜଳସେଚନ (ଏମସିଆଇ) ପ୍ରକଳ୍ପର କେନାଲକୁ ତତ୍‌କାଳୀନ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଲୋକାର୍ପଣ କରିଥିଲେ। ପ୍ରାୟ ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ କାଳ ଧରି ଲୋକେ ଅପେକ୍ଷା କରିଥିବା ଏହି କେନାଲ ରେ ପାଣି ଆସିବ ଗରଦପୁର ବ୍ଲକ୍ ସମେତ ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ୍‌ର ବ୍ୟାପକ ଚାଷଜମିରେ ବର୍ଷସାରା ସୁନାର ଫସଲ ହସିବ ଭାବି ଆତ୍ମ ବିଭୋର ହୋଇ ଉଠିଥିଲେ । କିନ୍ତୁ ୨୦୨୨ରୁ ୨୦୨୫ ୩ବର୍ଷ ଅତିବାହିତ ହୋଇଗଲାଣି, ହେଲେ ନା' ଏହି କେନାଲ କାମ ପୂର୍ଣ୍ଣାଙ୍ଗ ହୋଇପାରିଲା ନା' ଲୋକେ ପାଣିର ଦେଖା ପାଇଲେନି। ଫଳରେ ହଜାର ହଜାର ଚାଷୀ ଭକୁଆ ହେବା ହିଁ ସାର ହୋଇଛି ବୋଲି ଅଭିଯୋଗ କରି ସରକାରୀ ବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବହୁ ସ୍ଥାନୀୟ ଚାଷୀ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଅବିଭକ୍ତ କଟକ ଜିଲ୍ଲାର ତିର୍ତ୍ତୋଲ, ନିଶ୍ଚିତକୋଇଲି, ଗରଦପୁର, ମାର୍ଶାଘାଇ ଓ ମହାକାଳପଡ଼ା ବ୍ଲକ୍ ଅନ୍ତର୍ଗତ ମହାନଦୀ-ଚିତ୍ରୋପ୍ତଳା ଦ୍ୱୀପାଂଚଳର ପ୍ରାୟ ୧୯ହଜାର ୫୪୨ ହେକ୍ଟର ଉର୍ବର ଚାଷ ଜମିକୁ ବର୍ଷସାରା ଜଳ ଯୋଗାଇ ଦେଇ କୃଷି କ୍ଷେତ୍ରକୁ ସମୃଦ୍ଧ କରିବା ସକାଶେ ଅଶୀ ଦଶକରେ ପାଟକୁରା ବିଧାୟକ ବିଜୟ ମହାପାତ୍ର ଉଦ୍ୟମ ଆରମ୍ଭ କରିଥିଲେ । ଶ୍ରୀମହାପାତ୍ରଙ୍କ ନିରବଚ୍ଛିନ୍ନ ଉଦ୍ୟମ ଫଳରେ ତତ୍କାଳୀନ କଂଗ୍ରେସ ସରକାର ଡ଼ିପିଆର ପ୍ରସ୍ତୁତ କରିବା ସହ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତି ନେଇଥିଲେ । ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୮ରେ ଏଥିପାଇଁ ଶୁଭ ଦେଇଥିଲେ । ହେଲେ ପ୍ରକଳ୍ପଟି କେବଳ ଶୁଭ ଶିଳାନ୍ୟାସରେ ରହିଯାଇଥିଲା ।

୧୯୯୦ରେ ବିଜୁବାବୁ ମୁଖ୍ୟମନ୍ତ୍ରୀ ହେବା ପରେ ଓ ନିଜେ ଶ୍ରୀ ମହାପାତ୍ର ଜଳସେଚନ ବିଭାଗ ମନ୍ତ୍ରୀ ଭାବେ ତାଙ୍କ କ୍ୟାବିନେଟ୍‌ରେ ସ୍ଥାନ ପାଇବା ପରେ ୱାର୍ଲ୍ଡ ବ୍ୟାଙ୍କ ସହାୟତାରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିପାଇଁ ଗରଦପୁରଠାରେ ଏକ ସ୍ୱତନ୍ତ୍ର ଡ଼ିଭିଜନ ଅଫିସ୍ ପ୍ରତିଷ୍ଠା କରାଯାଇଥବଲା । ତିର୍ତ୍ତୋଲ ଓ ନିଶ୍ଚିତକୋଇଲି ବ୍ଲକ୍ ଅଂଚଳରେ କାମ ଶେଷ ହେବା ବେଳକୁ ପୁଣି କଂଗ୍ରେସ ରାଜ୍ୟରେ ସରକାରକୁ ଆସିଯାଇଥିଲା । ତା' ପରେ ଗରଦପୁର ଅଂଚଳରେ କାମ ଆରମ୍ଭ ହୋଇଥିଲେ ମଧ୍ୟ ଆଉ ଆଗକୁ ଯାଇପାରିନଥିଲା । ପ୍ରକଳ୍ପ କାମ ସଂପୂର୍ଣ୍ଣ ଠପ୍ ହୋଇଯାଇଥିଲା । ଗରଦପୁରଠାରେ ପ୍ରତିଷ୍ଠିତ ଡ଼ିଭିଜନ ଅଫିସ୍ କ୍ରମେ ବନ୍ଦ ହୋଇଯାଇଥିଲା । ଗରଦପୁର, ମାର୍ଶାଘାଇ ଓ ମହାକାପଡ଼ା ବ୍ଲକ୍‌କୁ ଏହି ପ୍ରକଳ୍ପ ପରିବ୍ୟାପ୍ତ ହେବା ନେଇ ଅନିଶ୍ଚିତତା ଦେଖାଦେବା ସହ ଏହି ଦ୍ୱୀପାଂଚଳବାସୀ ଦେଖିଥିବା ସ୍ୱପ୍ନ ମଉଳିଯାଇଥିଲା । କେନାଲ ପାଇଁ ଅଧିଗ୍ରହୀତ ଜମି ସବୁକୁ ପୁଣି ଚାଷୀମାନେ ନିଜ ଦଖଲକୁ ନେଇ ତାଙ୍କର ଚାଷବାସ କରିଥିଲେ । ଯାହାକୁ ନେଇ ଗତ ୨୦୧୨ରେ କେନ୍ଦ୍ରାପଡ଼ା ଜିଲ୍ଲା ଜନସୁରକ୍ଷା ମଞ୍ଚ ଆନ୍ଦୋଳନକୁ ଓହ୍ଲାଇ ଥିଲା । ମଂଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏଥିନେଇ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ତେବେ ରାଜ୍ୟ ସରକାର ଏସିଆନ ଡ଼େଭଲମେଣ୍ଟ ବ୍ୟାଙ୍କର ଆର୍ଥୀକ ସହାୟତାରେ ପୁଣି ହାତକୁ ନେଇଥିଲେ । ୧୯୮୮ରେ ମାତ୍ର ୩୯.୯୪ କୋଟି ଟଙ୍କା ବ୍ୟୟ ଅଟକଳରେ ଶେଷ ହେବାକୁ ଥିବା ଏହି ପ୍ରକଳ୍ପର ବ୍ୟୟ ଅଟକଳ ୨୦୧୨ରେ ୩୯୫.୪୬ କୋଟି ଟଙ୍କାକୁ ବୃଦ୍ଧି କରାଯାଇ ୨୦୧୫ ମସିହା ସୁଦ୍ଧା ସାରିବାକୁ ନିଷ୍ପତି ନିଆଗଲା । ହେଲେ ବିଭାଗୀୟ ଉଦାସୀନତା କାରଣରୁ ଏହି ପ୍ରକଳ୍ପର ଅବଶିଷ୍ଟ କାର୍ଯ୍ୟ ୨୦୧୬-୧୭ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା । ୨୦୧୯ରେ ଏଡ଼ିବିର ସମୟସୀମା ଶେଷ ହୋଇଯିବା ପରେ ଏହି ପ୍ରକଳ୍ପ କାମ ଶେଷ ହୋଇ ପାରିନଥିଲା । ପରବର୍ତ୍ତୀ ଦୁଇ ବର୍ଷ ମଧ୍ୟରେ *(ଶେଷ ପୃଷ୍ଠା ଦେଖନ୍ତୁ)*

ଓଡ଼ିଶା ଏକ୍ସପ୍ରେସ୍
ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୨ ଡିସେମ୍ବର ୨୦୨୫ । ମଙ୍ଗଳବାର


# ବୃହତ ପଣ୍ୟାଗାର ଏବେ କୋମାରେ

**ବୈଶିଙ୍ଗା: ଏକ୍ସପ୍ରେସ ନ୍ୟୁଜ୍**

ମୟୂରଭଞ୍ଜ ଜିଲ୍ଲାର ବୈଶିଙ୍ଗା ନିକଟରେ ପ୍ରତିଷ୍ଠା ହେବାକୁଥିବା ପୂର୍ବ ଭାରତର ସର୍ବବୃହତ ପଣ୍ୟାଗାର ଏବେ କୋମାରେ। କେନ୍ଦ୍ର ସରକାରଙ୍କ ସମବାୟ ମନ୍ତ୍ରଣାଳୟର ନିଷ୍ପତ୍ତି କ୍ରମେ ବୈଶିଙ୍ଗା ନିକଟସ୍ଥ ପଣସିଆ ମୌଜାର ପଦାପୁରୁଣିଆ ଠାରେ ୧୦୦୦ ମେଟ୍ରିକ୍ ଟନ୍ ଶସ୍ୟ ମହଜୁଦ କ୍ଷମତା ସମ୍ପନ୍ନ ବହୁମୁଖୀ ପଣ୍ୟାଗାର ନିର୍ମାଣ ଉଦ୍ଦେଶ୍ୟରେ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ସହ ବେତନଟୀ ତହସିଲଦାର ଏକ ଏକର ଜମି ଚିହ୍ନଟ କରିଯାଇଛନ୍ତି। ଖାତା ନଂ ୬ ଓ ପ୍ଲଟ ନଂ ୮ରେ ଗୋଚ଼ର କିସମର ମୋଟ ୫ ଏକର ଜମି ମଧ୍ୟରୁ ଏହି ୧ ଏକର ଜମି ପ୍ରାଥମିକ ପର୍ଯ୍ୟାୟରେ ଅଧିଗ୍ରହଣ କରାଯାଇଛି। ତେବେ ପରବର୍ତ୍ତି ସମୟରେ ପ୍ରକଳ୍ପ ସମ୍ପ୍ରସାରଣ ଲାଗି ଆବଶ୍ୟକତା ଅନୁସାରେ ଅଧିକ ଜମି ଅଧିଗ୍ରହଣର ସମ୍ଭାବନା ଥିବା ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ସୂତ୍ରରୁ ସୂଚ଼ନା ମିଳିଛି। ସମବାୟ ବିଭାଗର ବରିଷ୍ଠ ଅଧିକାରୀ ତୁଷାର କାନ୍ତି ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ଟିମ୍‌କୁ ଜମିର ଦଖଲ ହସ୍ତାନ୍ତର କରାଯାଇଛି। ଏହି ଅବସରରେ ବୈଶିଙ୍ଗା ବୃହଦାକାର ବହୁମୁଖୀ ସମବାୟ ସମିତିର ସଭାପତି ଶତ୍ରୁଘ୍ନ ସିଂ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଏବେ ପ୍ରଶ୍ନ ଉଠୁଛି ଯେ ସେତେବେଳେ ବିଜେଡି ସରକାର ଏହାର ପରିକଳ୍ପନା କରିଥିବା ବେଳେ ନୂଆ ବିଜେପି ସରକାର କ'ଣ ପାଇଁ ଏହାର ଗୁରୁତ୍ୱ ଦେଉନାହାନ୍ତି । ଏହି ପଣ୍ୟାଗାର ସ୍ଥାପିତ ହେଲେ ବୈଶିଙ୍ଗା ଓ ଏହାର ଆଖ ପାଖ ଅଞ୍ଚଳ ବିକଶିତ ହୋଇ ପାରନ୍ତା। ତେବେ ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ଏହା ହୋଇ ନ ପାରିବା ଏକ ମୂଖ୍ୟ କାରଣ ବୋଲି ଚ଼ର୍ଚ୍ଚା ହେଉଛି। ପ୍ରଶାସନିକ ସ୍ତରରେ ଏଥିପ୍ରତି ଧାନ ଦେବାକୁ ଦାବି ହେଉଛି।

# ଲକର ଭାଙ୍ଗି ଡାକଘରୁ ଲୁଟ୍



**ବୌଦ୍ଧ: ଏକ୍ସପ୍ରେସ ନ୍ୟୁଜ୍**

ବୌଦ୍ଧ ସହର ମୁଖ୍ୟ ଡାକଘରୁ ଚୋରି। ପ୍ରାୟ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘଟଣାସ୍ଥଳରେ ବୌଦ୍ଧ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। କେତେ ଚୋରି ହୋଇଛି ତାହାର ସ୍ପଷ୍ଟ ସୂଚ଼ନା ମିଳିପାରି ନାହିଁ।

ସୂଚ଼ନାନୁଯାୟୀ, ବୌଦ୍ଧ ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ ପୋଡାପୋଡାରେ ବୌଦ୍ଧ ମୁଖ୍ୟ ଡାକଘର ରହିଛି। ରବିବାର କାର୍ଯ୍ୟାଳୟ ବନ୍ଦ ରହିଥିଲା। ସୋମବାର କାର୍ଯ୍ୟାଳୟ ଖୋଲିବା ପାଇଁ କର୍ମଚ଼ାରୀମାନେ ପହଞ୍ଚି ଦେଖିଲା ବେଳକୁ ଡାକଘରର ପଛପଟ ଗ୍ରୀଲ ଭାଙ୍ଗା ହୋଇଛି। କେହି ଦୁର୍ବୃତ୍ତ ଡାକଘର ଲକର ଭାଙ୍ଗି ସମସ୍ତ ଟଙ୍କା ଚୋରି କରି ନେଇଛି। ଲକରରେ କେତେ ଟଙ୍କା ଥିଲା ତାହା ସ୍ପଷ୍ଟ ହୋଇନଥିବା ବେଳେ ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଚ଼ର୍ଚ୍ଚା ହେଉଛି। ଖବର ପାଇ ବୌଦ୍ଧ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ମାଦକ ଦ୍ରବ୍ୟର ବିକଳ୍ପ ଫସଲ ଉପରେ ଗୁରୁତ୍ୱ

**ରାୟଗଡ: ଏକ୍ସପ୍ରେସ ନ୍ୟୁଜ୍**

ରାୟଗଡ଼ ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ବିଶେଷ କରି ଦୁର୍ଗମ ଅଞ୍ଚଳରେ ବ୍ୟାପକ ଗଞ୍ଜେଇ ଚ଼ାଷ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ରାୟଗଡ଼ ଆଶୁତୋଷ କୁଲକାର୍ଣ୍ଣିଙ୍କ ଅଧକ୍ଷତାରେ ଆଓ୍ୱସି ମାଧ୍ୟମରେ ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ରାୟଗଡ଼ ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ଉପଜିଲ୍ଲାପାଳ ଗୁଣୁପୁର ଦୁଧଷଲ ଅଭିଶେଖ ଦିଲ୍ଲିପ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚ଼ନା କରାଯାଇଥିଲା। ବିଶେଷ କରି ଜିଲ୍ଲାରେ ମାଦକ ନିଷଦ୍ରବ୍ୟ ଗଞ୍ଜେଇ ଅବାଧ ଚ଼ାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ଓ ଚୋରା ଚ଼ାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ ଉପରେ ଆଲୋଚ଼ନା କରାଯାଇଥିଲା।



ଲୋକଙ୍କୁ ନିଶାରେ ମାରାତ୍ମକ ଉପରେ ସଚେତନତାକୁ ପ୍ରସାହ୍ନ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଞ୍ଚଳମାନଙ୍କରେ ନିଷକ୍ଷଦ୍ରବ୍ୟ କ୍ଷତିକାରକ ବିଷୟରେ ଜନସଚେତନତା ସୃଷ୍ଟି କରିବା। ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ ରଖିବା। ବିଶେଷ କରି ଓଡିଶା ଜୀବିକା ମିଶନ ତରଫରୁ କାର୍ଯ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚ଼ନା କରାଯାଇଥିଲା। କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ଗଞ୍ଜେଇ ଚ଼ାଷ ବଦଳରେ ସେହି ଅଞ୍ଚଳର ଲୋକଙ୍କୁ ଫଳ, ମକା ଓ ଅନ୍ୟ ଅର୍ଥକାରୀ ଫସଲ ଚ଼ାଷ ପାଇଁ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ ଶ୍ରୀ କୁଲକାର୍ଣ୍ଣି ଗୁରୁତ୍ୱ ଦେଇଥିଲେ। ପୋଲିସ ସହିତ ଅବକାରୀ ବିଭାଗ ମିଳିତ ଭାବରେ ମାଜିଷ୍ଟ୍ରେଟଙ୍କୁ ନେଇ ଚ଼ଢ଼ାଉ କରିବା ପାଇଁ ପରାମର୍ଶ ଦେଇଥିଲେ। ଗଛ ନଷ୍ଟ କରି ସକ୍ରିୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଅବକାରୀ ଅଧିକ୍ଷକ ସନ୍ତୋଷ କୁମାର ଧଳସକ୍ଷମନ୍ତ, ସମସ୍ତେ ଥାନା ଅଧିକାରୀ, ଜିଲ୍ଲା ମୁଖ୍ୟ ଚ଼ିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ, ଉଦ୍ୟାନ ବିଭାଗ, ଜିଲ୍ଲା ଦକ୍ଷ୍ୟତା ଓ କର୍ମ ନିୟୋଜନ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଯୋଗଦାନ କରି ଆଲୋଚ଼ନାରେ ଅଂଶଗ୍ରହଣ କରିଥିଲେ।

# ବାଇକ୍‌ରୁ ଖସି ମହିଳାଙ୍କ ମୃତ୍ୟୁ

**ଜଳେଶ୍ୱର: ଏକ୍ସପ୍ରେସ ନ୍ୟୁଜ୍**

ସ୍ୱାମୀ ପୁଅ ସହ ଡାକ୍ତରଖାନାରୁ ଘରକୁ ଫେରୁଥିବା ବେଳେ ବାଇକ୍‌ରୁ ଖସି ମହିଳାଙ୍କ ଅକାଳ ମୃତ୍ୟୁ ଘଟିଛି। ସୂଚ଼ନା ଅନୁସାରେ ଜଳେଶ୍ୱର ଥାନା, ରାଜପୁର ପଞ୍ଚାୟତ ବାଘାବାଳୀ ଗାଁର ଦିନବନ୍ଧୁ ଜେନାଙ୍କ ପୁଅ ପ୍ରଶାନ୍ତ, ଧର୍ମପତ୍ନୀ ଶାନ୍ତିଲତା(୩୬) ସହ ପୁଅକୁ ଧରି ରବିବାର ସକାଳେ ବାଇକ୍ ଯୋଗେ ଜିକେ ଭଞ୍ଜର ହସ୍ପିଟାଲକୁ ଯାଇଥିଲେ। ପୁଅକୁ କୁକୁର କାମୁଡା ଇଞ୍ଜେକସନ ଦେଇ ଘରକୁ ଫେରିବା ବେଳେ ନୂଆ ବଜାର, ଦାସ କଲୋନୀ ନିକଟରେ ଶାନ୍ତିଲତା ବାଇକ୍‌ରୁ ପଡ଼ି ଗୁରୁତର ହୋଇଥିଲେ। ମୁମୂର୍ଷୁ ଭାବେ ସନ୍ନକଟ ହସ୍ପିଟାଲରେ ଭର୍ତ୍ତି ପରେ ପରିସ୍ଥିତି ଜଟିଳ ଥିବାରୁ ରେମୁଣା ସ୍ଥିତ ଫକୀରମୋହନ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସିଟି ସ୍କାନ ଲାଗି ବାଲେଶ୍ୱର ଡାକ୍ତରଖାନା ନେବାପରେ ପରିସ୍ଥିତି ସଙ୍ଗୀନ ଥିବାରୁ ଅଚେତ ଅବସ୍ଥାରେ ଭୁବନେଶ୍ୱର ନେବା ରାସ୍ତାରେ ଅପରାହ୍ଣରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା। ଶବ ବ୍ୟବଚ୍ଛେଦ ପରେ ଗ୍ରାମକୁ ଆଣି ସୁବର୍ଣ୍ଣରେଖା ନଦୀ କୂଳ ଶ୍ମଶାନରେ ପୁଅ ବ୍ରହ୍ମାନନ୍ଦ, ପୁତୁରା ଚ଼ନ୍ଦନ, କାହ୍ନା ମିଳିତ ଭାବେ ମୁଖାଗ୍ନି ଦେଇଥିଲେ। ସରପଞ୍ଚ ମମତା ପରିଡ଼ା, ଦିଲ୍ଲିପ ପରିଡ଼ା, ବିଜୟ କୁମାର ଦାସ, କିଶୋରୀ ଚ଼ନ୍ଦ୍ର ଦାସ, ବିଷ୍ଣୁ ଚ଼ରଣ ପାଳ ପ୍ରମୁଖ ଶତାଧିକ ଗ୍ରାମବାସୀ ଉପସ୍ଥିତ ହୋଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶାନ୍ତି ଲତାର ଅକାଳ ବିୟୋଗରେ ବାପଘର ନଛିମପୁର ଓ ଶାଶୂଘର ବାଘାବାଳୀରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ଦାରିଙ୍ଗବାଡ଼ିରେ ବର୍ଷା ବଢ଼ାଇଛି ଚ଼ିନ୍ତା

**ଦାରିଙ୍ଗବାଡ଼ି: ଏକ୍ସପ୍ରେସ ନ୍ୟୁଜ୍**

ଓଡ଼ିଶାର କଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ପାଣିପାଗରେ ପରିବର୍ତ୍ତନ ଆସିଛି। ସୋମବାର ଭୋର ସମୟରୁ ଝିପିଝିପି ବର୍ଷା ଲାଗିରହିଥିବା ସହ ପ୍ରବଳ ଶୀତ ଅନୁଭୂତ ହୋଇଛି। ରାତ୍ରକାଳୀନ ଥଣ୍ଡାରେ ହ୍ରାସ ପାଇଥିବା ବେଳେ ଦିନରେ କୋହଲା ପାଗ ଓ ମେଘୁଆ ପାଗ ଯୋଗୁ ଶୀତ ଦ୍ୱିଗୁଣିତ ହୋଇଛି। ସର୍ବନିମ୍ନ ତାପମାତ୍ରା ୧୧.୦୫ ଡିଗ୍ରୀ ରହିଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ସେପଟେ ହଠାତ୍ କାରଣରୁ ଧାନଚ଼ାଷୀଙ୍କ ମଧ୍ୟରେ ଚ଼ିନ୍ତା ବଢ଼ିଛି। ଏବେ ଅଞ୍ଚଳରେ ଧାନକଟା ଚ଼ାଲିଥିବା ବେଳେ ଅନେକ ଚ଼ାଷୀଙ୍କ କ୍ଷେତରେ ଧାନ କଟାଯାଇ ପଡ଼ିଛି। ଅମଳ କାର୍ଯ୍ୟ ସରିନାହିଁ ଫଳରେ କ୍ଷେତରୁ ସୁରକ୍ଷିତ ସ୍ଥାନକୁ ଚ଼ାଷୀ ଅମଳ ଧାନ ଓ କଟାଯାଇ ରଖାଯାଇଥିବା ଧାନବିଡ଼ାକୁ ନେବାକୁ ଉଦ୍ୟମ କରୁଥିବା ବାଡ଼ାବାଙ୍ଗା ପଞ୍ଚାୟତ ପଦ୍ମପଲିର ଧାନଚ଼ାଷୀ ସୁରଞ୍ଜନ ପ୍ରଧାନ କହିଛନ୍ତି ହଠାତ ବର୍ଷା ଯୋଗୁ ଚ଼ାଷୀକୁଳ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

# ବିଶ୍ୱ ଏଡ଼ସ ଦିବସ

**ଗୋଲାମୁଣ୍ଡା, ୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ବିଶ୍ୱ ସାରା ଏଡ଼ସ ପାଳିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମାଁ ବସ୍ତରେନି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସାନଚେରଗାଁ ପକ୍ଷରୁ ମଧ ବିଶ୍ୱ ଏଡ଼ସ ଦିବସ ୨୦୨୫ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ, ଅଧାପକ ସହିତ ସମସ୍ତ ଛାତ୍ରଛାତ୍ରୀ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟ ପରିସରରୁ ଛାତ୍ରଛାତ୍ରୀମାନେ ଲମ୍ବା ଧାଡି ହୋଇ କେଗାଁ ସାରା ଭ୍ରମଣ କରି ଲୋକଙ୍କୁ ଏଡ଼ସ ବିଷୟରେ ସଚେତନ କରାଇଥିଲେ।

# ଶୁଦ୍ଧି ପାଇଁ ରଖିଥିଲେ ୪ଲକ୍ଷ: ତଥାପି ୨୦ ଘଣ୍ଟା ପଡ଼ିରହିଲା ବୃଦ୍ଧାଙ୍କ ଶବ

**ଧରାକୋଟ: ଏକ୍ସପ୍ରେସ ନ୍ୟୁଜ୍**

ନିଜର ମୃତ୍ୟୁ ପରେ ଶବ ସତ୍କାର ଓ ଶୁଦ୍ଧିକ୍ରିୟା ଭୋଜିଭାତ ପାଇଁ ଆଗୁଆ ବ୍ୟବସ୍ଥା କରି ଗାଁ କୋଠରେ ୪ଲକ୍ଷ ଟଙ୍କା ଜମା ଦେଇଥିଲେ। ଏହା ସତ୍ତ୍ୱେ ମୃତ୍ୟୁ ପରେ ସମ୍ପତ୍ତିକୁ ନେଇ ଦୁଇ ଝିଅ ଓ ବୋହୂଙ୍କ ମଧ୍ୟରେ ବିବାଦ ଦେଖାଦେବାରୁ ଜନୈକା ବୃଦ୍ଧାଙ୍କ ଶବ ସତ୍କାର ହୋଇ ନ ପାରି ୨୦ଘଣ୍ଟା ଧରି ପଡ଼ିରହିଥିଲା। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକର ଗୋଲା ଦାମୋଦରପଲ୍ଲୀ ପଞ୍ଚାୟତର କମାଶାସନ ଗ୍ରାମରେ ଏଭଳି ଘଟଣା ଘଟିଛି। ସମ୍ପତ୍ତି ସହ ଟଙ୍କା ପଇସା ପ୍ରସଙ୍ଗକୁ ନେଇ ବୋହୂ ଏବଂ ଝିଅମାନଙ୍କ ମଧ୍ୟରେ କଳି ଲାଗି ରହିବାରୁ ରତ୍ନାଲୁ ରେଡ୍ଡି(୬୫)ଙ୍କ ଶବ ଘରୁ ଉଠି ପାରି ନଥିଲା। ଶେଷରେ ଆପୋସ ସମାଧାନ କରାଯିବାରୁ



୨୦ ଘଣ୍ଟା ପରେ ଶବ ସତ୍କାର ବ୍ୟବସ୍ଥା କରାଯାଇଥିଲା। ରତ୍ନାଲୁଙ୍କ ଦୁଇ ପୁଅ ଓ ଦୁଇ ଝିଅଙ୍କ ମଧ୍ୟରୁ ଉଭୟ ପୁଅଙ୍କ ପୂର୍ବରୁ ମୃତ୍ୟୁ ହୋଇ ସାରିଛି। ପୁଅଙ୍କ ମୃତ୍ୟୁ ପରେ ରତ୍ନାଲୁ ନିଜ ବଡ଼ ଝିଅ ଘରେ ରହୁଥିଲେ। ତେବେ ରତ୍ନାଲୁଙ୍କ ନାମରେ ଥିବା କିଛି ଟଙ୍କାକୁ ନେଇ ପରିବାର ସଦସ୍ୟଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ଏପରିକି ରତ୍ନାଲୁ ନିଜ ନାମରେ ଥିବା ଘରକୁ ବଡ଼ଝିଅ ନାମରେ କରିଥିବା ଅଭିଯୋଗ ହୋଇଛି। ଶନିବାର ରାତି ୮ଟା ୩୦ରେ ରତ୍ନାଲୁଙ୍କ ମୃତ୍ୟୁ ପରେ ସଂପତ୍ତି ବିବାଦ ଉଗ୍ର ରୂପ ନେଇଥିଲା।

ଦୁଇ ବୋହୂ କୁଳ ସମାଜକୁ ଧରି ଶବ ସତ୍କାର ନିମନ୍ତେ ବାହାରିବା ବେଳେ ଦୁଇ ଝିଅ ମା'ର ଟଙ୍କାପଇସାର ହିସାବ ତୁଟାଇବାକୁ ଜିଦ୍ ଧରି ଶବକୁ ସତ୍କାର କରିବାକୁ ଦେଇନଥିଲେ। ଫଳରେ ଶବ ବଡ଼ ଝିଅ ଘରେ ପଡ଼ି ରହିଥିଲା। ଏପରିକି ରତ୍ନାଲୁ ନିଜର ଶବ ସତ୍କାର ଓ ଶୁଦ୍ଧିକ୍ରିୟା ପାଇଁ ଗାଁର କୋଠରେ ୪ଲକ୍ଷ ଟଙ୍କା ପୂର୍ବରୁ ଜମା ଦେଇ ଯାଇଥିବାରୁ ଏହାକୁ ନେଇ ମଧ ବିବାଦ ହୋଇଥିଲା। ଏହି ସବୁ ସମ୍ପତ୍ତି ଓ ଟଙ୍କାର ହିସାବ ତୁଟାଇବାକୁ ଝିଅମାନେ ଦାବି କରିଥିଲେ। ଏହାକୁ ନେଇ ଦୁଇ ଝିଅ ଓ ବୋହୂ ମଧ୍ୟରେ ଟଣାଓଟରା ଲାଗି ରହିଥିଲା।

ତେବେ ଶବ ସତ୍କାର ହୋଇନଥିବାରୁ ଗାଁରେ ପୂଜା ଓ କର୍ମ ବନ୍ଦ ରହିଥିଲା। ଏହାସହ ରବିବାର ସକାଳୁ ଗାଁର କୌଣସି ଘରେ ଚୁଲି ମଧ ଲାଗି ନଥିଲା। ଶବଦାହକୁ ନେଇ ଟଣାଓଟରା ଘଟଣା ପ୍ରଚ଼ାର ହେବାପରେ ଧରାକୋଟ ଥାନା ଅଧିକାରୀ ଚ଼ନ୍ଦ୍ରିକା ସ୍ୱାଇଁ ଏବଂ ତାଙ୍କ ଦଳ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ବୁଝାସୁଝା କରିଥିଲେ। ଦୀର୍ଘ ୨୦ ଘଣ୍ଟା ଧରି ଶବ ପଡ଼ିରହିବା ପରେ ରବିବାର ଅପରାହ୍ଣ ୪ଟା ସମୟରେ ଗ୍ରାମ ଶ୍ମଶାନରେ ରତ୍ନାଲୁଙ୍କ ଶବସତ୍କାର ହୋଇଥିଲା।

# ଟ୍ରେନ୍‌ରୁ ଖସି ଚ଼ାଲିଗଲା ଶିକ୍ଷକଙ୍କ ଜୀବନ

**ଝାରସୁଗୁଡା: ଏକ୍ସପ୍ରେସ ନ୍ୟୁଜ୍**

ଝାରସୁଗୁଡା ରେଳ ଷ୍ଟେସନରେ ଅଘଟଣ। ସୋମବାର ସକାଳୁ ଚ଼ଳନ୍ତା ଟ୍ରେନରେ ଚ଼ଢ଼ିବା ବେଳେ ଜଣେ ଶିକ୍ଷକଙ୍କ ମୃତ୍ୟୁ ଘଟିଛି। ମୃତକ ଛତିଶଗଡ ରାୟପୁରର ବି.ଶିବଶଙ୍କର (୬୫) ବୋଲି ଜଣାପଡିଛି। ସେ ବରଗଡ଼ ଜିଲ୍ଲା ମେଲଛାମୁଣ୍ଡା ଥାନା ଅନ୍ତର୍ଗତ ନୂଆପାଲିର ଏକ ବିଦ୍ୟାପୀଠରେ ଶିକ୍ଷକ ଭାବେ କାର୍ଯ୍ୟରତ। ସୂଚ଼ନା ଅନୁସାରେ, ଶିବଶଙ୍କର ସୋମବାର ସକାଳ ସାଢେ ୭ଟା ବେଳେ ଜ୍ଞାନେଶ୍ୱରୀ ଏକ୍ସପ୍ରେସରେ ଚ଼ଢିବାକୁ ଯାଉଥିବା ବେଳେ ଟ୍ରେନଟି ଛାଡି ଦେଇଥିଲା। ଫଳରେ ଶିବଶଙ୍କରଙ୍କର ଗୋଡ ଖସି ଯାଇଥିଲା ଏବଂ ସେ ତଳକୁ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। ହେଲେ ସେତେବେଳକୁ ସେ ଟ୍ରେନ ତଳକୁ ଗଳି ପଡ଼ିଥିଲେ। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚ଼ର୍ଚ୍ଚାର ବିଷୟ ହୋଇଛି। ଖବର ପାଇ ଜିଆରପି ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

# ମଣ୍ଡିରେ ପଡ଼ିଛି ଧାନ, ବର୍ଷା ଦେଖି ଚ଼ାଷୀ ଛାନିଆ

**ବରଗଡ: ଏକ୍ସପ୍ରେସ ନ୍ୟୁଜ୍**

ବରଗଡ ଜିଲ୍ଲାରେ ନଭେମ୍ବର ୨୮ ତାରିଖରୁ ଧାନ ମଣ୍ଡି ଖୋଲିଥିଲେ ମଧ ଚ଼ାରି ଦିନ ବିତି ଯାଇଥିଲେ ମଧ ଏଯାଏଁ ବିଜା ଟାଏ ଧାନ ବିକ୍ରି କରିପାରିନାହାନ୍ତି ଚ଼ାଷୀ। ଭାତ ହାଣ୍ଡିରେ ୫୦ ପ୍ରତିଶତରୁ ଅଧିକ ଧାନ ଅମଳ ହୋଇ ମଣ୍ଡିରେ ପଡି ରହିଛି। ଚ଼ାଷୀଙ୍କ ଟୋକାନ ମଧ ଆସି ପଡି ରହିଛି। କିନ୍ତୁ ସରକାର ବର୍ତ୍ତମାନ ସୁଦ୍ଧା ଗୋଟିଏ ବି ବୀଜା ଧାନ ବରଗଡ ଜିଲ୍ଲାରେ ଉଠାଇ ପାରି ନାହାନ୍ତି। ରାଜ୍ୟ ସରକାର ଓ ମିଲର୍ସ ମଧ୍ୟରେ ଚ଼ାଲିଥିବା ଥିବା ବିବାଦ ଏ ଯାଏଁ ତୁଟି ପାରି ନାହିଁ। ଅନ୍ୟ ପଟେ ସୋମବାର ଭୋର ସକାଳୁ ହୋଇଥିବା ଅଦିନିଆ ବର୍ଷା ଚ଼ାଷୀଙ୍କ ଚ଼ିନ୍ତାକୁ ଦ୍ୱିଗୁଣିତ କରି ଦେଇଛି।

କେଉଁ ଜାଗାରେ ଖୋଲା ଆକାଶ ତଳେ ଧାନ ପଡି ରହିଥିବା ବେଳେ ଅନ୍ୟ କେଉଁଠି ରାଜା ରାସ୍ତାରେ ଶୁଖାଯାଉଥିବା ଧାନ ଭିଜିବାରେ ଲାଗିଛି। ଯାହାକୁ ନେଇ ଚ଼ାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ସଂଗଠନ, ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ଏକ ଲକ୍ଷ ୬୩ ହଜାର ରୁ ଅଧିକ ଚ଼ାଷୀ ପଞ୍ଜିକରଣ କରିଛନ୍ତି। ତେବେ ୫ ହଜାରରୁ ଉର୍ଦ୍ଧ୍ୱ



ଚ଼ାଷୀ ବରଗଡ ଜିଲ୍ଲାରେ ପଞ୍ଜିକରଣରୁ ବାଦ ପଡିଛନ୍ତି। ବରଗଡ ଜିଲ୍ଲାରେ ପ୍ରାୟତଃ ୨ଲକ୍ଷରୁ ଅଧିକ ଧାନ ଜିଲ୍ଲାର ବିଭିନ୍ନ ମଣ୍ଡିରେ ପଡି ରହିଛି।

ଧାନ କିଣାବିକା ପ୍ରକ୍ରିୟାର ଅବ୍ୟବସ୍ଥାକୁ ନେଇ ସୋମବାର କଳାପାଣି ମଣ୍ଡିରେ ଜିଲ୍ଲାର ବିଭିନ୍ନ ଚ଼ାଷୀ ସଂଗଠନ ପକ୍ଷରୁ ଏକ ଜରୁରୀ କାଳୀନ ବୈଠକ ଡକାଯାଇଥିଲା। ଏହି ବୈଠକ ସମୟରେ ବରଗଡ ଜିଲ୍ଲାର ଖାଦ୍ୟ ଯୋଗାଣ ଅଧିକାରୀ ଓ ମାଜିଷ୍ଟେଟ ଦାୟିତ୍ୱରେ ଥିବା ବରଗଡ ଅତିରିକ୍ତ ତହସିଲଦାର ଘଟଣା ସ୍ଥଳକୁ ପହଞ୍ଚି ଚ଼ାଷୀମାନଙ୍କ ସହ ଆଲୋଚ଼ନା କରିଥିଲେ। ଆଲୋଚ଼ନା କରି ଖୁବଶୀଘ୍ର ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କିନ୍ତୁ ଚ଼ାଷୀ ସଂଗଠନ ପକ୍ଷରୁ ସୋମବାର ଧାନ ନ ଉଠିଲେ ଯେ କୌଣସି ମୁହୂର୍ତ୍ତରେ ଚ଼ାଷୀ ରାଜ୍ୟ ରାସ୍ତାକୁ ଓଲ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ଧାନ କିଏ କିଣିବ କେତେ ଟଙ୍କାରେ କିଣିବ କେବେ କିଣିବ ଏହାକୁ ନେଇ ଦ୍ୱନ୍ଦ୍ୱ ଜାରି ରହିଛି। ଆଶା ଆଶଙ୍କାରେ ଚ଼ାଷୀ। କେବେ ଉଠିବ ଧାନ। ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି ପାଳନ ହେବ ତ। ନା ଆନ୍ଦୋଳନକୁ ଓଲ୍ଲାଇବେ ଚ଼ାଷୀ।

## ବାଣିଜ୍ୟ

# ଏଣିକି ବ୍ୟାଙ୍କରେ ବଦଳାଇ ହେବ ଚିରାଫଟା ଟଙ୍କା

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**

ଆପଣଙ୍କ ପାଖରେ ଚ଼ିରାଫଟା କିମ୍ବା ଅଚ଼ଳ ଟଙ୍କା ରହିଯାଇଛି କି ? କେମିତି ତାକୁ ବଦଳାଇ ନୂଆ ଟଙ୍କା ଆଣିବେ ସେଥିପାଇଁ ଚ଼ିନ୍ତାରେ ଅଛନ୍ତି କି ? ଯଦିଓ ଏକଥା ଅନେକ ଜାଣିଥା'ନ୍ତି, ତଥାପି କିଛି ଲୋକ ଏବେବି ଏସବୁ ନଜାଣି ପରିବା ଦୋକାନୀ, ବସ୍ କିମ୍ବା ତେଲଟାଙ୍କିରେ ଟଙ୍କା ଦେଇ ବଦଳାଇ ନିଅନ୍ତି। ବେଳେବେଳେ ସେମାନେ ଟଙ୍କା ନ ଫେରେଇ ଅସୁବିଧାରେ ବି ପଡନ୍ତି।

୧୦ଟଙ୍କା ବା ତଦୁର୍ଦ୍ଧ୍ୱ ମୂଲ୍ୟର ଯେଉଁ ନୋଟ୍‌ଗୁଡିକ ମଇଳା କିମ୍ବା ସାମାନ୍ୟ କଟିଯାଇଛି ସେଗୁଡିକୁ ଆପଣ ଯେକୌଣସି ପବ୍ଲିକ୍ ସେକ୍ଟର୍ ବ୍ୟାଙ୍କରେ ବଦଳାଇ ପାରିବେ। କିମ୍ବା ଭାରତୀୟ ରିଜର୍ଭ ବ୍ୟାଙ୍କର ଯେକୌଣସି ଶାଖାରେ ବଦଳାଇ ନୂଆ ଟଙ୍କା ନେଇପାରିବେ। ଏଥିପାଇଁ ଆପଣଙ୍କୁ ଫର୍ମ ଫିଲ୍‌ଅପ୍‌ର ଦରକାର ପଡିନଥାଏ।

ଯେଉଁ ନୋଟ୍‌ଗୁଡିକ ଖଣ୍ଡଖଣ୍ଡ ହୋଇଯାଇଛି କିମ୍ବା ନୋଟ୍‌ର ଅତ୍ୟାବଶ୍ୟକ ଅଂଶ ଅର୍ଥାତ୍ ପୋଟ୍‌ର ପ୍ରାଧିକରଣ (ନେମ୍ ଅଫ୍ ଇସ୍ୟୁଇଂ ଅଥରିଟି), ଗ୍ୟାରେଣ୍ଟି, ପ୍ରମିଜ୍ କ୍ଲଜ୍, ଦସ୍ତଖତ, ମହାତ୍ମା ଗାନ୍ଧୀଙ୍କ ଫଟୋ, ଅଶୋକ ସ୍ତମ୍ଭ ପ୍ରତୀକ, ଓ୍ୱାଟରମାର୍କ ଇତ୍ୟାଦି ଚ଼ିରିଯାଇଛି କି ଲିଭିଯାଇଛି ସେପରି ନୋଟ୍‌କୁ ବି ଆପଣ ବଦଳାଇ ପାରିବେ। ଏହାକୁ ମଧ ବିନା କୌଣସି ଫର୍ମ ଦାଖଲ କରି ଯେକୌଣସି ପବ୍ଲିକ୍ ସେକ୍ଟର୍ ବ୍ୟାଙ୍କ ଶାଖା, କୌଣସି ଘରୋଇ ବ୍ୟାଙ୍କର ମୁଦ୍ରା ବିନିମୟ କାଉଣ୍ଟର୍, ଆର୍‌ବିଆଇର ଶାଖାରେ ଆପଣ ବଦଳାଇ ପାରିବେ।

ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଟିଏଲ୍‌ଆର୍ (ଟ୍ରିପଲ୍ ଲକ୍ ରିସେପ୍ଟକଲ୍) କଭର୍ ମାଧ୍ୟମରେ ବିକୃତ ନୋଟ୍‌ର ବିନିମୟ ସୁବିଧା ମଧ ରହିଛି। ଲୋକେ ରିଜର୍ଭ ବ୍ୟାଙ୍କର ଇନ୍‌କ୍ୱାରି କାଉଣ୍ଟର୍‌ରୁ ଏକ ଟିଏଲ୍‌ଆର୍ କଭର୍ ପାଇପାରିବେ ଏବଂ ସେଥିରେ ଆପଣଙ୍କ ନାମ, ଠିକଣା, ଜମା ହୋଇଥିବା ନୋଟ୍‌ର ନାମ ଇତ୍ୟାଦି ପୂରଣ କରି ଉକ୍ତ କଭର୍‌ରେ ରଖି ଟ୍ରିପଲ୍ ଲକ୍ ରିସେପ୍ଟକଲ୍ ନାମକ ବାକ୍ସରେ ଜମା କରିବାକୁ ପଡିବ। ଏହି ବାକ୍ସକୁ ରିଜର୍ଭ ବ୍ୟାଙ୍କର ପ୍ରତ୍ୟେକ ଇସ୍ୟୁ ଅଫିସର ଇନକ୍ୱାରି କାଉଣ୍ଟର୍‌ରେ ରଖାଯାଇଛି। ବିକୃତ ନୋଟ୍‌ଗୁଡିକର ପ୍ରଚ଼ଳିତ ବିନିମୟ ମୂଲ୍ୟ ବ୍ୟାଙ୍କ୍ ଡ୍ରାଫ୍ଟ କିମ୍ବା ପେ' ଅର୍ଡର୍ ମାଧ୍ୟମରେ ରିମିଟ ହେବ। ପଞ୍ଜୀକୃତ/ ବୀମା ହୋଇଥିବା ପୋଷ୍ଟ ଦ୍ୱାରା ଆର୍‌ବିଆଇର ଯେକୌଣସି କାର୍ଯ୍ୟାଳୟକୁ ମ୍ୟୁଟିଲେଟେଡ୍ ନୋଟ୍ ପଠାଯାଇପାରିବ।

ଅତ୍ୟଧିକ ମଇଳା, ଭଙ୍ଗା, ଜଳିଯାଇଥିବା କିମ୍ବା ଧରି ହେଉନଥିବା ନୋଟ୍‌ଗୁଡିକୁ କେବଳ ରିଜର୍ଭ ବ୍ୟାଙ୍କ୍‌ର ଇସ୍ୟୁ ଅଫିସ୍‌ରେ ବଦଳାଇ ହେବ। ଏପରି ନୋଟ୍ ଥିବା ବ୍ୟକ୍ତି କ୍ଲେମ୍ ସେକ୍ସନ୍‌ରେ ଥିବା ଅଫିସର୍, ଆର୍‌ବିଆଇର ବିନିମୟ ଶାଖାରେ ଯାଇ ବଦଳାଇ ପାରିବେ ଏବଂ ଏ ସଂପର୍କିତ ଅଧିକ ସୂଚ଼ନା ପାଇପାରିବେ। ସେହିପରି ବିଭିନ୍ନ ପ୍ରକାର ଅଚ଼ଳ ଓ କଳଙ୍କି ଲଗା ମୁଦ୍ରାକୁ ମଧ ଆପଣ ଉକ୍ତ ବ୍ୟାଙ୍କଗୁଡିକରେ ବଦଳାଇ ନୂତନ ମୁଦ୍ରା ଆଣିପାରିବେ।

# ଶାରୀରିକ ଓ ମାନସିକ କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ନୃତ୍ୟ ଅପରିହାର୍ଯ୍ୟ

**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ କଲେଜ ଛକ ଠାରେ ମହାବୀର ଡ୍ୟାନ୍ସ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଙ୍ଗଲବରୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୁରୁ ପ୍ରସାଦ ମହାନ୍ତି, ସମ୍ମାନିତ ଅତିଥି ଭାବେ ଧୁମାଳ ପଞ୍ଚାୟତ ଯୁବ ସମାଜସେବୀ ଅଭିମନ୍ୟୁ ସିଂ, ସମାଜସେବୀ ମାନସ ରଞ୍ଜନ ପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚ଼ିତ୍ରା ନନ୍ଦ ପାତ୍ର, ନୃତ ଓ ସଙ୍ଗୀତ କଳାପ୍ରେମୀ ସୁରେନ୍ଦ୍ର କୁମାର ସ୍ୱାଇଁ, ନୟା ହାଟ ଉଚ୍ଚ ମାଧ୍ୟମିକ ମହାବିଦ୍ୟାଳୟର ପ୍ରିନସପାଲ ଜୟ ନାରାୟଣ ସ୍ୱାଇଁ, ବିଶିଷ୍ଟ ସମାଜସେବୀ




ନେତ୍ରାନନ୍ଦ ମାଣିକ ଯୋଗଦେଇ ଆନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ଏହି ସଭାରେ ଅନୁଷ୍ଠାନର ସଭାପତି ପଦ୍ମଚ଼ରଣ ରାଉତ ସଭାରେ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ସରୋଜ କୁମାର ମିଶ୍ର ସଭା ପରିଚ଼ାଳନା କରିଥିଲେ। ଉକ୍ତ ଏକାଡେମୀର ପ୍ରତିଷ୍ଠାତା ପରୀକ୍ଷିତ ବାରିକ ଓ ତାଙ୍କ ଧର୍ମପତ୍ନୀ ସ୍ନିଗ୍ଧାରାଣୀ ରାଉତଙ୍କ ଆପ୍ରାଣ ଉଦ୍ୟମ ଫଳସରୂପ ସୋମବାର ନୟାହାଟ ଓ ଏହାର ଆଖପାଖ ଅଞ୍ଚଳରେ ବେସ ସୁନାମ ଅର୍ଜନ କରିଛି। ଉକ୍ତ ନୃତ୍ୟଉତ୍ସବକୁ ସରସ ସୁନ୍ଦର କରିବାପାଇଁ ବିଶିଷ୍ଟ ଭାଷ୍ୟକାର ତଥା ଆଙ୍କରି ସଂଗ୍ରାମ ଭୋଳ। ଗ୍ରାମାଞ୍ଚଳରେ କୁନି କୁନି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକାୟିତ କଳାକୁ ଲୋକ ଲୋଚ଼ନକୁ ଆଣିବା ପାଇଁ ମହାବୀର ଡ୍ୟାନ୍ସ ଏକାଡେମୀର ଉଦ୍ଦେଶ୍ୟ ବୋଲି ଆୟୋଜକମାନେ କହିଥିଲେ। ଏହି ନୃତ୍ୟ ମାଧ୍ୟମରେ କୁନି କୁନି ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ଭଲ ପାଠ ପଢିବା ସହିତ ସାମାଜିକ ଚ଼ଳନୀ ଆଧ୍ୟାତ୍ମିକ ଚ଼ିନ୍ତା ଧାରା ବଢ଼ାଇ ଥାଏ ବୋଲି ଅତିଥିମାନେ ନିଜ ନିଜର ମତ ବ୍ୟକ୍ତ କରିଥିଲେ। ମହାବୀର ଡ୍ୟାନ୍ସ ଏକାଡେମୀର ଦ୍ୱିତୀୟ ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଚ଼ଳଚ଼ିତ୍ର ଅଭିନେତା ରାଜେଶ ଦେଓ, ସନ୍ତୋଷ ବିଶ୍ୱାଳ, ଗୋପାଳ ପଟ୍ଟନାୟକ, ସସ୍ମିତ ରାୟ ଅଭିନେତ୍ରୀ ଅନିଏଲ ଅଙ୍କିତା ଯୋଗଦେଇ ନୃତ୍ୟ ପରିବେଷଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ନୃତ୍ୟ ଦେଖି ମୁଗ୍ଧ ହେବା ସହ ଉଚ୍ଚପ୍ରଶଂସା କରି ଆଗାମୀ ଦିନରେ କିଭଳି ଭାବେ ଛାତ୍ରଛାତ୍ରୀମାନେ ଆହୁରି ଉନ୍ନତି କରିବା ସହ ଜାତୀୟସ୍ତରରେ ଅନୁଷ୍ଠାନର ନା ରଖିବେ ବୁଝାଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନୃତ୍ୟଗୁରୁଙ୍କୁ ଅତିଥିମାନଙ୍କ ଦ୍ୱାରା ମାନପତ୍ର ସହିତ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା।

# ପୁଣି ବିବାହ କଲେ ସାମନ୍ଥା



**ଚେନ୍ନାଇ: ଏକ୍ସପ୍ରେସ ନ୍ୟୁଜ୍**

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣି ଥରେ ବିବାହ କରିଛନ୍ତି। ଦି ଫ୍ୟାମିଲି ମ୍ୟାନ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ଗୁପ୍ତ ଭାବେ ବିବାହ କରିଛନ୍ତି। ବିବାହର ଫଟୋ ଶେୟାର କରି ସାମନ୍ଥା କେବଳ ଲେଖିଛନ୍ତି, ୧.୧୨.୨୦୨୫।

## ସିନେମାଫିନେମା ଟିଭିଫିଭି

ସାମନ୍ଥା ଏବଂ ରାଜ ସୋମବାର ସକାଳେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଇଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ଏହି ବିବାହ ଅନୁଷ୍ଠିତ ହୋଇଥିଲା। ବିବାହରେ ତିରିଶ ଜଣ ଅତିଥି ଯୋଗ ଦେଇଥିଲେ। ସାମନ୍ଥା ଏକ ଲାଲ ଶାଢ଼ି ପିନ୍ଧିଥିଲେ।

ରାଜ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜଙ୍କ ପୂର୍ବତନ ସ୍ତ୍ରୀ ଶ୍ୟାମଳୀ ଦେ ମଧ ଇନଷ୍ଟାଗ୍ରାମରେ ଏକ ଷ୍ଟାଟସ ପୋଷ୍ଟ କରିଥିଲେ, ଯେଉଁଥିରେ ଲେଖାଥିଲା, ହତାଶ ଲୋକମାନେ ହତାଶ କାମ କରନ୍ତି। ଏହି ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହକୁ ନେଇ ଚ଼ର୍ଚ୍ଚାକୁ ଆହୁରି ତ୍ୱରାନ୍ୱିତ କରିଥିଲା। ରାଜ ଏବଂ ଶ୍ୟାମଳୀ ୨୦୨୨ରେ ଛାଡପତ୍ର ନେଇଥିଲେ।

ସାମନ୍ଥ ରୁଥ ପ୍ରଭୁଙ୍କ ପ୍ରଥମ ବିବାହ ନାଗା ଚୈତନ୍ୟଙ୍କ ସହିତ ହୋଇଥିଲା। ୨୦୨୧ରେ ସେମାନଙ୍କର ଛାଡପତ୍ର ହୋଇଗଲା। ସେବେଠାରୁ ଉଭୟେ ନିଜ ଜୀବନରେ ଆଗକୁ ବଢ଼ିଛନ୍ତି। ନାଗା ଚୈତନ୍ୟ ମଧ ଅଭିନେତ୍ରୀ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ସେମାନଙ୍କର ବିବାହ ସମାରୋହରେ ହୋଇଥିଲା।

ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପରେ, ସାମନ୍ଥା ଏବଂ ରାଜ ଓ୍ୱେବ ସିରିଜ 'ଦି ଫ୍ୟାମିଲି ମ୍ୟାନ ୨'ରେ ଏକାଠି କାମ କରିଥିଲେ। ଏହା ପରେ ସେମାନଙ୍କର ନିବିଡତା ବଢ଼ିଥିଲା।

ଓଡ଼ିଶା

# ନିର୍ମାଣ ପରଠୁ ଅମ୍ଳଜାନ କାରଖାନା ଅଚଳ

**୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ନିର୍ମାଣ ପରଠାରୁ ଅଚଳ ରହିଛି ରୋଗୀଙ୍କ ନିମନ୍ତେ ଉଦିଷ୍ଟ ଅମ୍ଳଜାନ କାରଖାନା । ଗୁରୁତର ରୋଗୀଙ୍କୁ ଅମ୍ଳଜାନ ଯୋଗାଇବା ଲକ୍ଷ୍ୟରେ ଗୁଣପୁର ଉପଖଣ୍ଡ ଡାକ୍ତରଖାନା ପରିସରରେ ଅମ୍ଳଜାନ କାରଖାନା ସ୍ଥାପନ କରାଯାଇଥିଲା । ଯନ୍ତ୍ରାଂଶ ସ୍ଥାପନ ସହ ପାଇପ୍ ଲାଇନ୍ ନିର୍ମାଣ ସରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରୁନି । ଆନ୍ଧ୍ର-ଓଡ଼ିଶା ସୀମାନ୍ତ ରାୟଗଡା ଜିଲାର ଗୁଣପୁର ଉପଖଣ୍ଡ ଡାକ୍ତରଖାନା ଉପରେ ଶହଶହ ରୋଗୀ ନିର୍ଭରଶୀଳ । ଜିଲା ପ୍ରଶାସନ ଓ



ସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତା ଅଭାବରୁ ଏହି କାରଖାନା କାର୍ଯ୍ୟକ୍ଷମ ହୋଇ ପାରି ନାହିଁ । ଗୁଣପୁର ବ୍ଲକର ଗୁରୁତ୍ୱକୁ ଉପଲବ୍ଧ କରି ରାଜ୍ୟ ସରକାର ୨୦୦୨ ମସିହାରେ ଏହି ଚିକିତ୍ସାଳୟକୁ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପ୍ରଦାନ କରିଥିଲେ । ଏହା ଉପରେ ୫ ଗୋଟି ବ୍ଲକ ଓ ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଅଞ୍ଚଳବାସୀ ନିର୍ଭରଶୀଳ ।

କୋଭିଡ ସମୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଅମ୍ଳଜାନ କାରଖାନା ସ୍ଥାପନ କରାଯାଇଥିଲା । ପିଏମକେର ଫଣ୍ଡ ଯୋଗେ ସ୍ଥାପିତ ହୋଇଥିବା ୪୫୦ ଏଲପିଏମ୍. କ୍ଷମତା ବିଶିଷ୍ଟ ଏହି କାରଖାନାକୁ ଆଭାସୀରେ ଶୁଭାରମ୍ଭ କରାଯାଇଥିଲା । ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେସେନ ଏହାର ନିର୍ମାଣ ଦାୟିତ୍ୱ ନେଇଥିଲା । ବିଭିନ୍ନ ୱାର୍ଡରେ ଥିବା ରୋଗୀଙ୍କୁ ଅମ୍ଳଜାନ ଯୋଗାଇବା ପାଇଁ ପାଇପ ଲାଇନ ବିଛା କାମ ମଧ୍ୟ ସରି ଯାଇଛି । ହେଲେ କାରଖାନା କାର୍ଯ୍ୟକ୍ଷମ ହୋଇନଥିବାରୁ ରୋଗୀଙ୍କୁ ମାନୁଆଲ ମେସିନ ସହାୟତାରେ ଅମ୍ଳଜାନ ଯୋଗାଇ ଦିଆଯାଉଛି ।

ଦୀର୍ଘବର୍ଷ ଧରି ଏହି କାରଖାନା ଅଚଳ ରହିଥିବାରୁ ଲକ୍ଷଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କାରଖାନା ଏବେ ଖତ ଖାଉଛି । ଏହି କାରଖାନା ଅଚଳ ହୋଇଥିବା ସମ୍ପର୍କରେ ଅବଗତ ଅଛନ୍ତି ବୋଲି କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ । ନିର୍ମାଣ ହେବା ଦିନଠୁ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି । ଆନ୍ଧ୍ରର ଏକ ଠିକା ସଂସ୍ଥା ଏହା ନିର୍ମାଣ କରିଥିଲା । ସେହି ସଂସ୍ଥା ଆଉ ଧରାଛୁଆଁ ଦେଉନି । ଏହାର ମରାମତି ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଛନ୍ତି ।

## ଆଜିର ରାଶିଫଳ

ତାରିଖ ୨.୧୨.୨୦୨୫ | ମଙ୍ଗଳବାର- ଦଶମୀ, ନକ୍ଷତ୍ର- ଅଶ୍ୱିନୀ, ମେଷଚନ୍ଦ୍ର

| | |
|---|---|
| ମେଷ | ଆର୍ଥିକ ଲାଭ । |
| ବୃଷ | ସ୍ୱାସ୍ଥ୍ୟ ଅବନତି ହେବ । |
| ମିଥୁନ | ବ୍ୟବସାୟରେ ଭଲ ଆୟ ହେବ । |
| କର୍କଟ | କାର୍ଯ୍ୟ ସଫଳତା ମିଳିବ । |
| ସିଂହ | ଶତ୍ରୁ ଭୟ ଦୂର ହେବ । |
| କନ୍ୟା | ମାନସିକ ଅସ୍ଥିରତା ହେବ । |
| ତୁଳା | ସାଙ୍ଗସାଥୀରେ ହସିଖୁସିରେ ସମୟ କଟିବ । |
| ବିଛା | ମିଷ୍ଟାନ୍ନ ପ୍ରାପ୍ତି ଯୋଗ ରହିଛି । |
| ଧନୁ | ଅପେକ୍ଷା କରିଥିବା କାର୍ଯ୍ୟ ବାଧାପ୍ରାପ୍ତ ହେବ । |
| ମକର | ମାନସିକ ଅଶାନ୍ତି ଦେଖାଦେବ । |
| କୁମ୍ଭ | ବ୍ୟବସାୟରେ ଲାଭବାନ ହେବେ । |
| ମୀନ | ବିଦ୍ରୁପ ଭାବ ଜାଗ୍ରତ ହେବ । |

## ନାବାଳିକାକୁ ଅସଦାଚରଣ ଉଦ୍ୟମ, ଯୁବକ ଗିରଫ

**କଣାସ, ୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ କଲେଜରେ କ୍ଲାସ ସାରି ଘରକୁ ଯିବା ବାଟରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ଜନୈକ ନାବାଳିକା ଛାତ୍ରୀଙ୍କୁ (୧୭) ଜଟଣୀ ଥାନା ଅନ୍ତର୍ଗତ ଜୋରକଣି ବୁଢ଼ାଂଗାରା ଗ୍ରାମର ସୁଦେଇ ଓରଫ ପ୍ରଭାସ ପ୍ରଧାନ ନାମକ ଜଣେ ଯୁବକ ରାସ୍ତାରେ ଅଟକାଇ ଅସଦାଆଚରଣ କରିବାକୁ ଚେଷ୍ଟା କରିଥିଲେ । ପାଟି କଲେ ମାରିଦେବି ବୋଲି ଧମକ ଦେଇ ବାହା ହେବାର ଧମକ ବି ଦେଇଥିଲେ । ନାବାଳିକାର ସାଇକେଲକୁ ଫିଙ୍ଗି ଦେଇ ତାଙ୍କୁ ଟଣାଓଟରା କରିବା ବେଳେ ଛାତ୍ରୀ ଜଣକ ତାଙ୍କ ଭାଇକୁ ଫୋନ କରି ଡାକିଥିଲେ । ଭାଇ ଖବର ପାଇ ଆସୁଥିବା ଜାଣିପାରିବାରୁ ଅପରାଧୀ ଘଟଣାସ୍ଥଳରୁ ଖସି ପଳେଇ ଯାଇଥିଲା । ସମ୍ପୃକ୍ତ ନାବାଳିକା କଣାସ ଥାନାଧିକାରୀଙ୍କୁ ଏ କଥା ଜଣେଇବା ପରେ ଆଇଆଇସି ନିଜେ କେସ୍‌ର ତଦନ୍ତ ଦାୟିତ୍ୱ ନେଇ ପୋଲିସ ଟିମ ସହ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଆସାମୀ ପ୍ରଭାସ ପ୍ରଧାନକୁ ମନ୍ଦାରବସ୍ତ ନିକଟରୁ ଗିରଫ କରିଥିଲେ । ଏ ସଂକ୍ରାନ୍ତରେ କଣାସ ଥାନା କେସ୍ ରୁଜୁ କରାଯାଇ ତଦନ୍ତାଧୀନ ଅଛି ।

## ବିଷାକ୍ତ କୋରେକ୍ସ କଫ ସିରଫ ଜବତ : ଯୁବକ କୋର୍ଟ ଚାଲାଣ

**ମାହାଙ୍ଗା, ୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରଙ୍କ ପକ୍ଷରୁ ନିଷିଦ୍ଧ କରାଯାଇଥିବା କୋରେକ୍ସ କଫ ସିରଫ ମାହାଙ୍ଗା ମେଡିକାଲ ବଜାରରୁ ଜବତ ହେବା ସହ ଜଣେ ବ୍ୟକ୍ତି ଗିରଫ ହୋଇଥିବା ଜଣାଯାଇଛି । ସୂଚନାନୁଯାୟୀ ମାହାଙ୍ଗା ମେଡିକାଲ ବଜାରରେ ବହୁଳ ପରିମାଣରେ ବିଷାକ୍ତ କୋରେକ୍ସ କଫ ସିରଫ କାରବାର ହେଉଥିବା ନେଇ ମାହାଙ୍ଗା ପୋଲିସ କୌଣସି ସୂତ୍ରରୁ ଖବର ପାଇଥିଲା । ତେବେ ଗତକାଲି ରାତିରେ ମାହାଙ୍ଗା ଥାନା ଆଇଆଇସି ତପନ କୁମାର ରାଉତଙ୍କ ନେତୃତ୍ୱରେ ଏସଆଇ କେ.ଲାକ୍ରା, ଏସଆଇ ଦିଗମ୍ବର ମୁଦୁଲି ସାଧା ପୋଷାକରେ ଗ୍ରାହକ ସାଜି ମେଡିକାଲ ବଜାରରେ ବିକ୍ରି କରୁଥିବା ରମାକାନ୍ତ ସିଂହଙ୍କ ନିକଟକୁ ଯାଇ ଏକ ବୋତଲ ବିଷାକ୍ତ କୋରେକ୍ସ କଫ ସିରଫ କିଣିଥିଲେ । ଏହାପରେ ଏହି ପୋଲିସ ଟିମ ରମାକାନ୍ତଙ୍କ ଦୋକାନ ଓ ବାସଭବନ ଉପରେ ଚଢାଉ କରି ୫୦ ବୋତଲ ବିଷାକ୍ତ କୋରେକ୍ସ କଫ ସିରଫ ଜବତ କରି ତାଙ୍କୁ ଗିରଫ କରିଥିଲେ । ଥାନା କେସ ନଂ ୩୭୮/୨୫ରେ ଏକ ମାମଲା ରୁଜୁ କରି ଉମାକାନ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ସୂତ୍ରରୁ ପ୍ରକାଶ । ଅପର ପକ୍ଷେ ମାହାଙ୍ଗା ପୋଲିସ ପକ୍ଷରୁ ଚଢାଉ କରାଯାଇ ବିଷାକ୍ତ କୋରେକ୍ସ କଫ ସିରଫ ଜବତ କରାଯାଉଥିବା ବେଳେ ଡ୍ରଗ୍ସ କଣ୍ଟ୍ରୋଲ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛ ।

## ମନ୍ତ୍ରୀଙ୍କ ଏସ୍‌କର୍ଟ ଗାଡି ଧକ୍କାରେ ବୃଦ୍ଧା ଗୁରୁତର

**ଜଗତସିଂହପୁର, ୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ-ପାରାଦୀପ ରାସ୍ତାର ତାରପୁର ଛକରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଶିଳ୍ପ ମନ୍ତ୍ରୀଙ୍କ ଏସ୍‌କର୍ଟ ଗାଡି ଧକ୍କାରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି । ବୃଦ୍ଧା ଜଣକ ରାସ୍ତା ପାର୍ ହେଉଥିବାବେଳେ ମନ୍ତ୍ରୀଙ୍କ ଏସକର୍ଟ ଗାଡିଟି ତାଙ୍କୁ ଧକ୍କା ଦେଇଥିଲା । ବୃଦ୍ଧା ଜଣଙ୍କୁ ତୁରନ୍ତ ଉଦ୍ଧାର କରାଯାଇ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ପୁଲିସ୍ ଘଟଣାରେ ଅଧିକ ଛାନଭିନ୍ ଜାରି ରଖିଛି ।

## କଳିଙ୍ଗନଗର ଓଡ଼ିଶାର ଅର୍ଥନୀତି ବୃଦ୍ଧିର ନୂଆ ଇଞ୍ଜିନ

# ‘ସାଇନୋମାକ୍ ଟେକ୍ନୋଲୋଜିସ୍’ ରେଳ ଇକ୍ୱିପମେଣ୍ଟର ହବ୍

**କଳିଙ୍ଗନଗର, ୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶାରେ ଶିଳ୍ପାୟନ ନୂଆ ଗତି ଗଣାଇଛି । ରାଜ୍ୟ ସରକାର ୪,୩୫୩ କୋଟି ମୂଲ୍ୟର ୨୦ଟି ନୂଆ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦେଇଛନ୍ତି, ଯାହା ଦ୍ୱାରା ୭୮୧୫ ନୂଆ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି ହେବ । ସେଥିରୁ ସବୁଠାରୁ ବଡ଼ ଆକର୍ଷଣ- ଯାଜପୁର କଳିଙ୍ଗନଗରରେ ‘ସାଇନୋମାକ୍ ଟେକ୍ନୋଲୋଜିସ୍’ର ରେଳ ଉପକରଣ ମାନୁଫାକ୍ଚରିଂ ୟୁନିଟ୍ । ୭୦.୫୦ କୋଟିର ରେଳ-ଇକ୍ୱିପମେଣ୍ଟ ପ୍ରକଳ୍ପ: ଯାଜପୁରରେ ପୂର୍ବ-ଭାରତର ପ୍ରଥମ ମେଗା ହବ୍ ହେବଛନୂଆ କାରଖାନାରେ ରେଳ ବଗି, ହାଇ-ଟେକ୍ ରେଳ ଉପକରଣ, ବିଶେଷ ମେକାନିକାଲ୍-ଇଞ୍ଜିନିୟରିଂ ପାର୍ଟସ୍ ତିଆରି ହେବ । ଏହି ରେଳ ପ୍ରକଳ୍ପ ରେ ସିଧାସଳଖ ନିଯୁକ୍ତି - ୩୫୦ ରୁ ୫୦୦ ପରୋକ୍ଷ ନିଯୁକ୍ତି - ୧୦୦୦ ଇଞ୍ଜିନିୟରିଂ, ୱେଲ୍ଡିଂ, ଫ୍ୟାବ୍ରିକେସନ୍, ସିଏନ୍‌ସି, ମେକାନିକାଲ୍ ମେଣ୍ଟେନେନ୍ସ, କ୍ୱାଲିଟି-କଣ୍ଟ୍ରୋଲ ଭଳି




ପଦବୀରେ ଅଧିକ ଚାକିରି ସୃଷ୍ଟି ହେବ । କଳିଙ୍ଗନଗର - ମେଟାଲ୍-ମାଇନିଂ-ମାନୁଫାକ୍ଚରିଂ ଚେଇନକୁ ଦେବ ନୂଆ ଶକ୍ତି ଦେବ । ମେଗା ଇସ୍ପାତ ଓ ମେଟାଲ୍ କ୍ଲଷ୍ଟର ଥିବା କଳିଙ୍ଗନଗର ଏବେ ରେଳ ଉପକରଣ ନିର୍ମାଣରେ ଦେଶର ନୂତନ ଗନ୍ତବ୍ୟ ହେବ । ଟାଟା ଷ୍ଟିଲ୍, ଜିନ୍ଦଲ, ଭିସା, ଜେଏସ୍‌ଡବ୍ଲ୍ୟୁ, ଇମ୍ପା, ନୀଳାଞ୍ଚଳ ଇସ୍ପାତ, ମେସ୍କୋ, ଜଟିଆ ଷ୍ଟିଲ ଭଳି ବଡ଼ ଉଦ୍ୟମ ନିକଟରେ ଥିବାରୁ - କଞ୍ଚାମାଲ ଲୋ କଷ୍ଟରେ ମିଳିବ ଓ ପ୍ରଡକ୍ସନ୍ ଏକ୍ସପାଣ୍ଡ ହେବାର ସୁଯୋଗ ତିଆରି ହେବ। ଭୂଗୋଳିକ ଲାଭ ମିଳିବ କଳିଙ୍ଗନଗର ପୂରା ପୂର୍ବ ଭାରତକୁ କନେକ୍ଟ କରିବ ଜାତୀୟ ରାଜପଥ-୧୬ ଓ ୫୩ର ସିଧା ସଂଯୋଗୀକରଣ ଲାଗିଛି । ସୁକିନ୍ଦା କ୍ରୋମାଇଟ ବେଲ୍ଟ ନିକଟରେ, ବଳିପର୍ବତ ଆଇରନ ଓର କେନ୍ଦୁଝର ଆୟରନ ଅର୍, ତାଳଚେର କୋଇଲା ଧାମରା-ପାରାଦୀପ ପୋର୍ଟ ନିକଟତା ଏସବୁ ମିଶି ଓଡ଼ିଶାକୁ ରେଳ ମାନୁଫାକ୍ଚରିଂର ନାସ୍ୟନାଲ୍ ହବ୍ କରିପାରିବ । ରାଜପଥ ଓ ରେଳ ପଥ ସହିତ ବନ୍ଦର ନିକଟରେ ଥିବାରୁ ସ୍ଥାନୀୟ ଅର୍ଥନୀତିରେ ବଡ଼ ପରିବର୍ତ୍ତନ ହେବ । ଦେଶ ଅର୍ଥନୀତି ର ପ୍ରମୁଖ ପଥ ହେବ କଳିଙ୍ଗନଗର । ରେଳ କାରଖାନା ଆସିବା ଦ୍ୱାରା -ୱର୍କଶପ୍, ମେସିନିଂ, କଟିଂ-ବେଣ୍ଡିଂ ଇୟୁନିଟ୍ ବଢ଼ିବ, ହୋଟେଲ୍-ଲଜ୍ ର ଚାହିଦା ବଢ଼ିବ ଟ୍ରାନ୍ସପୋର୍ଟ ଲଜିଷ୍ଟିକ୍ସ ବ୍ୟବସାୟ ଗତି ଧରିବ, ଏମ୍‌ଏସ୍‌ଏମ୍‌ଇ ଖାତରେ ୧୦୦ ନୂଆ ଇଉନିଟ୍ ଖୋଲିବା ସମ୍ଭାବନା, ସ୍ଥାନୀୟ ଯୁବମାନେ ଟେକ୍ନିକାଲ୍ ଟ୍ରେନିଂ ପାଇବେ କଳିଙ୍ଗନଗର- ଆଗାମୀ ଭାରତର ମେଟାଲ-ରେଳ ହବ୍ ହେବ ଆଶା ଉଜୀବିତ । ପ୍ରବୀଣ ଶିଳ୍ପ ବିଶେଷଜ୍ଞଙ୍କ ମତ- କଳିଙ୍ଗନଗରରେ ରେଳ ଉପକରଣ କାରଖାନା ଆସିବା ଦେଶ ପାଇଁ ଏକ ବଡ଼ ସଂଯୋଗଛ ଇସ୍ପାତ-ମେଟାଲ୍ ଅଞ୍ଚଳ ଥିବାରୁ ଲଜିଷ୍ଟିକ୍ସ ଲାଭ ଅପରିମିତଛ ଏହା କେବଳ କାରଖାନା ନୁହେଁ-ଯୁବ ସ୍କିଲ୍-ବିଲ୍ଡିଂ, ଟେକ୍ନୋଲୋଜି-ଇଣ୍ଟିଗ୍ରେସନ୍ ଓ ରାଜ୍ୟର ଶିଳ୍ପ ଗଠନରେ ଏକ ମହା ପରିବର୍ତ୍ତନ । କଳିଙ୍ଗନଗର ଆସନ୍ତା କାଲି ଜାତୀୟ ମାନଚିତ୍ରରେ ଏକ ବଡ଼ ଶିଳ୍ପ ନାମ । ନୂଆ ରେଳ ଇକ୍ୱିପମେଣ୍ଟ ହବ୍ ଓଡ଼ିଶାରେ ଶିଳ୍ପ ବିପ୍ଳବକୁ ତ୍ୱରାନ୍ୱିତ କରିବ ।

## ଅଁଳା ପଞ୍ଚାୟତର ୧୧ ନଂ ୱାର୍ଡରେ ପାନୀୟ ଜଳର ଅଭାବ

**ବୈଶିଙ୍ଗା, ୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବୈଶିଙ୍ଗା ଥାନ ଅଧୀନ ଅଁଳା ଗ୍ରାମ ପଞ୍ଚାୟତର ୧୧ ନଂ ୱାର୍ଡରେ ପାନୀୟ ଜଳ ସଙ୍କଟ ଦେଖାଯାଇଛି ବୋଲି ଉକ୍ତ ୱାର୍ଡର ୱାର୍ଡ଼ ସଭ୍ୟ ଗୋପାଳ ମାରାଣ୍ଡି ଅଭିଯୋଗ କରିଛନ୍ତି । ଆଗକୁ ଖରାଦିନ ଆସୁଥିବାରୁ ଏହି ଜଳ ସଙ୍କଟ ଆହୁରି କଷ୍ଟଦାୟକ ହୋଇପାରେ । ଉକ୍ତ ୱାର୍ଡରେ ୩ ଶହରୁ ଉର୍ଦ୍ଧ୍ୱ ପୁରୁଷ ଓ ମହିଳା ବାସ କରୁଥିବାବେଳେ ଏକ ମାତ୍ର ନଳକୂପ ପାନୀୟଜଳ ଯୋଗାଇ ଆସୁଥିଲା । ମାତ୍ର ଏହି ନଳକୂପ ଦୀର୍ଘ ୪ ମାସରୁ ଉର୍ଦ୍ଧ ହେବ ଖରାପ ହୋଇଯିବା ଫଳରେ ସେଥିରୁ ପାଣି ବାହାରୁ ନଥିବାରୁ ୱାର୍ଡ଼ ବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ଦୂର ସ୍ଥାନରୁ ପାଣି ଆଣିବାକୁ ବାଧ୍ୟ ହେଉଛନ୍ତି । ୱାର୍ଡ଼ ବାସିନ୍ଦା ଗତ ଜୁଲାଇ ମାସରେ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ୱାର୍ଡ଼ ସଭ୍ୟଙ୍କ ସମେତ ବୁଦ୍ଧିରାମ ମାରାଣ୍ଡି, ଲୁଗୁ ମୁର୍ମୁ, ଚମ୍ପା ମାରାଣ୍ଡି,କୁନା ମାରାଣ୍ଡି, ସାଗର ହେମ୍ବ୍ରମ ପ୍ରମୁଖ ଅଭିଯୋଗ କରିଛନ୍ତି । ଉକ୍ତ ୧୧ ନଂ ୱାର୍ଡ଼ରେ ଏକ ସୋଲାର ଚାଳିତ ନଳକୂପ ଯୋଗାଇଦେବା ନିମନ୍ତେ ଦାବି କରିଛନ୍ତି । ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ନିଷ୍କ୍ରିୟତା ଯୋଗୁ ଗ୍ରାମାଞ୍ଚଳରେ ବିଶେଷ ଭାବେ ଆଦିବାସୀ ସାହିମାନଙ୍କରେ ପାନୀୟଜଳର ଅସୁବିଧା ଦେଖାଦେଉଛି । ହର ଘର ଜଳ ଯୋଜନା କେତେ ଫଳପ୍ରଦ ଏଥିରୁ ଅନୁମେୟ କରାଯାଇ ପାରେ ।

## ସ୍କୁଟିକୁ ଧକ୍କାଦେଲା ଟ୍ରକ୍, ଦୁଇ ମହିଳା ଆହତ

**କଟକ ସଦର : ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ସିଆରଆରଆଇ ଥାନା ନୂଆବଜାର ଛକରେ ସୋମବାର ଭୋର୍ ୫ଟାରେ ଏହି ଦୁର୍ଘଟଣା ଘଟିଛି । ଦୁଇ ଆହତ ମହିଳାଙ୍କୁ ପୁଲିସ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି । ସୂଚନାନୁସାରେ, କନ୍ଦରପୁର ଅଭିମୁଖେ ଯାଉଥିବା ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ନୂଆବଜାର ଛକ ଅତିକ୍ରମ କରିବାବେଳେ ସମ୍ମୁଖରେ ତିନିଘରିଆ ପଟରୁ ପୋତାପୋଖରୀ ପଟକୁ ଯିବାପାଇଁ ମୁଖ୍ୟ ରାସ୍ତାକୁ ଅତିକ୍ରମ କରୁଥିବା ଏକ ସ୍କୁଟି ସହ ଧକ୍କା ହୋଇଥିଲା । ଫଳରେ ସ୍କୁଟିରେ ଯାଉଥିବା ୨ ମହିଳା ଆହତ ହୋଇଥିଲେ । ଛକରେ ଥିବା ସିଆରଆରଆଇ ପୁଲିସ ଦୁଇ ମହିଳାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛି । ଦୁର୍ଘଟଣା ଘଟାଇବା ପରେ ଟ୍ରକ୍ ଡ୍ରାଇଭର୍ ଫେରାର୍ ହୋଇଯାଇଛି ।

## ସୋରରେ ସମ୍ପୂର୍ଣ୍ଣ ଅବ୍ୟବସ୍ଥାରେ ଗଣଦୌଡ

**ସୋର, ୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋରରେ ତୃତୀୟଥର ପାଇଁ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ବିଭିନ୍ନ ଜିଲା ତଥା ସ୍ଥାନୀୟ ଅଞ୍ଚଳରୁ ୧୬୨୬ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ଏଥିମଧ୍ୟରୁ ବେଆଇନ ଭାବେ ପ୍ରାୟ ଦୁଇଶହ ୭ବର୍ଷ ରୁ ୧୨ବର୍ଷ ବୟସରେ ଛୋଟ ଛୋଟ ପିଲା ଅର୍ଥ ଦେଇ ଦୌଡରେ ଭାଗ ନେଇଥିଲେ । ୩ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା । ହେଲେ ଏତେ ସଂଖ୍ୟକ ପ୍ରତିଯୋଗୀଙ୍କ ପାଇଁ ମାତ୍ର ୧୨ ଫୁଟ ଓସାର ରାସ୍ତା ଥିଲାବେଳେ, ଛୋଟ ଛୋଟ ପିଲାମାନେ ୩ କିମି ଦୌଡ଼ିବାକୁ ନିର୍ଦ୍ଦେଶ ଥିଲାବେଳେ ଅନ୍ୟମାନଙ୍କ ପାଇଁ ୫ ଓ ୧୦ କିମି ଦୌଡିବାକୁ ନିର୍ଦ୍ଦେଶ ଥିଲା । ଏହି ଦୌଡରେ ପ୍ରତିଯୋଗୀମାନେ ଅର୍ଥ ଦେଇ ରେଜିଷ୍ଟ୍ରେସନ କରିଥିଲେ । ପରିତାପର ବିଷୟ ଡାକ୍ତରଖାନର ମୁଖ୍ୟ ରାସ୍ତାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅବରୋଧ କରିଥିଲାବେଳେ ଆମ୍ବୁଲାନ୍ସ ସେବା ଠପ ହୋଇଯାଇଥିଲା । ଅଣଉସାରିଆ ଜାଗାରେ ପ୍ରତିଯୋଗୀମାନେ କିଛି ବାଟ ଦୌଡିବା ମାତ୍ରେ କିଛି ପିଲା ଏବଂ ବୟସ୍କ ଲୋକମାନେ ତଳେ ପଡିଯାଇଥିବା ଏବଂ ଅନ୍ୟ ପ୍ରତିଯୋଗିତା ଉପରେ ଗୋଡ଼ ମାଡି ଯାଉଥିବା ଭିଡିଓ ଦେଖିବାକୁ ମିଳିଛି । ଯାହାକି ପିଲାମାନେ ଅଣନିଃଶ୍ୱାସୀ ହୋଇ ମା’ ମା’ ବୋଲି ଚିତ୍କାର କରୁଥିଲାବେଳେ ମାରାଥନ କମିଟିର କୌଣସି ସଦସ୍ୟ ଉଦ୍ଧାର କରିନଥିବା ଏହା ଏକ ଅମାନୁଷିକ କାର୍ଯ୍ୟ ବୋଲି ଗୁରୁତର ପିଲାର ବାପା ମା’ କହିଛନ୍ତି । ଏହି ମାରାଥନରେ ସୋର ବିଧାୟକ ମାଧବ ଧଡ଼ା, ଶଶି କୁମାର ସାହୁ, ବିଜେପି ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଓଡ଼ିଆ ଚଳଚ୍ଚିତ୍ରର ଅଭିନେତା ମିଟୁ ମିଥୁନ, ଅଭିନେତ୍ରୀ ଧାରା ଶ୍ରାବଣୀ, ଉପଦେଷ୍ଟା ଇଂ. ନିହାର ରଞ୍ଜନ ରାଉତ, ସୋର ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ, ଭାରପ୍ରାପ୍ତ ତହସିଲଦାର ଦୈତାରି ମଲ୍ଲିକ, ଷ୍ଟେଟବ୍ୟାଙ୍କ ସୋର ଶାଖା ପ୍ରବନ୍ଧକ ଗୋବିନ୍ଦ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ ପ୍ରମୁଖ ଯୋଗ ଦେଇ ଏହାକୁ ଉପଭୋଗ କରୁଥିଲେ, କିଛି ବର୍ଷ ପୂର୍ବେ କୁନି ଧାବକ ବୁଧିଆ ସିଂକୁ ଓଡ଼ିଶାରେ ସର୍ବଶ୍ରେଷ୍ଠ କୁନି ଧାବକ ରୂପେ ପରିଚିତ କରିଥିବା କୋଚ ବିରଞ୍ଚି ଦାସ ଜେଲ ଯାଇଥିଲେ କାରଣ ବୁଧିଆ ସିଂ ୧୪ବର୍ଷ ବୟସରୁ କମ ଥିଲା । ସେହିପରି ସୋର ମାରାଥନର ଏପରି ବେଆଇନ କାର୍ଯ୍ୟକୁ ଯେଉଁମାନେ ଅନୁମତି ଦେଇଛନ୍ତି ସେମାନଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସାଧାରଣରେ ଦାବି ହେଉଛି । ମାରାଥନର ନିୟମାବଳୀ ବାବଦରେ ସଦର ଏସଡିପିଓ ଏବଂ ଭାରପ୍ରାପ୍ତ ତହସିଲଦାରଙ୍କୁ ପଚାରିବାରୁ ସେ କହିଥିଲେ, ଆମେ ଅତିଥି ଥିଲୁ କିନ୍ତୁ ନିୟମ ବାବଦରେ ଅର୍ଗାନାଇଜର ଜାଣିଛନ୍ତି ବୋଲି କହିଥିଲେ ।

## ପ୍ରୋତ୍ସାହନ ଅଭାବରୁ ଆଖୁଚାଷ ଆଡୁ ମୁହଁ ଫେରାଉଛନ୍ତି ଚାଷୀ

**ନିଆଳି, ୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ଉପକୂଳବର୍ତ୍ତୀ କଟକ ଜିଲ୍ଲା ନିଆଳି ବ୍ଲକ । ଏକଦା ପାନ, ମୀନ, ଧାନ ପରେ ଆଖୁଚାଷ ପାଇଁ ମଧ୍ୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ବର୍ତ୍ତମାନ ଏହି ଚାଷ ବୁଡିବାକୁ ବସିଛି । ଆଖୁ ଚାଷ ପାଇଁ ଅନୁକୂଳ ପରିବେଶ ସତ୍ତ୍ୱେ ସରକାରଙ୍କ ଅସହାୟ ମନ ଭାବ ଯୋଗୁ ସାଧାରଣ ଆଖୁ ଚାଷୀ ମାନେ ମୁହଁ ଫେରାଉଛନ୍ତି । ଅତୀତରେ ନିଆଳି ବ୍ଲକ ଅଞ୍ଚଳରେ ବହୁଳ ଭାବରେ ଆଖୁଚାଷ ହେଉଥିଲା । ମୁଖ୍ୟତଃ ନିଆଳି ବ୍ଲକ ଦେଇ ଯାଇଥିବା ପ୍ରାଚୀ ନଦୀ କୂଳ ଅଁଳ, ଗୋବିନ୍ଦଣା ପାଟଣା, ନୂଆ ଗାଁ, ନୂଆ ସାହି, ନିଆଳି, ଜଲାରପୁର, ସେହିଭଳି କନ୍ଦଳ ନଦୀ ପଠାରେ ବିଳାଶୁଣୀ, ମହଙ୍ଗପଡା, ବାବଜା, ପହଂଗା ଓ ଦେବୀ ନଦୀ ଉପକୂଳ, ସିଠାଳ, ଏକବରୁଆ, ଏରଞ୍ଚ, କୂଳଶ୍ରୀ ଆଦି ଅଞ୍ଚଳରେ ଶହ ଶହ ହେକ୍ଟର ଜମିରେ ଏହି ଫସଲ ହେଉଥିଲା । ଏହାକୁ ଲକ୍ଷ୍ୟ କରି ପଡୋଶୀ ବ୍ଲକ କଣ୍ଠାପଡା, ବାଲିଅନ୍ତା, ବାଲି ପାଟଣା, କାକଟପୁର ଓ ଜଗତସିଂହପୁର ଓ ନାଉଗାଁ ବ୍ଲକ ଅଞ୍ଚଳର ମଧ୍ୟ ଏହି ଚାଷୀ ଏକର ଏକର ଆଖୁ ଚାଷ କରି ନିଆଳି ଅଞ୍ଚଳ ଦେଇ ଶହ ଶହ ଟ୍ରକ ଆଖୁ



ପଡୋଶୀ ଜିଲ୍ଲାରେ ଥିବା ଚିନି କଳକୁ ଯୋଗାଉଥିଲେ । ସ୍ଥାନୀୟ ପରିବେଶ ଓ ଜଳ ବାୟୁ ଆଖୁଚାଶ ପାଇଁ ସମ୍ପୂର୍ଣ୍ଣ ଅନୁକୂଳ ହେତୁ ଅନେକ ଲୋକ ଏହାକୁ ଜୀବନ ଜୀବିକା ମୁଖ୍ୟ ମାଧ୍ୟମ କରି ପରିବାର ପ୍ରତିପୋଷଣ କରିଥିଲେ । ଏଠାରେ ଏତେ ପରିମାଣ ରେ ଆଖୁ ଉତ୍ପାଦନ ହେଉଥିଲା ଯେ ସିଧାସଳଖ ଟ୍ରକ ଟ୍ରକ ଆଖୁ ବାହାରକୁ ଯାଉଥିଲା । ଏହା ସ୍ଥାନୀୟ ଅର୍ଥନୀତି କୁ ଦୃଢ଼ କରୁଥିଲା । ହେଲେ ପରିଚାଳନା ଗତ ତ୍ରୁଟି ପାଇଁ କିଛି ବର୍ଷ ହେବ ଆଖୁଚାଶ ଯେଉଁ ପରିମାଣର ହେଉଥିଲା, ଏହାର ଚାରିଭାଗରୁ ଭାଗେ ମଧ୍ୟ ହେଉନାହିଁ । ରାଜ୍ୟ ସରକାର ଆଖୁଚାଷ ପାଇଁ ପ୍ରୋତ୍ସାହନ ରାଶି ଯୋଗାଇ ଦେଉନଥିବା ବେଳେ ବ୍ୟାଙ୍କ ମଧ୍ୟ ଅମଙ୍ଗ ହେଉଛି । ଯେଉଁ କେତେକ ବ୍ୟାଙ୍କ ଋଣ ଦେଉଛନ୍ତି, ହେକ୍ଟର ପିଛା ଯେତିକି ଖର୍ଚ୍ଚ କରୁଛି ଚାଷୀ ଋଣ ନେଉଥିବା ଚାଷୀର ସାର, ଔଷଧ, ଚାରା ଓ ଶ୍ରମିକଙ୍କ ପାରିଶ୍ରମିକକୁ ଅଣ୍ଟୁ ନାହିଁ । ଯାହାଫଳରେ ଆଖୁଚାଷ ପ୍ରତି ଚାଷୀମାନେ ମୁହଁ ଫେରାଉଛନ୍ତି।

ଅପରପକ୍ଷରେ ଯେଉଁ କେତେକ ଚାଷୀ ଆଖୁଚାଷ କରୁଛନ୍ତି ସେମାନଙ୍କୁ ବଜାର ଡର ମିଳିପାରୁନାହିଁଛ ଯାହାଫଳରେ ବାଧ ହୋଇ ବାହାରକୁ ରପ୍ତାନି କରି ଉପଯୁକ୍ତ ମୂଲ୍ୟ ପାଇପାରୁ ନାହିଁ । ଯାହାଫଳରେ ଚାଷୀର ମନବଳ ଭାଙ୍ଗିଯାଉଛିଛ କୃଷି ଓ କୃଷକର ଉନ୍ନତି ପାଇଁ ସରକାର ବିଭିନ୍ନ ଆର୍ଥିକ ସହାୟତା ପ୍ରଦାନ କରୁଥିବା ବେଳେ ନିଆଳି ବ୍ଲକ ଅଞ୍ଚଳ ର ଚାଷୀମାନେ ଏଥିରୁ ବଞ୍ଚିତ ହେଉଛନ୍ତି । କୃଷି ବିଭାଗ ଆଖୁ ଚାଷ ପାଇଁ ଆନ୍ତରିକତା ଦେଖାଉନଥିବା ବେଳେ କ୍ରମଶଃ ଏହି ଚାଷ ଏକ ପ୍ରକାର ଲୋପ ପାଇବାକୁ ବସିଲାଣି । କୋଟିତ କେଉଁଠି ଅଳ୍ପ ପରିମାଣ ର ଚାଷ ହେଉଛି । ଦିନକୁ ଦିନ ଚିନି ଓ ଗୁଡ଼ ର ରେଟ ବଢ଼ା ସହିତ ଗୁଡ଼ର ଚାହିଦା ବଢୁଥିବାରୁ ଆଖୁଚାଷ ପ୍ରତି ଚାଷୀଙ୍କୁ ଅକୃଷ୍ଟ କରିବା ପାଇଁ କୃଷି ବିଭାଗ ଆଖିଦୃଶିଆ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି ।

## ଭାଗିଲିଙ୍ଗି ଅଞ୍ଚଳରେ ବାରହା ଉପଦ୍ରବ

**ସୋରଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍**

ସୋରଡ଼ା ବ୍ଲକ ଅନ୍ତରଗତ ବୋରିସୀଙ୍ଗି ଗ୍ରାମ ପଞ୍ଚାୟତର ଜଙ୍ଗଲ କୁ ଲାଗି ରହିଥିବା ବାଘି ଲିଙ୍ଗି ଗ୍ରାମର ସତା ଧିକ ଏକର ଧାନ ଜମିରେ ଆଜକୁପ୍ରାୟ ପନ୍ଦର ଦିନ ହେବ ଚାଳିଶିରୁ ଉର୍ଦ୍ଧ୍ୱ ବାରିହା ଦଳ ଜଙ୍ଗଲକୁ ଲାଗିରହିଥିବା ଧାନ ବିଲରେରେ ପଶି ଉପଦ୍ରବ ଚଲାଇଛନ୍ତି ଏବଂ ଧାନ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତ । ଭାଗିଲିଙ୍ଗି ଗ୍ରାମରେ ବନ ସୁରକ୍ଷା ସମିତିର ସଭା ପତି ବିପ୍ର ଚରଣ ଗୌଡ଼ ବାରିହା ଉପଦ୍ର ସମ୍ପର୍କେ ସୋରଡ଼ା ବନ ବିଭାଗ ରେଞ୍ଜର, ଫରେଷ୍ଟରଙ୍କୁ ଅବଗତ କରିବା ପରେ ବନ ବିଭାଗ ରେଞ୍ଜରଙ୍କ ନିର୍ଦ୍ଦେଶ କ୍ରମେ ସୋରଡ଼ା ଫରେଷ୍ଟର ସଦଳବଳେ ଦୁଇ ଦିନ ଧରି ପାଟ୍ରୋଲିଂ କରିବା ସହିତ ବାଣଫୁଟାଇ ଥିଲେ ଗ୍ରାମ ବାସିଙ୍କ ପକ୍ଷରୁ ଧାନ ଫସଲକୁ ରକ୍ଷା କରିବା ସହିତ ପ୍ରତିଦିନ ରାତ୍ର ପାଳି କରି ଗ୍ରାମର ଭିକାରି ଗୌଡ଼, କାଳି ଅଝ ଗୌଡ଼, ସନ୍ତୋଷ ଗୌଡ଼, ଭାସ୍କର ନାୟକ, ରାମଚନ୍ଦ୍ର ଗୌଡ଼ ଓ ଅନ୍ୟମାନେ ଏଥିରେ ସହ ଯୋଗ କରୁଛନ୍ତି ।

# ଭୂତ ଓ ଜାଲ ଜବକାର୍ଡଧାରୀଙ୍କ ନାଁରେ ମଜୁରୀ ହଡ଼ପ

**ଅସ୍ତରଙ୍ଗ, ୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମନରେଗା ଯୋଜନା ଲକ୍ଷଚ୍ୟୁତ । ଗରିବଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାର ସୁଫଳ ନେଉଛନ୍ତି ସରକାରୀ ବାବୁ, ବାବୁଆଣୀ ଓ କୁଜିନେତାମାନେ । ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା)ର ପ୍ରାୟ ୩୦ପ୍ରତିଶତ ପାଣ୍ଠି ସରକାରୀ ବାବୁ, ଗାଁରେ ଥିବା କୁଜି ନେତା ଓ ଦଲାଲମାନେ ଲୁଟି ନେଉଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ନଗର ଗ୍ରାମପଞ୍ଚାୟତରେ କିଛି କୁଜି ନେତା ଓ ଦଲାଲ ସରକାରୀ କର୍ମଚାରୀଙ୍କୁ ହାତ କରି ଜାଲ ଓ ଭୂତ ଜବକାର୍ଡଧାରୀଙ୍କ ନାଁରେ ମଜୁରୀ ହଡପ କରୁଛନ୍ତି । ବର୍ଷ ବର୍ଷ ଧରି ଏମିତି ହରିଲୁଟ ଚାଲିଥିବା ବେଳେ ଉଚ୍ଚ ପଦସ୍ଥ ସରକାରୀ ବାବୁଙ୍କ ନଜର ପଡୁନଥିବାରୁ ବ୍ଲକ ସ୍ତରୀୟ ଅଧିକାରୀ ପକେଟ ଗରମ କରି କାର୍ଯ୍ୟାନୁଷ୍ଠାନ କେବଳ ଧର୍ମକୁ ଆଖିଠାର । ମଜୁରୀ ଓ ସାମଗ୍ରୀ କିଣାବିକାରୁ ଏତିକି ଟଙ୍କା ସରକାରୀ ବାବୁଙ୍କ ପେଟକୁ ଯାଉଛି କେବଳ କାଗଜକଲମରେ । ମନରେଗା ଜାଲ କାର୍ଡ ଚିହ୍ନଟ କରାଯିବ ସମସ୍ତ ସତ୍ୟ ଘଟଣା ସାମ୍ନାକୁ ଆସିପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି । ନଗର ଗ୍ରାମ ପଞ୍ଚାୟତ ଅଧୀନ ବିଭିନ୍ନ ସ୍ଥାନରେ ପୋଖରୀ ଖୋଳା ହେଉ ଅବା ମାଟି ରାସ୍ତା ନିର୍ମାଣ ହେଉ ଅବା ବନ୍ଧ ମରାମତି । ଯାହାର ଜ୍ୱଳନ୍ତ ଉଦାହରଣ ନଗର ଗ୍ରାମପଞ୍ଚାୟତ ଅଫିସ ନିକଟରେ ଯାଉଥିବା ନଗର ରେଡକ୍ରସ ଛକରୁ ବାଲିପନ୍ତାଳକୁ ସଂଯୋଗ କରୁଥିବା ରାସ୍ତା ଗତ ଏକ ସପ୍ତାହ ପୂର୍ବରୁ ଅଥବା ନଭେମ୍ବର ୨୦ତାରିଖରୁ ନଭେମ୍ବର ୨୫ତାରିଖ ମଧ୍ୟରେ ମନରେଗା କାମକୁ ପଞ୍ଚାୟତ ଦାୟିତ୍ୱରେ ଥିବା ପିଇଓ ଓ ଜିଆରଏସଙ୍କ ଅନୁପସ୍ଥିତରେ କାମ କେବଳ ଓଳାଇବା ସହ ମାଟି କାର୍ଯ୍ୟ ନ ହୋଇଥିବା ବେଳେ ନିଜକୁ କରିତ କର୍ମା ଭାବୁଥିବା ନଗର ପଞ୍ଚାୟତରେ ସରପଞ୍ଚ ଓ ସାଥି ଦଲାଲି ସାଜି ଫୋଟ ଉଠାଇ ଟଙ୍କା ହଡପ କରାଯାଉଛି । ଯାହାକି ମନରେଗା କାର୍ଯ୍ୟକୁ ନ ଯାଇ ଲୋକଙ୍କ



❖ ସରକାରୀ ବାବୁ ଓ କୁଜି ନେତାଙ୍କ ପେଟରେ ୩୦% ନରେଗା ଟଙ୍କା
❖ ତଦନ୍ତ ବାଟବଣା ଯୋଗୁଁ ଗରିବ ଶ୍ରମିକ ଟଙ୍କାରେ ମାଲେମାଲ
❖ ସନ୍ଦେହରେ ଯନ୍ତ୍ରୀ ଏବଂ ଜିଆରଏସଙ୍କ ଭୂମିକା
❖ ସକାଳେ ଭୂତ କାର୍ଡକୁ ଟଙ୍କା ପଠାଇ ସନ୍ଧ୍ୟାରେ ଆଦାୟ

ଆକାଉଣ୍ଟକୁ ଟଙ୍କା ଆସି ଥିବା ବେଳେ ୱାର୍ଡ ମେମ୍ବର ଟଙ୍କା ଆଦାୟ କରୁଥିବା ସମସ୍ତ ତଥ୍ୟ କିଛି ସାମାଜିକ କର୍ମୀ ନିଜ ଏକ୍ସ ମାଧ୍ୟମରେ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି । ନଗର ଗ୍ରାମପଞ୍ଚାୟତରେ ମନରେଗା କାମରେ ଯୁଆଡେ ଦେଖିଲେ ପୁଳାପୁଳା ଦୁର୍ନୀତି ।

କେନ୍ଦ୍ର ସରକାରଙ୍କ ଏ ମହତ ଯୋଜନା ଗରିବ ଶ୍ରମିକ ପରିବାରକୁ କାମ ଧନ୍ଦା ଯୋଗାଇବାରେ ଯେତିକି ସଫଳ ହେଉନି, ସରକାରୀ ବାବୁ, ବାବୁଆଣୀ ଓ ନଗର ଗ୍ରାମ ପଞ୍ଚାୟତ ରେ କିଛି ଦଲାଲି, ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି, ସରପଞ୍ଚଙ୍କ ତତ୍ତ୍ୱାବଧାନରେ କିଛି କୁଜି ନେତାଙ୍କୁ କୋଟିପତି କରିପାରେ ଅଧିକ ସଫଳ ହେଉଛି । ସରକାରୀ ସୂଚନା ପାଇଁ ଅସ୍ତରଙ୍ଗ ବ୍ଲକରେ କିଛି ଦିନ ତଳେ ମନରେଗା ଜନଶୁଣାଣୀ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀ ତାଗିଦ କରିବା ପରେ ମଧ୍ୟ ନଗର ପଞ୍ଚାୟତରେ ଦୁର୍ନୀତି ପୁନର୍ବାର ଆରମ୍ଭ ହୋଇଛି । ତେବେ ଏହି ମନରେଗା କାମରେ ବର୍ଷ ବର୍ଷ ଧରି ନଗର ପଞ୍ଚାୟତରେ ବଡ଼ଧରଣର ଦୁର୍ନୀତି ଲାଗିରହିଛି । ଯାହାର ପ୍ରକୃତ ତଦନ୍ତ ସହ ଜବକାର୍ଡ ଧାରୀ କିଏ, ଅଫିସର କାମ ଉପସ୍ଥିତ ରହୁଛନ୍ତି କି ନାହିଁ ତଦନ୍ତ କଲେ ସାମ୍ନାକୁ ଆସିବ । ଅନେକ ସ୍ଥାନରେ ମନରେଗା କାମ ମେସିନ ମଧ୍ୟ କୁଜି ନେତା ଲଗାଇଦେଉଛନ୍ତି, ସରକାରୀ ତଳିଆ କର୍ମଚାରୀ ପକେଟ ଗରମ କରୁଛନ୍ତି । କେନ୍ଦ୍ର ସରକାର ୨୦୨୩ରେ ଏ ଦୁର୍ନୀତିରେ ତାଲା ମାରିବାକୁ ଡିଜିଟାଲ ପ୍ରକ୍ରିୟାରେ ଶ୍ରମିକଙ୍କ ଉପସ୍ଥାନ ନେଲେ । ମନରେଗା ମୋବାଇଲି ମନିଟରିଂ ସିଷ୍ଟମରେ ଏ ଉପସ୍ଥାନ ଗ୍ରହଣରେ ବ୍ୟବସ୍ଥା ରହିଲା ଯେ, ଶ୍ରମିକ ମାନେ କାମ କରୁଥିବା ବେଳର ୨ଟି ଫୋଟ ଆପରେ ଅପଲୋଡ଼ ହେବ । କିନ୍ତୁ ଏଥିରେ ମଧ୍ୟ କୁଜି ନେତା ଓ ସରକାରୀ କର୍ମଚାରୀ ମିଥ୍ୟା ରିପୋର୍ଟ ପ୍ରଦାନ କଲେ । କିନ୍ତୁ ଏ ଘଟଣାକୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ଟିମ୍ ତଦନ୍ତ କଲେ ଗରିବଙ୍କ ଟଙ୍କାକୁ କିପରି ଭାବେ ନଗର ପଞ୍ଚାୟତ ସରପଞ୍ଚ ଓ ଗାଁ କିଛି ଦଲାଲି ଭୂତ ଆକାଉଣ୍ଟରୁ ଟଙ୍କା ପଠାଇ ସନ୍ଧ୍ୟାରେ କଲେକ୍ସନ କରୁଛନ୍ତି ତାହା ସାମ୍ନାକୁ ଆସିବଛ ଏ ନେଇ ପୁରୀ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କହିଛନ୍ତି ଖୁବ ଶୀଘ୍ର ଅଥବା କିଛି ଦିନ ମଧ୍ୟରେ ସ୍ୱତନ୍ତ୍ର ଟିମ୍ ପଠାଇ ତଦନ୍ତ କରିବା ସହ ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବ ମତ ଦେଇଛନ୍ତି ।

ମାଗଣା ଯୋଜନାର ଲାଭ ନେବା ପରେ ଶ୍ରମଜୀବୀମାନେ ଆଉ କାମ କରିବାକୁ ଚାହୁଁନାହାନ୍ତି । ଏଇ କାରଣରୁ ଶ୍ରମଶକ୍ତିର ଅଭାବ ଦେଖାଦେଇଛି ଏବଂ ଯନ୍ତ୍ର ସାହାଯ୍ୟରେ ଅନେକ କାମ କରିବାକୁ ପଡୁଛି । ଯନ୍ତ୍ର ଏବେ ମଣିଷର ବିକଳ୍ପ ହୋଇଛି । ଏଇଭଳି ଧାରା ଜାରି ରହିଲେ ଆଗକୁ ମାଗଣା ଉପଭୋକ୍ତାଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିବ । ଏହା ପରୋକ୍ଷରେ ଦର ବୃଦ୍ଧି ମଧ ଘଟାଇବ । ମାଗଣା ବଣ୍ଟନ ପାଇଁ ଯେତିକି ଟଙ୍କା ଖର୍ଚ୍ଚ ହୁଏ ତାହା ପରବର୍ତ୍ତୀ କାଳରେ ଦରବୃଦ୍ଧି କରି ଭରଣା କରାଯାଏ । ତେଣୁ ମାଗଣା ଯୋଜନା ଦରଦାମ୍ ବୃଦ୍ଧିର ଆଉ ଏକ ମୁଖ୍ୟ କାରଣ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ ଭୁବନେଶ୍ୱର | ୨ ଡିସେମ୍ବର, ୨୦୨୫ | ମଙ୍ଗଳବାର

ଓଡ଼ିଶା ଏକ୍ସପ୍ରେସ୍


## ମାଗଣା ଯୋଜନା ବିକାଶର ବାଧକ

ମାଗଣା ଯୋଜନା ପାଇଁ ଶ୍ରମଶକ୍ତିର ଅଭାବ ଦେଖାଦେଇଛି । ଶ୍ରମଜୀବୀଙ୍କ ସଂଖ୍ୟା କମୁଛି । ନିର୍ବାଚନ ଜିତିବାର ଏକମାତ୍ର କୌଶଳ ଏବେ ମାଗଣା ଯୋଜନା । ନିର୍ବାଚନ ପ୍ରତିଶ୍ରୁତିରେ ମଧ ମାଗଣା ଯୋଜନା ସ୍ଥାନ ପାଉଛି । ଅନେକ ଲୋଭନୀୟ ଅଫର ଦିଆଯାଉଛି ନିର୍ବାଚନ ଇସ୍ତାହାରରେ।

ମାଗଣା ଚାଉଳ, ଶ୍ରମିକ ସଂକଟ ସୃଷ୍ଟି କରିଛି । କ୍ଷେତରେ କାମ କରିବାକୁ ମୂଲିଆ ମିଳୁନାହାନ୍ତି । ଏଇ କାରଣରୁ ଅନେକ ଚାଷଜମି ପଡ଼ିଆ ପଡୁଛି ଏବେ । ସେସବୁ ଧୀରେଧୀରେ କଂକ୍ରିଟ ଜଙ୍ଗଲରେ ରୁପାନ୍ତରିତ ହେଉଛି । ଧାନ କାଟିବାର ସମସ୍ୟା ଦେଖାଦେଇଛି ସବୁଠି । ଧାନକଟାଳି ମିଳୁନାହାନ୍ତି । କିଛି ଲୋକଙ୍କୁ ପଙ୍ଗୁ କରିସାରିଲାଣି ମାଗଣା ଯୋଜନା । ଖାଇପିଇ ବଞ୍ଚିଗଲେ ହେଲା। ଅଧିକ ସ୍ୱପ୍ନ ଦେଖିବାକୁ ସେମାନେ ଚାହୁଁନାହାନ୍ତି । ସବୁବେଳେ ଗରିବ କରି ରଖାଯାଉଛି ଏକ ବଡ଼ ଗୋଷ୍ଠୀଙ୍କୁ, ଯେଉଁମାନେ ଭୋଟ ବେଳେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଛନ୍ତି । ସେମାନଙ୍କ ଆର୍ଥିକ ସ୍ଥିତି କିଭଳି ଆହୁରି ଉନ୍ନତ ହୋଇପାରିବ, କିଭଳି ଯୋଜନା କଲେ ସେମାନଙ୍କୁ ଉପରକୁ ଉଠାଇ ହେବ ଏବଂ ସେମାନେ ସମାନ୍ତରାଳ ଭାବରେ ଉଚ୍ଚବର୍ଗଙ୍କ ଭଳି ବଞ୍ଚିପାରିବେ, ଏ ଦିଗଟିକୁ ରାଜନୈତିକ ଦଳମାନେ ଜାଣିଶୁଣି ଗୁରୁତ୍ୱ ଦିଅନ୍ତି ନାହିଁ । ମାଗଣା ଯୋଜନା ଆଶାୟୀଙ୍କ ସଂଖ୍ୟା କିଭଳି ବୃଦ୍ଧି କରାଯାଇପାରିବ ଏହାହିଁ ରାଜନୈତିକ ଦଳଗୁଡ଼ିକର ଏକମାତ୍ର ଲକ୍ଷ୍ୟ ଏବେ । ମାଗଣା ନେବା ଲୋକଙ୍କ ଅଭାବ ଦେଖାଦେଲେ ମାଗଣା ଯୋଜନା ଫେଲ୍ ମାରିଯିବ ନିଶ୍ଚେ ।

ନିକଟରେ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ଡି. ସୁବାରାଓ ଏ ଦିଗରେ ଚିନ୍ତାପ୍ରକଟ କରିଛନ୍ତି । ମାଗଣା ଯୋଜନା ଘୋଷଣାକୁ ନେଇ ରାଜନୈତିକ ଦଳମାନଙ୍କ ଭିତରେ ପ୍ରତିଯୋଗିତା ଦେଖାଦେଉଛି ବୋଲି ସେ କହିଛନ୍ତି । ପ୍ରତି ମାଗଣା ଯୋଜନାକୁ ସେ ରାଜନୈତିକ ବିଫଳତା ବୋଲି କହିଛନ୍ତି । ମାଗଣା ଯୋଜନା କଥା କହୁଥିବା ଦଳ ଲୋକଙ୍କୁ ଏଇବାର୍ତ୍ତା ଦେଉଛନ୍ତି ଯେ– ଆମେ ଆପଣମାନଙ୍କୁ ସମ୍ମାନର ସହ ବଞ୍ଚିବା କିମ୍ବା ନିୟମିତ ରୋଜଗାରର ମାଧ୍ୟମ ଦେଇପାରୁନାହୁ । ତେଣୁ ଆପଣଙ୍କ ପାଇଁ ଏବେ ଏତିକି ଅଛି । ଏତିକି ନେଇ କାମ ଚଳାଅ । ମାଗଣା ଯୋଜନା ଦ୍ୱାରା ନିର୍ବାଚନ ଜିତିହେବ, କିନ୍ତୁ ରାଷ୍ଟ୍ର ଗଠନ କରିହେବନାହିଁ ବୋଲି ସେ କହିଛନ୍ତି ।

ସେ ଏକଥା ମଧ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିନେ ଏଇ ପ୍ରଥାକୁ ବିରୋଧ କରୁଥିଲେ। କିନ୍ତୁ ଏଥିରେ ନିର୍ବାଚନ ଜିତିବାର ସାମର୍ଥ୍ୟ ଥିବା ଜାଣିବା ପରେ ତାଙ୍କ ଦଳ ମଧ ଏଇ ପ୍ରତିଯୋଗିତାରେ ସାମିଲ ହୋଇଛି । ଭାରତରେ ନିଯୁକ୍ତି ପ୍ରତିଶ୍ରୁତି, ଉତ୍ପାଦକତା ବୃଦ୍ଧି କିମ୍ବା ମାନବ ସମ୍ବଳ ଗଢ଼ିବା ସମ୍ପର୍କରେ ବିତର୍କ ହେଉନି ।

ଏଇ ମାଗଣା ଯୋଜନା ପଛର ଆଉ ଏକ ବଡ଼ ରହସ୍ୟକୁ ସେ ଉନ୍ମୋଚନ କରିଛନ୍ତି । ସେ କହିଛନ୍ତି ବଡ଼ ବଡ଼ ଲୋଭନୀୟ ଯୋଜନା ଘୋଷଣା କରି ନିର୍ବାଚନ ଜିତିବା ପରେ ରାଜନୈତିକ ଦଳଗୁଡ଼ିକ ସେଇ ପ୍ରତିଶ୍ରୁତି ରକ୍ଷା କରିବାକୁ ସଂଘର୍ଷ କରୁଛନ୍ତି । ସେମାନେ ଋଣ ଆଣି ଲୋକଙ୍କୁ ବାଣ୍ଟୁଛନ୍ତି, ଏହାର ଅର୍ଥ ହେଉଛି ଏବେ ଯେଉଁ ଟଙ୍କା ବଣ୍ଟା ଯାଉଛି ତାହା ଆଗାମୀ କାଲିର ଟିକସଦାତାଙ୍କ ଉପରେ ଏକ ବୋଝ ହେବ । ନିକଟରେ ଶେଷ ହୋଇଥିବା ବିହାର ନିର୍ବାଚନରେ ଅନେକ ଅବିଶ୍ୱସନୀୟ ଯୋଜନା ଘୋଷଣା ହୋଇଥିଲା। ଯାହାକୁ ପୂରଣ କରିବା ଅସମ୍ଭବ ପ୍ରାୟ ମନେ ହେଉଛି । ମାଗଣା ଯୋଜନାରେ ବିପୁଳ ଖର୍ଚ୍ଚ କରିବା ପରେ ତେଲେଙ୍ଗାନା ଏବେ ଆର୍ଥିକ ଦୃଷ୍ଟିରୁ ସଂଘର୍ଷ କରୁଛି । ମହାରାଷ୍ଟ୍ର ଓ କର୍ଣ୍ଣାଟକ ମଧ ଏକଥା ଭଲ ଭାବରେ ବୁଝିସାରିଲେଣି । ମାଗଣା ଯୋଜନାରେ ବାଣ୍ଟିବା ପରେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚ ପାଇଁ ରାଜକୋଷରେ ପାଣ୍ଠି ରହୁନାହିଁ । ରାଜନୈତିକ ଦଳଗୁଡ଼ିକଙ୍କ ଭିତରେ ମାଗଣା ଯୋଜନା ଘୋଷଣା କରିବାକୁ ପ୍ରତିଯୋଗିତା ଚାଲିଛି । କିଛିଦିନ ପରେ ଲୋକମାନେ ସେସବୁ ଉପରୁ ବିଶ୍ୱାସ ତୁଟାଇଦେବେ ବୋଲି ସୁବାରାଓ କହିଛନ୍ତି ।

ମାଗଣା ଯୋଜନାର ଲାଭ ନେବା ପରେ ଶ୍ରମଜୀବୀମାନେ ଆଉ କାମ କରିବାକୁ ଚାହୁଁନାହାନ୍ତି । ଏଇ କାରଣରୁ ଶ୍ରମଶକ୍ତିର ଅଭାବ ଦେଖାଦେଇଛି ଏବଂ ଯନ୍ତ୍ର ସାହାଯ୍ୟରେ ଅନେକ କାମ କରିବାକୁ ପଡୁଛି । ଯନ୍ତ୍ର ଏବେ ମଣିଷର ବିକଳ୍ପ ହୋଇଛି । ଏଇଭଳି ଧାରା ଜାରି ରହିଲେ ଆଗକୁ ମାଗଣା ଉପଭୋକ୍ତାଙ୍କ ସଂଖ୍ୟା ବଢ଼ି ବଢ଼ି ଚାଲିବ । ଏହା ପରୋକ୍ଷରେ ଦର ବୃଦ୍ଧି ମଧ ଘଟାଇବ । ମାଗଣା ବଣ୍ଟନ ପାଇଁ ଯେତିକି ଟଙ୍କା ଖର୍ଚ୍ଚ ହୁଏ ତାହା ପରବର୍ତ୍ତୀ କାଳରେ ଦରବୃଦ୍ଧି କରି ଭରଣା କରାଯାଏ । ତେଣୁ ମାଗଣା ଯୋଜନା ଦରଦାମ୍ ବୃଦ୍ଧିର ଆଉ ଏକ ମୁଖ୍ୟ କାରଣ ।

# ଯେଉଁ ରାଜ୍ୟକୁ ଯାଇ, ସେହି ରାଜ୍ୟକୁ ଏକନମ୍ବରୀ ବନେଇ



## ତୁଷମ୍ ଇବ ମନ୍ଥନମ୍- ଚକ୍ଷୁକୁଟା କାମ

**ତୁଷାରକାନ୍ତ**

(ଏହି ପ୍ରବନ୍ଧଟିକୁ, ତା।୨୫.୧୧.୨୦୨୫ରିଖର ସଂସ୍କରଣରେ ପ୍ରକାଶିତ ମୋ ଲିଖିତ 'ଋଣ କରି ଘିଅ ପିଅନ୍ତି: ଶୁଝିଲେ ଶୁଝିବେ ଜାତିଙ୍କ ନାତି' ଶୀର୍ଷକ ପ୍ରବନ୍ଧର ଦ୍ୱିତୀୟ ଭାଗରୂପେ ବିବେଚନା କରାଯାଇପାରେ ।)

୨୦୧୩ ମସିହାର ଶେଷଆଡ଼କୁ ଭୁବନେଶ୍ୱରର ଛଅ ନମ୍ବରରେ ଥିବା କ୍ୟାପିଟାଲ ହସ୍ପିଟାଲ ପଛପଟ ପଡ଼ିଆରେ ହୋଇଥିବା ଗୋଟିଏ ନିର୍ବାଚନୀ ସଭାରେ ଅମିତ ଶାହାଜୀ 'ଓଡ଼ିଶାକୁ ଦେଶର ଏକନମ୍ବରୀ ରାଜ୍ୟ କରାଇବା'ର ପ୍ରତିଶ୍ରୁତି ଦେଇଥିଲେ ।

ଅବଶ୍ୟ ସେତେବେଳେ 'ଡବଲ ଇଞ୍ଜିନ ସରକାର' ସ୍ଲୋଗାନ ନଥିଲା । ଠିକ ତା' ପରଦିନ, ସେ ହରିୟାଣାର ଏକ ସଭାରେ, ସେହି ପ୍ରଦେଶକୁ ଏକନମ୍ବରୀ କରିବାର ଆହ୍ୱାନ ଦେଇଥିଲେ, ଯାହା ମୁଁ ଅଂଗ୍ରେଜୀ ଖବରକାଗଜରୁ ପଢିଥିଲି ।

(୨) ତା।୧୨.୪.୨୦୧୯ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନ ପ୍ରଚାର କାଳରେ, ସେତେବେଳେ ବିଜେପିର ଜାତୀୟ ସଭାପତି ଥିବା ଅମିତ ଶାହା ମହାଶୟ, କେନ୍ଦୁଝର ସଦର ମହକୁମାରେ ହୋଇଥିବା ଗୋଟିଏ ନିର୍ବାଚନୀ ସଭାରେ ବି ଏଭଳି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ, ଏହି ଦୁଇଥର ଓଡ଼ିଶାରେ ବିଜେପି ସରକାର ହୋଇନଥିବାରୁ, ଓଡ଼ିଶା 'ଏକନମ୍ବରୀ ନହେବାପାଇଁ' ଅମିତଜୀ ଦାୟୀ ନୁହନ୍ତି ।

(୩) ୨୦୨୪ ମସିହାର ଓଡ଼ିଶା ବିଧାନସଭା ପାଇଁ ନିର୍ବାଚନ ହୋଇଥିଲା । ସେହି ଅବସରରେ କେନ୍ଦ୍ରୀୟ ଗୃହମନ୍ତ୍ରୀ ତଥା ଏ ଯୁଗର ଚାଣକ୍ୟ ପଣ୍ଡିତ ଅମିତ ଶାହାଜୀ ତା୨୫.୪.୨୦୨୪ରିଖରେ ସୋନପୁର ଠାରେ ତଥା (୪) ତା୨୧.୫.୨୪ ରିଖରେ ପୁରୀଠାରେ ହୋଇଥିବା ବିଶାଳ ନିର୍ବାଚନୀ ଜନସଭାରେ ଉଦବୋଧନ ଦେଇ କହିଥିଲେ ଯେ, 'ଆପଣମାନେ ଭୋଟଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଗଢେଇଲେ, ସେହି ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ ପାଞ୍ଚବର୍ଷ ଭିତରେ ଦେଶର ଏକନମ୍ବର ରାଜ୍ୟ କରେଇବ' । ତେଣୁ,୨୦୨୪ର ପ୍ରତିଶ୍ରୁତିର ସଫଳ ରୂପାୟନପାଇଁ ଆମକୁ ୨୦୨୯ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ । କିନ୍ତୁ, (୫) ପିଆଜ, ରସୁଣ ଆଦି ବି ଛୁଉଁନଥିବା କେନ୍ଦ୍ରୀୟ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସିଥାରମଣ ମହାଶୟା, ତା ୪.୧୨.୨୦୨୪ ରିଖରେ ମୁମ୍ବାଇରେ ଘୋଷଣା କରିଥିବା, 'ବିଜେପି ନେତୃତ୍ୱରେ ପରିଚାଳିତ ମହାରାଷ୍ଟ୍ରର ନୂଆ ମହାୟୁତି ସରକାର, ଏହି ରାଜ୍ୟକୁ ଦେଶର ଏକ ନମ୍ବର ରାଜ୍ୟ କରିବ'ର ଅବସ୍ଥା କ'ଣ ହେବ?

ଏବେ, ଓଡ଼ିଶାର ବର୍ତ୍ତମାନର ସ୍ଥିତି ଉପରେ ଆଲୋଚନା କରିବା–

ପ୍ରତ୍ୟେକ ଆର୍ଥିକ ବର୍ଷପାଇଁ,ଆମ ଦେଶର 'ନୀତି ଆୟୋଗ– National Institution for Transforming India' ସଂସ୍ଥା ତରଫରୁ ୧୬ଟି ମାନକ (Parameters) ଆଧାରରେ ଦେଶର ୨୮ଟି ରାଜ୍ୟ ୮ଟି କେନ୍ଦ୍ର ଶାସିତ ଅଞ୍ଚଳ ଭିତରେ 'ନିରନ୍ତର ଅଭିବୃଦ୍ଧି ଲକ୍ଷ୍ୟ– Sustainable Development Goal (SDG) Index'ର ବର୍ଗୀକରଣ (Placement) କରାଯାଇଥାଏ ।

କ୍ରମାନ୍ୱୟରେ ଏହି ମାନକଗୁଡିକ ହେଉଛି, (୧) ଦାରିଦ୍ର୍ୟତା ନାହିଁ (No Poverty), (୨) କ୍ଷୁଧା ନାହିଁ (No Hunger), (୩) ଉନ୍ନତ ସ୍ୱାସ୍ଥ୍ୟସେବା (Good Health and Well-being), (୪) ଗୁଣାତ୍ମକ ଶିକ୍ଷାଦାନ (Quality Education),(୫) ଲିଙ୍ଗଗତ ସମାନତା (Gender Equality), (୬) ସ୍ୱଚ୍ଛଜଳ ଓ ପରିଚ୍ଛନ୍ନତା (Clean Water Sanitation), (୭) ସ୍ୱଚ୍ଛ ବିଜୁଳି ଯୋଗାଣ (Clean Energy) (୮) ଦର୍ଶନୀୟ ଅର୍ଥନୈତିକ ପ୍ରଗତି (Decent Economic Growth), (୯) ଶିଳ୍ପ, ଭିତ୍ତିଭୂମି ଓ ଉଦ୍ଭାବନ (Industry, Infrastructure and Innovation), (୧୦) ଅସମାନତା ହ୍ରାସ (Reduced Inequality), (୧୧) ନିରନ୍ତର ଅଭିବୃଦ୍ଧି ପଥରେ ସହର ଓ ସମ୍ପ୍ରଦାୟ (Sustainable Cities and Communities), (୧୨) ଦାୟିତ୍ୱବୋଧକ ଉତ୍ପାଦନ ଓ ଉପଭୋଗ (Responsible Production Consumption), (୧୩) ଜଳବାୟୁ ସୁଧାର କାର୍ଯ୍ୟକ୍ରମ (Climate Action), (୧୪) ସମୁଦ୍ରଜଳ ତଳେଥିବା ଜୀବନର ମାନକ (Life Below Water), (୧୫)ଜଳ ଉପରେଥିବା ଜୀବନର ମାନକ (Life Above Water), (୧୬) ଶାନ୍ତି, ସଂହତି ଓ ସବଳପଣିଆ (Peace, Justice Strong) ।

୨୦୨୩–୨୪ ଆର୍ଥିକ ବର୍ଷପାଇଁ ଏହିସବୁ ମାନକ ଆଧାରରେ ନୀତି ଆୟୋଗଦ୍ୱାରା ଘୋଷିତ SDG Indexରେ (୧) ପ୍ରଥମସ୍ଥାନରେ 'କେରଳ ଓ ଉତ୍ତରାଖଣ୍ଡ(୨ଟି)' ୧୦୦ ନମ୍ବରରୁ ୭୯ ଲେଖାଏଁ ପାଇ ପ୍ରଥମ ସ୍ଥାନରେ ଅଛନ୍ତି,(୨) ୭୮ ପାଇ 'ତାମିଲନାଡୁ' ଦ୍ୱିତୀୟ ସ୍ଥାନରେ, (୩) ୭୭ ଲେଖାଏଁ ପାଇ 'ଗୋଆ ଓ ହିମାଚଳ ପ୍ରଦେଶ (୨ଟି)' ତୃତୀୟ ସ୍ଥାନରେ, (୪) ୭୬ନମ୍ବର ଲେଖାଏଁ ପାଇ 'ପଞ୍ଜାବ ଓ ସିକିମ(୨ଟି)' ଚତୁର୍ଥ ସ୍ଥାନରେ, (୫)୭୫ ନମ୍ବର ପାଇ 'କର୍ଣ୍ଣାଟକ' ପଞ୍ଚମ ସ୍ଥାନରେ, (୬) ୭୪ ନମ୍ବର ଲେଖାଏଁ ପାଇ 'ଗୁଜରାଟ, ଆନ୍ଧ୍ର ପ୍ରଦେଶ ଓ ତେଲେଙ୍ଗାନା (୩ଟି)' ଷଷ୍ଠ ସ୍ଥାନରେ, (୭) ୭୩ ନମ୍ବର ପାଇ 'ମହାରାଷ୍ଟ୍ର' ସପ୍ତମ ସ୍ଥାନରେ, (୮)୭୨ ନମ୍ବର ଲେଖାଏଁ ପାଇ 'ମିଜୋରାମ, ମଣିପୁର ଓ ହରିୟାନା(୩ଟି)' ଅଷ୍ଟମ ସ୍ଥାନରେ, (୯) ୭୧ ନମ୍ବର ପାଇ 'ତ୍ରିପୁରା'ନବମ ସ୍ଥାନରେ, (୧୦) ୭୦ ନମ୍ବର ପାଇ 'ପଶ୍ଚିମବଙ୍ଗ' ଦଶମ ସ୍ଥାନରେ, (୧୧) ୬୭ ନମ୍ବର ଲେଖାଏଁ ପାଇ 'ରାଜସ୍ଥାନ, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ଛତିଶଗଡ଼ (୪ଟି)' ଏକାଦଶତମ ସ୍ଥାନରେ, (୧୨) ୬୬ ନମ୍ବର ପାଇ 'ଓଡ଼ିଶା' ଦ୍ୱାଦଶତମ ସ୍ଥାନରେ, (୧୩)୬୫ ଲେଖାଏଁ ପାଇ 'ଆସାମ ଓ ଅରୁଣାଚଳ ପ୍ରଦେଶ (୨ଟି)' ତ୍ରୟୋଦଶତମ ସ୍ଥାନରେ, (୧୪) ୬୩ ଲେଖାଏଁ ପାଇ 'ମେଘାଳୟ ଓ ନାଗାଲାଣ୍ଡ (୨ଟି)' ଚତୁର୍ଦ୍ଦଶତମ ସ୍ଥାନରେ, (୧୫) ୬୨ ପାଇ 'ଝାଡ଼ଖଣ୍ଡ' ପଞ୍ଚଦଶତମ ସ୍ଥାନରେ ଓ (୧୬) ୫୭ ନମ୍ବର ପାଇ 'ବିହାର' ଷୋଡଶତମ ସ୍ଥାନରେ ରହିଛନ୍ତି ।

ଯଦିଓ ସମୁଦାୟ ରାଜ୍ୟଗୁଡ଼ିକର ସଂଖ୍ୟା ୨୮, ଉପରେ ବର୍ଣ୍ଣିତ ତଥ୍ୟ ଅନୁସାରେ କୌଣସି କୌଣସି ସ୍ଥାନରେ ଏକାଧିକ (ପ୍ରଥମ ସ୍ଥାନରେ ୨ ଟି ରାଜ୍ୟ ଭଳି) ରହିଥିବାରୁ, ଏହି ୨୮ଟି ରାଜ୍ୟ ୧୬ଟି ସ୍ଥାନରେ ରହିଛନ୍ତି ।




୨୦୨୪ ମସିହାର ଓଡ଼ିଶା ବିଧାନସଭା ନିର୍ବାଚନ ପ୍ରଚାରକାଳରେ 'ଅମିତ ଶାହାଜୀ'ଙ୍କ ତରଫରୁ ଓଡ଼ିଶାକୁ ଏକନମ୍ବରୀ ରାଜ୍ୟ କରାଯିବ' ବୋଲି କୁହାଯାଇଥିଲା ତ, ୨୦୨୫ ମସିହାର ବିହାର ବିଧାନସଭା ନିର୍ବାଚନ ପ୍ରଚାରକାଳରେ ରାଷ୍ଟ୍ରୀୟ ଜନତା ଦଳ (RJD) ନେତା ତେଜସ୍ୱୀ ଯାଦବ ବାରମ୍ବାର ଘୋଷଣା କରିଥିଲେ ଯେ 'ମୁଁ (ଶ୍ରୀ ଯାଦବ)ଜିତିଲେ ବିହାରକୁ ଏକନମ୍ବରୀ ରାଜ୍ୟ କରେଇବି' ଯାହାକୁ N.D.I.A ଗୋଷ୍ଠୀର ନେତାଏ ବି ଦୋହରାଇଥିଲେ।

ଏବେ, ୨୦୨୩ –୨୪ ମସିହାର SDG ମାନକରେ ପ୍ରଥମସ୍ଥାନରେ (1st) ରହିଥିବା 'କେରଳ (ଉତ୍ତରାଖଣ୍ଡ ସହିତ ପ୍ରଥମ)', ଦ୍ୱାଦଶତମ (12th) ସ୍ଥାନରେଥିବା 'ଓଡ଼ିଶା' ତଥା ଷୋଡ଼ଶ (16th- Last) ସ୍ଥାନରେ ଥିବା 'ବିହାର'ର ଅର୍ଥନୈତିକ ପରିସ୍ଥିତି ବାବଦରେ କିଛି ତଥ୍ୟ।

(୧) ପାଖାପାଖି ୩ କୋଟି ୫୯ ଲକ୍ଷ ଲୋକସଂଖ୍ୟା ବିଶିଷ୍ଟ 'କେରଳ'ର ତା୩୧.୩.୨୦୨୪ରିଖରେ, ଜିଡିପି ୧୧.୩୫ ଲକ୍ଷ କୋଟି ଟଙ୍କା ଥିଲା ତ, ୪ କୋଟି ୬୯ ଲୋକସଂଖ୍ୟା ବିଶିଷ୍ଟ 'ଓଡ଼ିଶା'ର ଜିଡିପି ୦୮.୬୯ ଲକ୍ଷ କୋଟି ଟଙ୍କା ଓ ୧୨.୭୮ କୋଟି ଲୋକସଂଖ୍ୟା ବିଶିଷ୍ଟ 'ବିହାର'ର ଜିଡିପି ଥିଲା ୦୮.୫୪ ଲକ୍ଷ କୋଟି ଟଙ୍କା ।

(୨) (କ) 'କେରଳ'ର ଋଣଭାର ୪.୮୨ଲକ୍ଷ କୋଟି ଟଙ୍କା, ମୁଣ୍ଡପିଛା ଋଣ ୧ଲକ୍ଷ ୨୦ ହଜାର ଟଙ୍କା ତଥା ଦୈନିକ ଦେୟ ସୁଧର ପରିମାଣ ୮୭.୨ କୋଟି ଟଙ୍କା ଥିଲା ତ, (ଖ) 'ଓଡ଼ିଶା'ର ଏହା ଯଥାକ୍ରମେ ୦୧.୨୬ ଲକ୍ଷ କୋଟି ଟଙ୍କା(ଋଣ), ୨୫,୯୯୦ ଟଙ୍କା (ମୁଣ୍ଡପିଛା ଋଣ), ୧୭.୮୧ କୋଟି ଟଙ୍କା (ଦୈନିକ ସୁଧ) ଓ (ଗ) 'ବିହାର' ର ଏହା ଯଥାକ୍ରମେ ୦୪ଲକ୍ଷ ୬୦ ହଜାର କୋଟି ଟଙ୍କା (ଋଣ), ୨୭,୦୦୦ ଟଙ୍କା ( ମୁଣ୍ଡପିଛା ଋଣ) ଓ ୬୩ କୋଟି ଟଙ୍କା (ଦୈନିକ ସୁଧ) ଥିଲା । ଏବେ, ୨୦୨୨–୨୩ SDGର ୧୬ଟି ମାନକ (Parameters)ରେ 'କେରଳ, ଓଡ଼ିଶା ଓ ବିହାର' କେଉଁ କେଉଁ ସ୍ଥାନରେ ରହିଛନ୍ତି, ସେସବୁ ତଥ୍ୟ । (ଯଥାକ୍ରମେ– ବ୍ରାକେଟ ଭିତରେ ୧୦୦ରୁ ପାଇଥିବା ନମ୍ବର)... ମାନକ –୧.. 'କେରଳ'– ସ୍ଥାନ –୧(୯୨–୧୦୦ନମ୍ବରରୁ), 'ଓଡ଼ିଶା'– ୧୩(୭୩), 'ବିହାର'–୨୮(୩୯), ମାନକ–୨... କେରଳ –୧(୮୪), ଓଡ଼ିଶା –୨୪(୪୫), ବିହାର – ୨୮(୨୪), ମାନକ–୩–.. କେରଳ –୬(୮୦), ଓଡ଼ିଶା –୧୬(୭୩), ବିହାର –୨୨(୬୭), ମାନକ–୪.. କେରଳ –୧(୮୨), ଓଡ଼ିଶା – ୨୭(୪୦), ବିହାର –୨୮(୩୨), ମାନକ–୫.. କେରଳ –୩(୬୬), ଓଡ଼ିଶା –୨୮(୩୯), ବିହାର – ୨୪(୪୪), ମାନକ–୬.. କେରଳ – ୧୬(୮୭), ଓଡ଼ିଶା –୧୫(୮୮), ବିହାର –୨୩(୮୧), ମାନକ–୭– କେରଳ –ଅନ୍ୟ କେତୋଟି ରାଜ୍ୟ ସହିତ ୧(୧୦୦ ନମ୍ବର ସହିତ), ଓଡ଼ିଶା–୨୧(୮୪), ବିହାର – ୨୩(୮୧), ମାନକ–୮–କେରଳ– ୧୩(୭୪), ଓଡ଼ିଶା –୧୧(୭୫), ବିହାର –୨୮(୪୪), ମାନକ–୯– କେରଳ–୦୩(୬୯), ଓଡ଼ିଶା – ୨୨(୪୮), ବିହାର –୧୬(୫୩), ମାନକ–୧୦–କେରଳ–୧୧(୭୧), ଓଡ଼ିଶା –୨୨(୬୪), ବିହାର – ୨୪(୫୬), ମାନକ–୧୧–କେରଳ– ୧୨(୮୪), ଓଡ଼ିଶା –୨୧(୭୪), ବିହାର –୨୪(୫୭), ମାନକ–୧୨– କେରଳ–୨୭(୫୩), ଓଡ଼ିଶା – ୧୦(୮୫), ବିହାର –୨୦(୭୪), ମାନକ–୧୩–କେରଳ–୦୩(୮୦), ଓଡ଼ିଶା –୧୪(୬୪), ବିହାର – ୨୭(୩୪), ମାନକ–୧୪–କେରଳ– ୦୭(୫୧), ଓଡ଼ିଶା –୦୪–(୭୦), ବିହାର – N.A, (୦୯ଟି ସମୁଦ୍ର ଉପକୂଳବର୍ତ୍ତୀ ରାଜ୍ୟରୁ), ମାନକ– ୧୫–କେରଳ–୦୭(୮୮), ଓଡ଼ିଶା – ୧୬(୭୬), ବିହାର –୧୮–(୭୩), ମାନକ–୧୬–କେରଳ– ୦୫(୮୨), ଓଡ଼ିଶା –୨୭(୬୨), ବିହାର –୨୦– (୬୮) ।

'ଯୁଆଡେ ଯାଆନ୍ତି ହରି, ସିଆଡେ ପଡେ ହୁରି' ଭଳି ଓଡ଼ିଆ ଲୋକକଥାଟିର ଆଧାରରେ, ମନ୍ତ୍ରୀ ଓ ନେତାଗଣ ଯେଉଁ ଯେଉଁ ରାଜ୍ୟରେ ନିର୍ବାଚନୀ ଭାଷଣ ଦିଅନ୍ତି, 'ସେହି ସେହି ରାଜ୍ୟକୁ ଏକନମ୍ବରୀ କରିବାର ପ୍ରତିଶ୍ରୁତି ଦେଲାବେଳେ' ଭୋଟରଗଣ ସେଥିରେ ଖୁସିହୋଇ, ପ୍ରବଳ ତାଳିମାଡ ସହିତ ଜୟ ଜୟକାର ଧ୍ୱନୀରେ ଗଗନ ପବନକୁ ପ୍ରକମ୍ପିତ କରନ୍ତି ।

ଅମିତ ଶାହାଜୀ,'ବିଦେଶରୁ କଳାଧନ ଆସିବା ବାବଦରେ' ତା୫.୨.୨୦୧୫ରିଖରେ ABP NEWS TV ରେ କହିଥିବା 'ଏହା ନିର୍ବାଚନୀ ଜୁମଲା' କହିଥିବା ଭଳି ଏହି ପ୍ରତିଶୃତିଗୁଡିକ ବି ଯେ 'ନିର୍ବାଚନୀ ଜୁମଲା', ତାହା ଭୋଟରଗଣ ନ ବୁଝିବା ପର୍ଯ୍ୟନ୍ତ, ଏହିପରି ଲୀଳା ଚାଲୁଥିବ, ଓଡ଼ିଶା ଏକନମ୍ବରୀ ହେବା?

'ନିର୍ବାଚନ ସମୟରେ ପ୍ରତିଶୃତି ପାଳନ' ବାବଦରେ ସର୍ବୋଚ୍ଚ ନ୍ୟାୟାଳୟରେ ୨୦୧୩ ମସିହାରେ ହୋଇଥିବା ମୋକଦ୍ଦମା କଚେରି, କେନ୍ଦ୍ର ସରକାର ଓ ନିର୍ବାଚନ କମିଶନଙ୍କ ଭିତରେ ଏକଡ଼ ସେକଡ ହେଉଛି (Passing the Buck)ଓ Association for Democratic Reforms (ADR) ତରଫରୁ ଆବେଦନକାରୀ ପ୍ରଫେସର ଜଗଦୀପ ଛୋକ୍କର ମହାଶୟ, 'ତାରିଖ ପେ ତାରିଖ ପେ ତାରିଖ ପେ ତାରିଖ' ଭିତର ଦେଇ ଦେଇ ଆଉ ନାହାନ୍ତି ।


*ମୋ. ୮୮୯୫୮୫୭୩୧୮*


# ବିଶ୍ୱରେ ବୃଦ୍ଧି ପାଉଛି କ୍ରୀତଦାସ ପ୍ରଥା!

**■ ଅଲେଖ ଚନ୍ଦ୍ର ସାମଲ ■**

ପ୍ରତିବର୍ଷ ଡିସେମ୍ବର ଦୁଇ ତାରିଖକୁ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଭାବେ ପାଳନ କରାଯାଇଥାଏ । ମାନବ ଚାଲାଣ ରୋକିବା, ଶ୍ରମ, ବେଶ୍ୟାବୃତ୍ତି ଆଦି କାର୍ଯ୍ୟ ନିମନ୍ତେ ଲୋକମାନଙ୍କୁ ଗୋଲାମ କରି ରଖିବାର କୁପ୍ରଥା ବିରୋଧରେ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଥମ ଥର ପାଇଁ ୧୯୮୬ରେ ମିଳିତ ଜାତସଂଘର ସାଧାରଣ ପରିଷଦରେ ଆନ୍ତର୍ଜାତିକ ଦାସତ୍ୱ ଉଚ୍ଛେଦ ଦିବସ ଅନୁମୋଦନ ଲାଭ କରିଥିଲା । ସେବେଠାରୁ ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଏହି ଦିବସ ଉପଲକ୍ଷେ ଦାସତ୍ୱ ପ୍ରଥାର ବିଲୋପ ନିମନ୍ତେ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଆନ୍ତର୍ଜାତିକ ସ୍ତରରେ ଦାସତ୍ୱକୁ ବେଆଇନ ଘୋଷଣା କରାଯାଇଛି ।

କ୍ରୀତଦାସ ପ୍ରଥା ସମ୍ପୂର୍ଣ୍ଣ ଲୋପ କରିବାକୁ ଅନେକ ଆଇନ କାନୁନ୍ ବ୍ୟବସ୍ଥା କରାଯାଇଥିଲେ ବି ଏବେ ବି ସାରା ବିଶ୍ୱରେ ୩କୋଟିରୁ ଅଧିକ କ୍ରୀତଦାସ ଥିବାବେଳେ ସେମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ କେବଳ ଭାରତରେ ଅଛନ୍ତି । ଭାରତରେ ଏବେବି ୧କୋଟି ୪୦ ଲକ୍ଷ କ୍ରୀତଦାସ ଅଛନ୍ତି । ଦାଦନ ଓ ଗୋତି ଶ୍ରମିକପରି ଘୃଣ୍ୟ ପ୍ରଥା ମାଧ୍ୟମରେ ଭାରତରେ କ୍ରୀତଦାସ ପ୍ରଥା ଜୀବିତ ରହିଛି । କ୍ରୀତଦାସ ପ୍ରଥା ବିରୋଧରେ କାର୍ଯ୍ୟ କରୁଥିବା 'ୱାକ୍ ଫ୍ରି ଫାଉଣ୍ଡେସନ' ନିକଟରେ ରିପୋର୍ଟରେ ପ୍ରକାଶ କରିଥିବାବେଳେ ସାରା ବିଶ୍ୱରେ କେତେ କ୍ରୀତଦାସ ଅଛନ୍ତି ତା'ର ତାଲିକା ପ୍ରଦାନ କରିଛି । ଏଥିରେ ୧୬୨ଟି ଦେଶରେ କେତେ କ୍ରୀତଦାସ ରହୁଛନ୍ତି, କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ତଥା ଏହାକୁ ରୋକିବାରେ ସରକାରଙ୍କ ସାମର୍ଥ୍ୟ ଉପରେ ସବିଶେଷ ଅଧ୍ୟୟନ କରାଯାଇଛି । ଯୌନକର୍ମୀ କିମ୍ବା ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଅନେକ ସମୟରେ ହେଉଥିବା ମାନବ ଚାଲାଣ ଏହାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି । ସାରା ବିଶ୍ୱରେ ୨.୯୮ କୋଟି କ୍ରୀତଦାସ ରହୁଥିବାବେଳେ ଏଥିରୁ ପ୍ରାୟ ୭୬ ପ୍ରତିଶତ କେବଳ ୧୦ଟି ଦେଶରେ ରହୁଛନ୍ତି । ସେଗୁଡ଼ିକ ହେଲା ଭାରତ (୧କୋଟି ୩୯ ଲକ୍ଷ), ଚୀନ (୨୯ଲକ୍ଷ), ପାକିସ୍ତାନ (୨୧ଲକ୍ଷ), ନାଇଜେରିଆ (୭ଲକ୍ଷ), ଇଥିଓପିଆ (୬ଲକ୍ଷ ୫୧ ହଜାର), ଋଷିଆ (୫ଲକ୍ଷ ୧୬ ହଜାର), ଥାଇଲ୍ୟାଣ୍ଡ (୪ଲକ୍ଷ ୭୨ ହଜାର), ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋ (୪ଲକ୍ଷ ୬୨ ହଜାର), ମିଆଁମାର (୩ଲକ୍ଷ ୮୪ ହଜାର) ଓ ବାଂଲାଦେଶରେ ୩ଲକ୍ଷ ୪୩ ହଜାର । ଆଧୁନିକ ସମୟରେ କ୍ରୀତଦାସର ଅର୍ଥ ବଦଳି ଯାଇଥିବାବେଳେ ମାନବ ଚାଲାଣ, ଗୋତି ଶ୍ରମିକ ପ୍ରଥା, ଶିଶୁ ନିର୍ଯାତନା ଓ ଜୋରଜବରଦସ୍ତ ବିବାହ ଆଦିକୁ ମଧ ଏଥିରେ ସାମିଲ କରାଯାଇଛି । ବିଶ୍ୱସ୍ତରରେ କ୍ରୀତଦାସଙ୍କ ତାଲିକା ପ୍ରକାଶ କରିବା ଉଦ୍ଦେଶ୍ୟ ହେଉଛି ଏହା ବିରୋଧ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ଦେଶର ସରକାରଙ୍କ ଉପରେ ଚାପ ପକାଇବା । କାରଣ ସାରା ବିଶ୍ୱରେ ଏବେ ଯେତିକି ସଂଖ୍ୟକ କ୍ରୀତଦାସ ଅଛନ୍ତି ନିଶ୍ଚିତ ଭାବେ ଚିନ୍ତାଜନକ ବୋଲି ଗବେଷକ କେଭିନ୍ ବେଲ୍ସ ପ୍ରକାଶ କରିଛନ୍ତି । ଦାରିଦ୍ର୍ୟ କ୍ରୀତଦାସ ପ୍ରଥାର ପ୍ରମୁଖ କାରଣ ହୋଇଥିବାବେଳେ ଦୁର୍ନୀତି ଏହାର ଅନ୍ୟ ଏକ କାରଣ । ଆଉ କେତେକ ଅଞ୍ଚଳରେ ସେମାନଙ୍କ ପରମ୍ପରା ଏପରି ପ୍ରଥା ସୃଷ୍ଟି କରିଥାଏ । ଯେପରିକି ପଶ୍ଚିମ ଆଫ୍ରିକାର ମରିଟାନିଆର ଜନସଂଖ୍ୟା ମାତ୍ର ୩୮ ଲକ୍ଷ ହୋଇଥିବାବେଳେ ଏଥିରୁ ୧୬୦,୦୦୦ କେବଳ କ୍ରୀତଦାସ । ବାଲ୍ୟ ବିବାହ ଓ ଗୁଲାମଗିରି ଯୋଗୁଁ ଏଠାରେ ଏପରି ପ୍ରଥା ବଞ୍ଚି ରହିଛି ।

ଚୀନରେ ମଧ ଘରୋଇ କାର୍ଯ୍ୟ, ଯୌନ ଓ ଭିକ୍ଷାବୃତ୍ତି ପାଇଁ ମହିଳା, ପୁରୁଷ ତଥା ଶିଶୁମାନଙ୍କୁ କ୍ରୀତଦାସ ହେବା ପାଇଁ ବାଧ କରାଯାଉଛି । ଆଇସ୍‌ଲ୍ୟାଣ୍ଡ, ଆର୍ୟଲ୍ୟାଣ୍ଡ ଓ ବ୍ରିଟେନ ପରି ପାଶ୍ଚାତ୍ୟ ଦେଶ ମଧ କ୍ରୀତଦାସ ମୁକ୍ତ ନୁହଁନ୍ତି ବୋଲି ବେଲ୍ସ ପ୍ରକାଶ କରିଛନ୍ତି । ଏବେବି ୪୪୦୦ ଲୋକ ବ୍ରିଟେନ୍‌ରେ କ୍ରୀତଦାସ ଭାବେ ଅଛନ୍ତି । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଫ୍ରିକା, ଏସିଆ ଓ ପୂର୍ବ ୟୁରୋପର । ଏମାନଙ୍କୁ ଯୌନକର୍ମୀ, ଘରୋଇ କାର୍ଯ୍ୟ, କୃଷି, ନିର୍ମାଣ, ରେସ୍ତୋରାଁ ପରି ସ୍ୱଳ୍ପ ପାରିଶ୍ରମିକ ଦିଆଯାଉଥିବା କାର୍ଯ୍ୟରେ ନିୟୋଜିତ କରାଯାଉଛି । ଏହି ରିପୋର୍ଟ ଧନୀ ରାଷ୍ଟ୍ରମାନଙ୍କ ପାଇଁ ମଧ ଚେତାବନୀ ସଦୃଶ ହୋଇଛି । ସୂଚନା ପ୍ରଯୁକ୍ତିରେ ଆଜି ଚନ୍ଦ୍ରପୃଷ୍ଠରେ ପାଦ ଥାପୁଥିବା ଆମ ପରି ଗୁଣୀଜ୍ଞାନୀ ଓ କୋଟି କୋଟି ଧନୀ ଅମିର୍‌ଙ୍କ ଭିତରେ ଯେ, ନିଜ ଜୀବନକୁ ପଣ୍ୟ କରୁଥିବା କ୍ରୀତଦାସମାନେ ବି ଅଛନ୍ତି ତାହା ଭାବିଲେ ଯେତିକି ଦୁଃଖଦାୟକ ତତୋଧିକ ନିନ୍ଦନୀୟ ।


ମୋ. ୯୪୩୭୨୫୭୧୨


# ଇ-ଆବର୍ଜନାର ସଂକଟ

**■ ବିକ୍ରମ ମହାପାତ୍ର ■**

ଦିନକୁ ଦିନ ପରିବେଶ ପ୍ରଦୂଷିତ ହେବାରେ ଲାଗିଛି । ମାଟି, ପାଣି ଓ ପବନ ଏହି ପ୍ରଦୂଷଣ ମଧ୍ୟରେ ଅନ୍ତର୍ଭୁକ୍ତ । ବିଭିନ୍ନ ପ୍ରକାର କୀଟନାଶକ ଦ୍ରବ୍ୟ ସାର ଆକାରରେ ମାଟିରେ ଓ କଳାକାରଖାନାରୁ ବିଷାକ୍ତ ଜଳ ବାହାରି ନଦୀ ଇତ୍ୟାଦିରେ ମିଶି ପାଣିକୁ ବିଷାକ୍ତ କରୁଛି । କାରଖାନାରୁ ନିର୍ଗତ ଧୂଆଁ ବାୟୁକୁ ପ୍ରଦୂଷିତ କରିବା ସହ ଶବ୍ଦ ପ୍ରଦୂଷଣ ମଧ ଘଟୁଛି । ପ୍ରତିଦିନ ବିଶ୍ୱରେ ପ୍ରାୟ ଚଉଦ ହଜାର ଲୋକ ଦୂଷିତ ପାଣି ପିଇ ମରୁଛନ୍ତି । ସାତଶହ ନିୟୁତ ଭାରତୀୟଙ୍କର ଉପଯୁକ୍ତ ଶୌଚାଳୟ ନାହିଁ । ଏହାଛଡ଼ା ଭାରତରେ ପ୍ରତିଦିନ ଏକ ହଜାର ଲୋକ ହଇଜାରେ ମରୁଛନ୍ତି । ଚୀନରେ ପ୍ରତିବର୍ଷ ପାଞ୍ଚ ନିୟୁତ ଲୋକ ଉପଯୁକ୍ତ ପାନୀୟ ଜଳ ପାଆନ୍ତି ନାହିଁ ଓ ବାୟୁ ପ୍ରଦୂଷିତ ହେବା ଯୋଗୁଁ ଏଠାରେ ପ୍ରତି ବର୍ଷ ପ୍ରାୟ ୬୫୬ ହଜାର ଲୋକ ମରନ୍ତି । ତେଣୁ ବିଶ୍ୱବାସୀଙ୍କୁ ଏହି ପ୍ରଦୂଷଣ ବିଷୟରେ ସଚେତନ କରିବା ଓ ଏହାର ନିରାକରଣ ପାଇଁ ପ୍ରତିବର୍ଷ ଡିସେମ୍ବର ୨ରେ ବିଶ୍ୱ ପ୍ରଦୂଷଣ ନିରାକରଣ ଦିବସ ପାଳନ କରାଯାଏ । ତେବେ ଉଦ୍‌ବେଗଜନକ ଭାବେ ଦିନକୁ ଦିନ ଇ–ଆବର୍ଜନାର ପାହାଡ଼ ଆମ ଆଖପାଖର ପରିବେଶକୁ ଅସ୍ତବ୍ୟସ୍ତ କରୁଛି ।

ଆମେ ହାତରେ ଧରୁଥିବା ଜୀବନ୍ତ ମୋବାଇଲ୍ ଫୋନ, ଆଇପ୍ୟାଡ୍ ବା ଆଇପଡ୍ ଅଥବା ଘରେ ନିତି ଦିନ ଗହଳ ଚହଳ କରୁଥିବା ଜୀବନ୍ତ ଟେଲିଭିଜନ ବା ଆମର ଘନିଷ୍ଠ ମିତ୍ର ସାଜିଥିବା କମ୍ପ୍ୟୁଟର ଅବଶ୍ୟ ଦିନେ ମରିବେ । କିନ୍ତୁ ଏହି ମୃତକମାନଙ୍କ ଦେହାବଶେଷ ମାଟିରେ ମିଶିଯିବ ନାହିଁ । ଏହା ପଡ଼ି ରହିବ ଏବଂ ଆବର୍ଜନାର ପାହାଡ଼ ସୃଷ୍ଟି କରିବ ଏ ପୃଥିବୀ ଉପରେ । ଏଭଳି ଆବର୍ଜନାର ପାହାଡ଼ ଯେ କି ବିଶାଳ ହୋଇପାରେ ତା'ର ଏକ ଚିତ୍ର ଏବେ ଆମକୁ ଜାଣିବାକୁ ମିଳିଛି । ଏଇ ନିକଟରେ ଜାତିସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏବଂ ଇଲେକ୍ଟ୍ରିକାଲ୍ ଆବର୍ଜନର (ଗୋଟିଏ ବ୍ୟାଟେରି ଠାରୁ ଆରମ୍ଭ କରି ମୋବାଇଲ, କମ୍ପ୍ୟୁଟର, ଫୋନ ଦେଇ ଛୋଟ କର୍ଡ଼ ପର୍ଯ୍ୟନ୍ତ) ମାନଚିତ୍ରରେ ଏହି ଆବର୍ଜନା ସ୍ତୂପର ଆକାର ଓ ବିଶାଳତା ସଂପର୍କରେ ସମ୍ୟକ ସୂଚନା ମିଳିଛି । ସେଥିରେ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ମୁଣ୍ଡପିଛା ଇ–ଆବର୍ଜନା ସୃଷ୍ଟିର ପରିମାଣ ସର୍ବାଧିକ । ଏହା ହେଉଛି ମୁଣ୍ଡ ପିଛା ୨୯.୮ କେଜି. । ଚୀନ୍‌ରେ ଏହି ପରିମାଣ ହେଉଛି ମୁଣ୍ଡ ପିଛା ୫.୪ କେ.ଜି । ବ୍ରିଟେନ୍‌ରେ ଏହି ପରିମାଣ




ହେଉଛି ମୁଣ୍ଡ ପିଛା ୨୨ କିଲୋ ।

ଏହି ମାନଚିତ୍ରରୁ ଜଣାପଡ଼ିଛି ଯେ ପୃଥିବୀରେ ପ୍ରତି ବର୍ଷ ସୃଷ୍ଟି ହେଉଛି ୪୮.୯ ନିୟୁତ ଟନ୍ ଓଜନର ଇ–ଆବର୍ଜନା । ତା ଅର୍ଥ ପୃଥିବୀର ୭୦୦ କୋଟି ଲୋକଙ୍କ ମୁଣ୍ଡ ପିଛା ଇ–ଆବର୍ଜନାର ପରିମାଣ ହେଉଛି ୭ କେଜି । ଏହି ଆବର୍ଜନା ଭିତରୁ ସବୁଠାରୁ ଅଧିକ ହେଉଛି ମୋବାଇଲ ଫୋନ୍ ଯାହାର ପରିମାଣ ହେଲା ୧୨୦ ନିୟୁତ ଟନ୍ । ଏଥିରେ ଭବିଷ୍ୟବାଣୀ କରାଯାଇଛି ଯେ ୨୦୨୭ ବେଳକୁ ଏହା ୩୩ ପ୍ରତିଶତ ହାରରେ ବୃଦ୍ଧି ପାଇ ପହଞ୍ଚିଥିବ ୬୫.୯ ନିୟୁତ ମେଟ୍ରିକ୍ ଟନ୍‌ରେ । ଏହି ଆବର୍ଜନାର ଓଜନ ୨୦୦ଟି ଏମ୍ପାୟାର ଷ୍ଟେଟ୍ ବିଲଡିଂ ବା ଇଜିପ୍ଟର ୧୧ଟି ଅତିକାୟ ଗିଜା ପିରାମିଡ୍‌ର ଓଜନ ସହିତ ସମାନ ହେବ । ଯଦି ଏହି ଆବର୍ଜନାକୁ କେଉଁଠାକୁ ନେବାକୁ ପଡ଼େ ତେବେ ୪୦ଟନ୍ ମାଲ୍ ବୋହିବାକୁ ସକ୍ଷମ ଥିବା ବିଶାଳ ଟ୍ରକ ଗୁଡ଼ିକର ଯେଉଁ ଲମ୍ବାଧାଡ଼ି ଲାଗିବ ତାହା ପୃଥିବୀର ବିଷୁବ ରେଖା ଦୈର୍ଘ୍ୟର ତିନି ଚତୁର୍ଥାଂଶ ହେବ । ୨୦୨୨ରେ ଚୀନ ସବୁଠାରୁ ଅଧିକ ଇ–ଆବର୍ଜନା ସୃଷ୍ଟି କରିଥିଲା । ତା'ର ପରିମାଣ ଥିଲା ୧୧.୧ ନିୟୁତ ଟନ୍ । ଯୁକ୍ତରାଷ୍ଟ୍ର ଆମେରିକା ଥିଲା ଦ୍ୱିତୀୟ ସ୍ଥାନରେ । ଏବେ ଏ କ୍ରମ ବଦଳି ଯାଇଛି । ଏବେ ଯୁକ୍ତରାଷ୍ଟ୍ର ଆମେରିକା ୯.୪ ନିୟୁତ ଟନ୍ ଇ–ଆବର୍ଜନ ସୃଷ୍ଟି କରି ପ୍ରଥମ ସ୍ଥାନରେ ରହିଛି । ତେବେ ଆମେରିକା ଓ ଚୀନର ଜନସଂଖ୍ୟା ଭିତରେ ବହୁତ ତାରତମ୍ୟ ଥିବାରୁ ମୁଣ୍ଡପିଛା ଇ–ଆବର୍ଜନା ସୃଷ୍ଟିରେ ଆମେରିକା ଚୀନର ପ୍ରାୟ ପାଞ୍ଚଗୁଣ ।

ଭାରତରେ ବର୍ଷକୁ ୨୭୫୧ ମେଟ୍ରିକ୍ କିଲୋ ଟନ୍ (ଏକ କିଲୋଟନ୍ ହେଉଛି ୧୦୦୦ ଟନ୍) ଇ ଆବର୍ଜନା ସୃଷ୍ଟି ହେଉଛି । ଏ ସଂକ୍ରାନ୍ତରେ ଗୋଟିଏ ବଡ଼ ସଂକଟଜନକ କଥା ଜାତିସଂଘ ପକ୍ଷରୁ କୁହାଯାଇଛି । ତାହା ହେଲା ପାଶ୍ଚାତ୍ୟର ବିଶାଳ ଇ–ଆବର୍ଜନାର ଗଦା ବୋଝେଇ ହୋଇ ଭାରତରେ ପହଞ୍ଚିବାର ସମ୍ଭାବନା ସବୁଠାରୁ ଅଧିକ । କାରଣ ଇ–ଆବର୍ଜନାକୁ ନଷ୍ଟ କରିବା ଲାଗି ଲୋଡ଼ା ସ୍ୱତନ୍ତ୍ର ପ୍ରକାର ଫର୍ନେସ ଏଇ ବର୍ଷ ଠାରୁ ଚୀନ ଓ ମାଲେସିଆରେ ବନ୍ଦ ହୋଇଯିବ । କେବଳ ଭାରତରେ ଏ ସୁବିଧା ମିଳୁଥିବାରୁ ବିକଶିତ ଦେଶମାନେ ଭାରତକୁ ସେମାନଙ୍କ ଇ–ଆବର୍ଜନା ଡଂପିଙ୍ଗ ଗ୍ରାଉଣ୍ଡରେ ପରିଣତ କରିଦେବେ । ଏହା ଭାରତ ଲାଗି ବିପଜ୍ଜନକ ହୋଇପାରେ । କାରଣ ଇ–ଆବର୍ଜନାରୁ ବିକିରଣ ସହିତ ବିଭିନ୍ନ ମାରାତ୍ମକ ବିଷାକ୍ତ ପଦାର୍ଥ (ସୀସା, ଆର୍ସେନିକ୍, ଲିଥିଅମ୍ ଆଦି) ମିଶି ରହିଥାଏ ଯାହା ପ୍ରକୃତି ଓ ପରିବେଶକୁ ପ୍ରଦୂଷିତ କରି ଚାଲିଥାଏ । ଏହି ଇ–ଆବର୍ଜନା କେବଳ ସମାଜ ନୁହେଁ ଆମ ସମସ୍ତଙ୍କ ପାଇଁ ଅତ୍ୟନ୍ତ ବିପଦଜ୍ଜନକ, ଘାତକ ଓ ମାରାତ୍ମକ। ତେଣୁ ଏ କ୍ଷେତ୍ରରେ ଆମ୍ଭମାନଙ୍କ ଭିତରେ ସଚେତନତା ଅତ୍ୟନ୍ତ ଜରୁରୀ।


*'ଆନନ୍ଦ ଜ୍ୟୋସ୍ନା', ଚଣ୍ଡୀମନ୍ଦିର ମାର୍ଗ, ଚଣ୍ଡୀଛକ, କଟକ*

# ଓଡ଼ିଶା ଏକ୍ସପ୍ରେସ୍

**ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ**

ଭୁବନେଶ୍ୱର | ୨ ଡିସେମ୍ବର ୨୦୨୫ ମଙ୍ଗଳବାର | ପୃଷ୍ଠା ୫


ସାଧାରଣ ବ୍ୟକ୍ତିଟିଏ ତା' ଦୈନନ୍ଦିନ ଚଳଣିରେ ସମସ୍ତ ନିଜର ବ୍ୟବହାରିକ କାର୍ଯ୍ୟପାଇଁ ସମର୍ଥ ବା କ୍ଷମଥାଏ କାରଣ ତା'ର ସମସ୍ତ ଅଙ୍ଗ ତଥା ଇନ୍ଦ୍ରିୟମାନେ ଠିକ୍ କାମ କରୁଥାନ୍ତି । ତା'ର ଅନ୍ୟ ଉପରେ ଆଙ୍ଗିକ ଏବଂ ଇନ୍ଦ୍ରିୟ ଜନିତ ଯଥା ସ୍ୱର୍ଶ, ସ୍ୱାଦ, ଘ୍ରାଣ, ଦର୍ଶନ ଏବଂ ଶ୍ରବଣ ଇତ୍ୟାଦି ପାଇଁ ନିର୍ଭରଶୀଳତା ପ୍ରାୟତଃ ନଥାଏ । ଏଣୁ ସେ ତା' ମଧ୍ୟରେ ଥିବା ସମସ୍ତ ମାନବ ସମ୍ବଳକୁ ଯଥାଯଥ ବିନିଯୋଗ କରିଥାଏ ।





## ଅକ୍ଷମ ଏବଂ ଭିନ୍ନକ୍ଷମର ପରିଭାଷା : ଦିବ୍ୟାଙ୍ଗ

**ଅ**କ୍ଷମ ବ୍ୟକ୍ତି ତାକୁ କୁହନ୍ତି ଯାହାର କାର୍ଯ୍ୟ କରିବାର କ୍ଷମତା ନଥାଏ ବା ତା'ର କୌଣସି ନିର୍ଦ୍ଦିଷ୍ଟ ଅଙ୍ଗ କାର୍ଯ୍ୟକ୍ଷମ ନଥାଏ । ଯେମିତି ଜଣେ ଜନ୍ମାନ୍ଧ । ସେ ତା'ର ଦର୍ଶନ ଜନିତ



କାର୍ଯ୍ୟ କେମିତି ସମ୍ପାଦନ କରିବ? ଅର୍ଥାତ୍ ସେ ଦର୍ଶନକୁ ଅକ୍ଷମ । ଏହା ଅର୍ଥ ନୁହେଁ ତା'ର ଅନ୍ୟାନ୍ୟ ଇନ୍ଦ୍ରିୟ ବା ଅଙ୍ଗ ପ୍ରତଙ୍ଗ କାମ କରୁନାହାଁନ୍ତି । ସେ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ସମର୍ଥ ଅଟେ । ନ ହେଲେ ଅନ୍ୟ ଅର୍ଥରେ ଭିନ୍ନ କାର୍ଯ୍ୟ ପାଇଁ ସେ କ୍ଷମ । ଏଣୁ ଭିନ୍ନକ୍ଷମ । ସବୁଥିରେ ଅକ୍ଷମ ବ୍ୟକ୍ତି ଏମିତି ଜଣେ କେହି ନାହିଁ ।

କୌଣସି ଅଙ୍ଗର ଅକ୍ଷମତା ଦୁଇଟି କାରଣରୁ ହୋଇଥାଏ । ଗୋଟିଏ ଜନ୍ମଗତ ଏବଂ ଅନ୍ୟଟି ଜୀବଦଶା ମଧ୍ୟରେ କୋଉ କାରଣରୁ ଅର୍ଜିତ । ଜନ୍ମଗତ ଯାହା ସେଥିପାଇଁ ଉକ୍ତ ବ୍ୟକ୍ତି ଦୁଃଖ ପ୍ରକାଶ କରେ ନାହିଁ କାରଣ ସେ ଯାହାର 'ନାହିଁ'ରେ ଜନ୍ମ ହୋଇଛି, ସେ ତା'ର ବ୍ୟବହାର ଜାଣେ ନାହିଁ ଯାହାର 'ଅଛି'ରେ ସେ ଅଛି, ସେଥିରେ ସେ ସନ୍ତୁଷ୍ଟ ଏବଂ ତାକୁଇ ନେଇ ସେ ପ୍ରକୃତି ସହିତ ଠିକ୍ ସମାୟୋଜନ କରିଥାଏ । ଏହି କାରଣରୁ ଜନ୍ମାନ୍ଧଟିଏ ତା' ଅନ୍ଧ ରାଜ୍ୟରେ ସମ୍ରାଟଟିଏ । ସେ କିଛି ପାଇବା ଜିନିଷ ହଜାଇ ନାହିଁ । ଏଣୁ ଖୋଜିବାର ନାହିଁ। ଖୋଜିବା କଥା ହିଁ ଦୁଃଖ । ଅଥଚ ଅର୍ଜିତ ବ୍ୟକ୍ତିଟିଏ ପାଇ ହରାଇଛି ବୋଲି ଦୁଃଖୀ। ପକେଟରେ ପଇସା ଥିଲେ ହଜିପାରେ । ହଜିଲେ ଖୋଜିବା ଅବଶ୍ୟମ୍ଭାବୀ । ଖୋଜି ନ ପାଇବାହିଁ ଦୁଃଖ ଓ ମନସ୍ତାପ ।

ଅକ୍ଷମତା ଏକ ବିକଳ ଅଙ୍ଗ ନୁହେଁ । ପ୍ରତିଟି ବ୍ୟକ୍ତି ମାନବ ସମ୍ବଳ ନେଇ ଜନ୍ମ ହୋଇଛି। ତା'ର ବୁଦ୍ଧି, ବୃତ୍ତି ଓ ସାମର୍ଥ୍ୟ ଅଛି। ସେ କୋଉଟା ହେଲେ କାମ କରିବାକୁ ସମର୍ଥ। ଆମର ଉଦ୍ଦେଶ୍ୟ ସମସ୍ତଙ୍କର ମାନବ ସମ୍ବଳର ଯଥାଯଥ ବିନିଯୋଗ ହେଉ । ଯିଏ ଯୋଉଥିପାଇଁ ଯୋଗ୍ୟ, ଯୋଉ ଭିନ୍ନତାକୁ କ୍ଷମ, ତାକୁ ସେଇଠି ବିନିଯୋଗ କରାଯାଉ ।

ଏକଥା ମଧ୍ୟ କହି ରଖୁ ଯେ ଭିନ୍ନକ୍ଷମ ସାଧାରଣ ବ୍ୟକ୍ତିଟିଏ ଠାରୁ ଭିନ୍ନ କଥାରେ ଏମିତିରେ ଅଧିକକ୍ଷମ । ଜଣେ ବ୍ୟକ୍ତିର ତା' ସଂପତ୍ତିକୁ ଯଦି ତା' ପାଞ୍ଚ ସନ୍ତାନ ଭିତରେ ସମାନ ଭାବରେ ବାଣ୍ଟିଦିଏ, ଚାରୋଟି ସନ୍ତାନ ଥିଲେ ଅଧିକ ପଡ଼ିଥାନ୍ତା ନିଶ୍ଚୟ । ସେହି ଅର୍ଥରେ ପାଞ୍ଚଟି ଇନ୍ଦ୍ରିୟ ଭିତରୁ ଗୋଟିଏ ଅକାମୀ ହୋଇଗଲେ ଅନ୍ୟମାନେ ଅଧିକ ବଳଶାଳୀ ଓ କ୍ରିୟାଶୀଳ ହୋଇ ଯାଆନ୍ତି, ଏକଥା ସତ୍ୟ ।

ଜନ୍ମଗତ ବା ଅର୍ଜିତ ଭିନ୍ନକ୍ଷମ ସମାଜରେ ଏକ ବିଶେଷ ଅଙ୍ଗ । 'ନାହିଁ' ଅର୍ଥରେ ଆମେ ସେମାନଙ୍କୁ ପଛକୁ ଠେଲି ଅବହେଳା କରିବା ନାହିଁ । ହେଲେନ୍ କେଲର୍ ପରି ଜନ୍ମାନ୍ଧ ବିଶ୍ୱରେ ଯେଉଁ କୃତିତ୍ୱ ଦେଖାଇଛନ୍ତି, ତା'ର ପଟାନ୍ତର ନାହିଁ । ଏବେ ବି କର୍ମ କ୍ଷେତ୍ରରେ ନିଯୁକ୍ତି ଭିନ୍ନକ୍ଷମ ମାନେ ତାଙ୍କର ବ୍ୟକ୍ତିତ୍ୱ ଓ କୃତିତ୍ୱ ଦେଖାଇ ସାରିଲେଣି ।





ଆମକୁ ସେମାନଙ୍କର ଅସୁବିଧାକୁ ଦେଖିବାକୁ ହେବ, ସେମାନଙ୍କର ବିଭିନ୍ନ ସମସ୍ୟାକୁ ବିଚାରକୁ ନେବାକୁ ହେବ, ବିଭିନ୍ନ କର୍ମକ୍ଷେତ୍ରରେ ସେମାନଙ୍କୁ



ଯୋଗ୍ୟତା ଭିତ୍ତିକ ସମାନ ଅଧିକାର ଦେବାକୁ ହେବ, ଏନେଇ ସଂରକ୍ଷଣ ବ୍ୟବସ୍ଥା ମଧ୍ୟ ଲାଗୁ କରାଯାଇପାରେ ସେମାନଙ୍କ ଥଇଥାନ କରିବାକୁ ହେବ ଯେଉଁଠି ସମ୍ଭବ, ସେମାନଙ୍କର ଅକର୍ମଣ୍ୟତାକୁ କୃତ୍ରିମ ଉପାୟରେ ସୁଧାରିବାକୁ ହେବ, ସେମାନଙ୍କର ବେକାରୀଙ୍କୁ ବେକାରୀ ଭିନ୍ନତା ଏବଂ ଚଳପ୍ରଚଳକୁ ଗାଡ଼ି ଅଥବା ତତ୍ ଜନିତ ନିୟମିତ ଭତ୍ତା ଯୋଗାଇବାକୁ ହେବ ଏବଂ ସର୍ବୋପରି ସମାଜରେ ଏକ ବ୍ୟକ୍ତିତ୍ୱ ସଂପୂର୍ଣ୍ଣ ବ୍ୟକ୍ତି ହିସାବରେ ବଂଚିବାକୁ ଦିଆଯିବ । ଏହି ବାର୍ତ୍ତା ପ୍ରତିଟି ବ୍ୟକ୍ତି, ଅଞ୍ଚଳ, ଦେଶ ତଥା ବିଶ୍ୱରେ ସୂଚାଇ ଦେବା ପାଇଁ ୩ ଡିସେମ୍ବର ୧୯୯୨ ଠାରୁ ମିଳିତ ଜାତିସଂଘ ତର'ରୁ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ପ୍ରତିବର୍ଷ ୩ ଡିସେମ୍ବରକୁ ବିଶ୍ୱ ଭିନ୍ନକ୍ଷମ ଦିବସ ରୂପେ ପାଳନ କରାଯାଉଛି ।

ଦୁଃଖ ଯେ ଏତେ ସତ୍ତ୍ୱେ ଭିନ୍ନକ୍ଷମଙ୍କ ଅବସ୍ଥା ସୁଧୁରେ ନାହିଁ । ଏମିତିକି ଗାଡ଼ି ମଟର କି ଅନ୍ୟାନ୍ୟ ଯାନବାହନରେ ତାଙ୍କ ପାଇଁ ସଂରକ୍ଷିତ ସ୍ଥାନଗୁଡ଼ିକ କଥା କଥିତ ବାବୁମାନେ ମାଡ଼ିବସନ୍ତି । କାହାକୁ କହିଲେ କେହି ଶୁଣିବାର ନାହିଁ । ଏପରିସ୍ଥଳେ ସହାନୁଭୂତି, ସହଯୋଗ ଓ ସମବେଦନା ତଥା କିପରି କହିବା?

ତଥାପି ଆସନ୍ତୁ, ସେମାନଙ୍କ ପାଇଁ ସାହାଯ୍ୟ ଏବଂ ଅନୁକମ୍ପାର ହାତଟିଏ ବଢ଼ାଇ ଦେବା । ସମାଜରେ ମର୍ଯ୍ୟାଦା ସମ୍ପନ୍ନ ବ୍ୟକ୍ତି ହିସାବରେ ବଞ୍ଚିବାରେ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ।



ବିଜ୍ଞ ବ୍ୟକ୍ତି କହନ୍ତି ବିଶ୍ୱର ପ୍ରତ୍ୟେକ ବ୍ୟକ୍ତି ଭିନ୍ନକ୍ଷମ ବା ଦିବ୍ୟାଙ୍ଗ ଅଟନ୍ତି । ମାତ୍ର ପରିମାଣ ପ୍ରତିଶତ କମ ବା ବେଶି ଥାଏ । ଆମେ ସମସ୍ତେ ଦିବ୍ୟାଙ୍ଗ ଭାବରେ କିଏ ନା କେହି ଦୃଷ୍ଟି ବାଧିତ, ଶ୍ରବଣ ବାଧିତ, ବାକ୍ଶକ୍ତି ବାଧିତ, ଶାରୀରିକ ବାଧିତ, ମାନସିକ ବାଧିତ, ଚଳନ ବାଧିତ ବା ବହୁବିଧ ବାଧିତ ଇତ୍ୟାଦି ଇତ୍ୟାଦି କୌଣସି ନା କୌଣସି ସମସ୍ୟାରେ ବି ଅଛନ୍ତି । କେହି କୌଣସି ଅସୁବିଧାରେ ନାହିଁ, ସେ ସମ୍ପୂର୍ଣ୍ଣ ଦୋଷ ଶୂନ୍ୟ ବୋଲି କହିବା ସମ୍ଭବ ନୁହେଁ । କାରଣ ଇଶ୍ୱର କାହାରିକୁ ସ୍ୱୟଂ ସମ୍ପୂର୍ଣ୍ଣ ଆଦର୍ଶ କରି ଗଢି ନାହାନ୍ତି । ଏକଥାକୁ ବିଚାର କରି ଆମେ ସମସ୍ତେ ସଚେତନ ହେବା ଜରୁରୀ । ଯାହାର ଦିବ୍ୟାଙ୍ଗ ପରିମାଣ ମାତ୍ରା ଅଧିକ ଥାଏ ସେମାନଙ୍କ ପ୍ରତି ସମାଜ ଯତ୍ନବାନ ହେବା ଆବଶ୍ୟକ । ଅଧୁନା ଏହାକୁ ଗୁରୁତ୍ୱ



ଦେଇ ଶିଶୁ ଶିକ୍ଷା ଅଧିକାର ଓ ସର୍ବଶିକ୍ଷା ଅଭିଯାନରେ ଦିବ୍ୟାଙ୍ଗ ସେବାକୁ ଅଙ୍ଗୀକାରବଦ୍ଧ ଭାବରେ ଅଧିକ କାର୍ଯ୍ୟକାରୀ କରାଯାଉଛି ।

## ଦିବ୍ୟାଙ୍ଗଙ୍କ ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସା**ମାଜିକ ଓ ନୈତିକ ମୂଲ୍ୟବୋଧ ଦୃଷ୍ଟିରୁ ଶିକ୍ଷା ଭିତରେ ଦରଦ ଓ ମାନବବାଦର ସ୍ୱର ତୋଳିବାରେ ଶିକ୍ଷକ ଜଣେ ସାର୍ଥକ ଶିଳ୍ପୀ ରୂପେ ଦିବ୍ୟାଙ୍ଗ ଉନ୍ନତିକୁ ପ୍ରାଧାନ୍ୟ ଦେଉଛନ୍ତି । ଶିକ୍ଷକତା ବୃତ୍ତି ନୁହେଁ ଏହା ଏକ ବ୍ରତ ଭାବନା ନେଇ ଆନ୍ତରିକତାର ସହ ଅଭିଜ୍ଞତାକୁ ବାସ୍ତବ ପ୍ରୟୋଗ କରି ସମାଜ ଗଠନର ଭୂମିକା ଲିଭାଉଛନ୍ତି । ସମସ୍ତେ ଜାଣନ୍ତି ଦିବ୍ୟାଙ୍ଗ ସେବା ଏକ କଳା, ଏହା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଆଗ୍ରହ ଓ ରୁଚି ଉପରେ ନିର୍ଭର କରେ, ଏହି ଆହ୍ୱାନର ମୁକାବିଲା ପାଇଁ ଶିକ୍ଷକ ନିଜକୁ ପ୍ରସ୍ତୁତ କରିବା ସକାଶେ ଅଧିକ ଯତ୍ନବାନ ହେବା ଦରକାର । କାରଣ ଶିକ୍ଷକତା ଏକ ମହାନ ବୃତ୍ତି ହେତୁ ଶିକ୍ଷକମାନେ ବହୁବିଧ ସମସ୍ୟା ସତ୍ତ୍ୱେ ଜାତିଗଠନର ଯେଉଁ ବ୍ରତ ଗ୍ରହଣ କରିଛନ୍ତି, ତାକୁ ବଜାୟ ରଖିବା ଉଚିତ । ସେଥିପାଇଁ କୁହାଯାଇଥାଏ ଯେ ବୃତ୍ତି ପ୍ରତି ପ୍ରତିଜ୍ଞା ବଦ୍ଧ ଶିକ୍ଷକ ହିଁ ପ୍ରକୃତ ସମାଜ ଉପଯୋଗୀ ଶିକ୍ଷକ । ସେହିମାନଙ୍କ ଭୂମିକା ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଗଠନ ପାଇଁ ଗୁରୁତ୍ୱପୂର୍ଣ୍ଣ ।



> ସର୍ବଶିକ୍ଷା ଆନୁକୂଲ୍ୟରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ଥିରୀକୃତ ସୁବିଧା ସୁଯୋଗ ଗୁଡିକ ସେମାନଙ୍କୁ ଉପଲବଧ ସକାଶେ ପ୍ରଚେଷ୍ଟା ଜାରି ରଖିବାକୁ ହେବ । ସୁସ୍ଥ ଓ ସୁନ୍ଦର ସମାଜ ଗଠନ ପାଇଁ ଦିବ୍ୟାଙ୍ଗ ସେବାର ଉଦ୍ଦେଶ୍ୟକୁ ଅନ୍ୱେଷଣ କରି ଆହୁରି ଆଗକୁ ନେବା ନିମନ୍ତେ ଶିକ୍ଷା ନୌକାରେ ଶିକ୍ଷକମାନେ ମଜ୍‌ବୁତ ଆହୁଲା ସାଜିବାକୁ ପଡିବ । ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ଭିତରେ ଶିକ୍ଷକ ନିଜକୁ ଆବିଷ୍କାର କରି ସତ୍ୟର ଅନ୍ୱେଷଣ ପ୍ରକ୍ରିୟାକୁ ଚାଲୁରଖିବାକୁ ହେବ । ଏହି ସୁଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ଗୋଷ୍ଠୀ ହିଁ ସାମ୍ପ୍ରତିକ ସମାଜର ସମ୍ବଳ ରୂପେ ପରିଚିତ ହେବେ ।

ମହାନ୍ ଦାର୍ଶନିକ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ କହିଥିଲେ ଶିକ୍ଷକ ଉତ୍ତମ ହେଲେ ପାଠ ପଢା ଉତ୍ତମ ହୋଇଥାଏ । ଆଉ ସେହି ଶିକ୍ଷକମାନେ ହିଁ ପୃଥିବୀକୁ ପୁଣିଥରେ ଗଢି ଦିଅନ୍ତି । ତେଣୁ ଉତ୍ତମ ଶିକ୍ଷକ ଶିକ୍ଷୟିତ୍ରୀମାନେ ହିଁ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ବ୍ୟକ୍ତିତ୍ୱ ବିକାଶ କରିପାରିବେ । ଆମେ ଜାଣନ୍ତି ପ୍ରତ୍ୟେକ ପିଲା ପାଖରେ ପ୍ରତିଭା ଓ ଦକ୍ଷତା ଥାଏ । ସେମାନଙ୍କ ଭିତରେ



ଥିବା ଏହି ସୁପ୍ତ ପ୍ରତିଭାକୁ ଅନ୍ୱଷଣ କରି ଉନ୍ମେଷ ପୂର୍ବକ ଏକ ସ୍ୱତନ୍ତ୍ର ପରିଚୟ ଶିକ୍ଷକମାନେ ହିଁ ସୃଷ୍ଟ କରିପାରିବେ । ସେମାନଙ୍କ ଭାଷାତ୍ମିକ, ସୃଜନାତ୍ମିକ, ଆବେଗିକ, ବୌଦ୍ଧିକ, ଶାରୀରିକ, ସାଂସ୍କୃତିକ, ପ୍ରାକୃତିକ, ସାମାଜିକ, ଆଧାତ୍ମିକକ ଆଦି ବୋଧଶକ୍ତିର ବିକାଶ କରିପାରିବେ, ଏଥିରେ ସନ୍ଦେହ ନାହିଁ । ଏଥିପାଇଁ ସ୍ୱତନ୍ତ୍ର ଶିକ୍ଷାଦାନ ଉପରେ ଅଧିକ ଗୁରୁତ୍ୱ ଆରୋପ ଆବଶ୍ୟକ । ଶିକ୍ଷକ ଶିକ୍ଷୟିତ୍ରୀମାନେ ଏହି ସୁଯୋଗ ନେଇ ପାରିଲେ ସୁଫଳ ଅବଶ୍ୟ ପାଇବେ ।

ଏଥିସକାଶେ ଆଜିର ବିଜ୍ଞାନ ଯୁଗରେ ବିଶେଷଜ୍ଞମାନଙ୍କ ପରାମର୍ଶ ନେଇ ଅଗ୍ରସର ହେଲେ କିଛି ଅସମ୍ଭବ ନୁହେଁ ।

ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଦିବ୍ୟାଙ୍ଗଙ୍କ ପ୍ରତି ସମ୍ବେଦନଶୀଳ ହୋଇ ଯତ୍ନବାନ ହେବା ଆବଶ୍ୟକ । କାରଣ ଶିକ୍ଷକଙ୍କ ଆନ୍ତରିକତା ଏଥି ନିମନ୍ତେ ଅବ୍ୟର୍ଥ ଔଷଧ । ଏହାଠାରୁ ପବିତ୍ର ଓ ମହତ୍ତର କାର୍ଯ୍ୟ ଆଉ କିଛି ନାହିଁ । ଏଥି ସକାଶେ ଶିକ୍ଷକ-ଶିକ୍ଷୟିତ୍ରୀମାନେ ନିଜ ମସ୍ତିଷ୍କ ଓ ହୃଦୟର ବିକାଶ କରିବା ଆବଶ୍ୟକତା ରହିଛି । ଶ୍ରମ ଓ ସାଧନା ନିଶ୍ଚିତ ସଫଳ କରାଇବ, ବିଶ୍ୱାସ ରଖିବା ଉଚିତ । ତେଣୁ ଶିକ୍ଷାଦାନକୁ ପେଷା ପରିବର୍ତ୍ତେ ନିଶା ଭାବରେ ଗ୍ରହଣ କରିବାକୁ ହେବ । ଯେଉଁ ଶିକ୍ଷକ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଦେହ ଓ ମନକୁ ଚିହ୍ନିଥିବ ସେ ହିଁ ତାକୁ ଉପଯୁକ୍ତ ଭାବେ ଗଢି ତୋଳି ପାରିବେ । ଏଣୁ ଶିକ୍ଷିକା ଶିକ୍ଷକମାନେ ମାତିମନସ୍କ ହୋଇ ଶିଶୁର ମନକୁ ଛୁଇଁବାକୁ ପଡିବ । ଜଣେ ସନ୍ଥ ଭାବାପନ୍ନ ଶିକ୍ଷକ ଭାବରେ ଆଦର୍ଶ ସୃଷ୍ଟି କରିବାକୁ ହେବ । ଆଦର୍ଶ ଶିକ୍ଷକଙ୍କର କେବଳ ବୈଷୟିକ ଜ୍ଞାନ ଯଥେଷ୍ଟ ନୁହେଁ, ତାଙ୍କର ନୈତିକ ଜ୍ଞାନ ରହିବା ଅତି ଆବଶ୍ୟକ । ପୁଣି ଶିକ୍ଷାର ମାନ ବୃଦ୍ଧି ପାଇଁ ଶିକ୍ଷକ- ଶିକ୍ଷାର୍ଥୀ-ଅଭିଭାବକ-ପ୍ରଶାସକଙ୍କ ମଧ୍ୟରେ ସମନ୍ୱୟ ହିଁ ଜରୁରୀ । କାରଣ ଶିକ୍ଷା ବିକାଶ ପାଇଁ ସମ୍ମିଳିତ ସହଯୋଗ ଲୋଡା । ତେଣୁ ଶିକ୍ଷକ ଶିକ୍ଷୟିତ୍ରୀମାନେ ଏଥିପାଇଁ ସକାରାତ୍ମକ ଭୂମିକା ଗ୍ରହଣ କରିବା ଆବଶ୍ୟକ । ସର୍ବଶିକ୍ଷା ଆନୁକୂଲ୍ୟରେ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ଥିରୀକୃତ ସୁବିଧା ସୁଯୋଗ ଗୁଡିକ ସେମାନଙ୍କୁ ଉପଲବଧ ସକାଶେ ପ୍ରଚେଷ୍ଟା ଜାରି ରଖିବାକୁ ହେବ । ସୁସ୍ଥ ଓ ସୁନ୍ଦର ସମାଜ ଗଠନ ପାଇଁ ଦିବ୍ୟାଙ୍ଗ ସେବାର ଉଦ୍ଦେଶ୍ୟକୁ ଅନ୍ୱେଷଣ କରି ଆହୁରି ଆଗକୁ ନେବା ନିମନ୍ତେ ଶିକ୍ଷା ନୌକାରେ ଶିକ୍ଷକମାନେ ମଜ୍‌ବୁତ ଆହୁଲା ସାଜିବାକୁ ପଡିବ । ଦିବ୍ୟାଙ୍ଗ ଶିକ୍ଷାର୍ଥୀମାନଙ୍କ ଭିତରେ ଶିକ୍ଷକ ନିଜକୁ ଆବିଷ୍କାର କରି ସତ୍ୟର ଅନ୍ୱେଷଣ ପ୍ରକ୍ରିୟାକୁ ଚାଲୁରଖିବାକୁ ହେବ । ଏହି ସୁଦକ୍ଷ ଶିକ୍ଷକ ଶିକ୍ଷୟିତ୍ରୀ ଗୋଷ୍ଠୀ ହିଁ ସାମ୍ପ୍ରତିକ ସମାଜର ସମ୍ବଳ ରୂପେ ପରିଚିତ ହେବେ । ପ୍ରଗତିଶୀଳ ଚିନ୍ତା-ଚେତନା ଓ ବିଚାରର ବାହକ ହୋଇ ସମାଜକୁ ଦିଗ୍‌ଦର୍ଶନ ଦେଇ ଉନ୍ନତ ରାଷ୍ଟ୍ରଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିପାରିବେ । ଦିବ୍ୟାଙ୍ଗଙ୍କ ସମୃଦ୍ଧି ସକାଶେ ସଚେତନତା ଲାଗି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପ୍ରତିବର୍ଷ ଡିସେମ୍ବର ୩ ତାରିଖକୁ 'ବିଶ୍ୱ ଦିବ୍ୟାଙ୍ଗ ଦିବସ' ରୂପେ ପାଳନ କରାଯାଉଛି ।



## ଅକ୍ଷମତା ଅଯୋଗ୍ୟତା ନୁହେଁ

**ଆ**ଜି ବିଶ୍ୱ ଭିନ୍ନକ୍ଷମ ଦିବସ । ସମାଜରେ ଭିନ୍ନକ୍ଷମମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରି ସେମାନଙ୍କ ସୃଜନଶୀଳତା ଓ ପ୍ରତିଭାକୁ ଲୋକଲୋଚନକୁ ଆଣିବାର ସ୍ମୃତି ଚାରଣ ଦିବସଟିଏ ହେଉଛି ଆଜି । ଆମମାନଙ୍କ ଆଖପାଖରେ ଦେଖାଯାଏ ସାଧାରଣତଃ ଭିନ୍ନକ୍ଷମମାନଙ୍କୁ ନେଇ ସମସ୍ତଙ୍କର ଏକ ଚିନ୍ତା ରହିଛି ଯେ, ସେମାନେ ସମାଜ ଉପରେ ନିର୍ଭରଶୀଳ କିନ୍ତୁ ବାସ୍ତବରେ ତାହାନୁହେ । ଆଜି ଭିନ୍ନକ୍ଷମମାନେ ସ୍ୱାବଲମ୍ବୀ ହୋଇ ନିଜ ଗୋଡ଼ରେ ଛିଡ଼ା ହେବା ସହ ସମାଜରେ ସେମାନେ ଅନେକ କିଛି ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଯାଉଛନ୍ତି । ସୃଜନଶୀଳତା ଠାରୁ ପ୍ରଯୁକ୍ତି ବିଜ୍ଞାନ, ପ୍ରଶାସନିକ ସେବା ଠାରୁ କ୍ରୀଡ଼ା କସରତ ସବୁ କ୍ଷେତ୍ରରେ ଭିନ୍ନକ୍ଷମମାନେ ନିଜର ପ୍ରତିଭାର ସ୍ୱତନ୍ତ୍ରତା ସୃଷ୍ଟି କରିବାରେ ସକ୍ଷମ ହୋଇଛନ୍ତି । ସେମାନଙ୍କ ପ୍ରତିଭାର ମୂଲ୍ୟାୟନ ପାଇଁ ଆମ ସମାଜରେ ସବୁ କ୍ଷେତ୍ରରେ ସହଯୋଗର ହାତ ମଧ୍ୟ ଦିନକୁ ଦିନ ଲମ୍ବୁଛି ଯାହାକି ଖୁସିର ବିଷୟ । କେନ୍ଦ୍ର ସରକାରଙ୍କ ଠାରୁ ରାଜ୍ୟ ସରକାର ସମସ୍ତେ ଏହି ଭିନ୍ନକ୍ଷମମାନଙ୍କ ଥଇଥାନ ଠାରୁ ସେମାନଙ୍କର ଶିକ୍ଷା, ସଚେତନତା ସୃଷ୍ଟି କରି ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ ପାଇଁ ସୁଯୋଗ ସୃଷ୍ଟି କରାଯାଉଛ । ଭିନ୍ନକ୍ଷମ ମାନଙ୍କ ଥଇଥାନ ପାଇଁ କେନ୍ଦ୍ରସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ଭିନ୍ନ କ୍ଷେତ୍ରରେ ସେମାନଙ୍କ ପାଇଁ ଆର୍ଥିକ ସହଯୋଗ ସହ ଭତ୍ତାର ବ୍ୟବସ୍ଥା ରଖିଛନ୍ତି କେବଳ ସେତିକି ନୁହେଁ ସେମାନଙ୍କୁ ପାଠପଢ଼ା କ୍ଷେତ୍ରରେ ଅଗ୍ରଣୀ କରିବା ପାଇଁ ସ୍ୱତନ୍ତ୍ର ସ୍ଥାନ ସଂରକ୍ଷଣର ବ୍ୟବସ୍ଥା ବି ରହିଛି । ଚାକିରି କ୍ଷେତ୍ର ହେଉ ବା ସେମାନଙ୍କ ଯାତାୟାତ କ୍ଷେତ୍ରରେ ସବୁଠି ଅଗ୍ରାଧିକାର ଭିତ୍ତିରେ ସେମାନଙ୍କୁ ମନୋନୀତ କରାଯିବା ସହ ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଯାଉଛି । ଆଜି ସମଗ୍ର ବିଶ୍ୱରେ ସୂଚନା ପ୍ରଯୁକ୍ତି କ୍ରାନ୍ତିର ବିକାଶ ଦେଖାଇଥିବେଳେ ଭିନ୍ନକ୍ଷମମାନେ ମଧ୍ୟ ପଛୁଆ ନାହାନ୍ତି । ସେମାନେ ସମୟ ସହିତ ତାଳ ଦେଇ ଆଗକୁ ବଢ଼ିଚାଲିବାର ଉଜ୍ଜ୍ୱଳ ପ୍ରଦୀପକୁ ପ୍ରତିଭାତ କରିବାରେ ସକ୍ଷମ ହେଉଛନ୍ତି ।



ଭିନ୍ନକ୍ଷମ ପ୍ରତିଭାବାନ କଳାକାରମାନେ ଆଜି ବିଭିନ୍ନ କ୍ଷେତ୍ରରେ ନିଜର କଳା ଗୌରବର ଅନିର୍ବାଣ ଦୀପଶିଖାଙ୍କୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ପ୍ରଚେଷ୍ଟାରେ ସାମିଲ ହୋଇଛନ୍ତ । ଭିନ୍ନକ୍ଷମଙ୍କ



ପ୍ରତିଭାକୁ ବଣମଲ୍ଲୀ ପରି ବଣରୁ ସାଉଁଟି ଲୋକଲୋଚନକୁ ଥୋଇବାର ଗୁରୁଦାୟିତ୍ୱ ନେଇଛନ୍ତି ଗଣମାଧ୍ୟମମାନେ । ଖବର କାଗଜରେ ଲୋକଲୋଚନର ଉହାଡ଼ରେ ରହିଯାଇଥିବା ଭିନ୍ନକ୍ଷମଙ୍କ ପ୍ରତିଭା ଓ ସେମାନଙ୍କ ଅବହେଳା ଠାରୁ ନ୍ୟାୟ ପାଇଁ ଦାବିର ପ୍ରସଙ୍ଗ ଖବର କାଗଜରେ ପୃଷ୍ଠା ମଣ୍ଡନ କଲାପରେ ପ୍ରଶାସନ ଚଳଚଞ୍ଚଳ ହୋଇ ଉଠୁଛି । ଯାହାଦ୍ୱାରା ସେମାନଙ୍କର ପ୍ରତିଭାର ମୂଲ୍ୟାୟନ ହୋଇପାରୁଛି । ବଡ଼ଖୁସିର କଥା ଭିନ୍ନକ୍ଷମ ସମ୍ପନ୍ନ ପ୍ରତିଭାବାନମାନଙ୍କ ଭିତରୁ ସୁନାମଧନ୍ୟ ଲେଖକ, କଣ୍ଠଶିଳ୍ପୀ, କ୍ରୀଡ଼ାବିତ୍, ରାଜନେତା, ବୈଜ୍ଞାନିକ, ସମାଜସେବୀମାନେ ସମାଜରେ ନିଜ ନିଜର କ୍ଷେତ୍ରକୁ ଗୌରବ ମଣ୍ଡିତ କରୁଛନ୍ତି । ଶ୍ରୁତି ମହାପାତ୍ର ପରି ଝିଅଟି ଆଜି ସମାଜ ସେବାରେ ଦୃଷ୍ଟାନ୍ତ ଆମ ଓଡ଼ିଆ ଜାତି ପାଇଁ ଗର୍ବ ଓ ଗୌରବର ବିଷୟ । ଚଳିତବର୍ଷ ବାଲିଯାତ୍ରାରେ କଟକର ଜିଲ୍ଲାପାଳ ଗିରିଶ ଏସ୍.ଏନଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟାରେ ଭିନ୍ନକ୍ଷମ ପ୍ରତିଭାମାନଙ୍କୁ ନେଇ ସ୍ୱୟଂ ସହାୟକ ସଂଗଠନର ଏକ ପ୍ରଦର୍ଶନୀ ଷ୍ଟଲ ବାଲିଯାତ୍ରାରେ ସେମାନଙ୍କ ପ୍ରତିଭାକୁ ସମସ୍ତଙ୍କ ସାମ୍ନାରେ ଦେଖାଇ ପାରିଛନ୍ତି । ଏହା ନିଶ୍ଚିତ ଭାବରେ କେବଳ ରାଜ୍ୟସ୍ତରୀୟ ନୁହେଁ ଜାତୀୟସ୍ତର ପାଇଁ ସର୍ବପ୍ରଥମ ଓ ଗୌରବର ବିଷୟ ।

ତଥାପି ଭିନ୍ନକ୍ଷମମାନଙ୍କ ନ୍ୟାୟ ପାଇଁ ସଂଗ୍ରାମ ସରିନାହିଁ । ଗଣମାଧ୍ୟମରେ ଦେଖିବାକୁ ପାଉଛୁ ଏହି ଭିନ୍ନକ୍ଷମମାନେ ଅନେକ କ୍ଷେତ୍ରରେ ନ୍ୟାୟ ପାଉନାହାନ୍ତି । ନିକ୍ଷେପିତ ଓ ଅବହେଳିତ ଭାବରେ ଅନ୍ୟମାନଙ୍କ ସାମ୍ନାରେ ସେମାନେ ଯେପରି ଦୟାର ପାତ୍ର ! ଏହି ଲେଖକ ଅନେକ ଭିନ୍ନକ୍ଷମମାନଙ୍କୁ ସାମ୍ନା କରିଛି ଯେଉଁମାନଙ୍କର ଧୀ ଶକ୍ତି, ପ୍ରତିଭା, ସୃଜନଶୀଳତା, ବିଜ୍ଞତା କିଛି କମ୍ ନୁହେଁ । ସେମାନେ ଘଟଣାଚକ୍ରରେ ଭଗବାନଙ୍କ ସୃଷ୍ଟିର ବିଚାରରେ ହୁଏତ ଭିନ୍ନକ୍ଷମ ହୋଇପାରନ୍ତି କିନ୍ତୁ ବାସ୍ତବରେ ସେମାନେ ଅକ୍ଷମ ନୁହଁନ୍ତି । ଆଜି ବିଶ୍ୱ ଭିନ୍ନକ୍ଷମ ଦିବସରେ ସମସ୍ତଙ୍କ ପାଇଁ ଶପଥର ଦିନଟିଏ ହେଉ ଆମ ମାନଙ୍କର ହାତପାହାନ୍ତାରେ ଜଣେ ବି କେହି ଭିନ୍ନକ୍ଷମ ନ୍ୟାୟରୁ ବଞ୍ଚିତ ନହୁଏ । ତା'ର ପ୍ରତିଭା ବଣ ମଲ୍ଲୀ ପରି ଯେପରି ବଣରେ ଝଡ଼ି ନପଡ଼େ । ତା'ର ସ୍ୱର, ତା'ର ହୃଦୟ, ତା'ର ଆଙ୍ଗୁଠିର ସ୍ୱାକ୍ଷର ସମସ୍ତଙ୍କ ହୃଦୟକୁ ଛୁଇଁବାର ଯେଉଁ ଭଲ ପାଇବାର ଟିକକ ସେଥିରୁ କେହି ବି ଜଣେ ବଞ୍ଚିତ ନହେଉ । ବିଶ୍ୱ ଭିନ୍ନକ୍ଷମ ଦିବସରେ ଏହି ଶପଥ ସମସ୍ତଙ୍କ ହୃଦୟରେ ସ୍ପନ୍ଦିତ ହେଉ ଯେ, ଆମ୍ଭମାନଙ୍କ ହାତପାହାନ୍ତାରେ ସମସ୍ତେ ଗୋଟିଏ ମାଆର ସନ୍ତାନ । ତେଣୁ ଭାଇଟିଏ ବା ଭଉଣୀଟିଏ ଭିନ୍ନକ୍ଷମ ହେଲେ ତାକୁ କ'ଣ କେହି ସ୍ନେହ ଓ ଶ୍ରଦ୍ଧାରୁ ବଞ୍ଚିତ କରିପାରିବ କି ? ସମସ୍ତଙ୍କ ଭଲପାଇବା ସମସ୍ତଙ୍କ ଆଶୀର୍ବାଦ ଆଉ ସମସ୍ତଙ୍କ ସହଯୋଗର ହାତ ସେହି ଭିନ୍ନକ୍ଷମମାନଙ୍କ ପାଇଁ ସକ୍ଷମତାର ବଳିଷ୍ଠ ବାହୁ ପ୍ରତୀୟମାନ ହେଉ ଏହା ହିଁ ଆଜି ଦିବସର କାମନା ।


*ନାରାୟଣ ଚନ୍ଦ୍ର ବିଶ୍ୱାଳ*
*ମୋ. ୯୪୩୮୨୭୬୭୬୦*

# ଶ୍ରୀଧାମ କଲଚରାଲ ଟ୍ରଷ୍ଟର ବାର୍ଷିକୋତ୍ସବ



**ପୁରୀ,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

'କଳା ଓ ସାହିତ୍ୟ ଆମ ସଂସ୍କୃତିର ଆତ୍ମା। ଆତ୍ମା ବିନା ଯେମିତି ଶରୀର ପଥର ସେମିତି ନୃତ୍ୟ, ଗୀତ, କଳା ଓ ସାହିତ୍ୟ ବିନା ଆମ ଦୁନିଆ ଶୁଷ୍କ ଓ ନିରସ' ବୋଲି ରବିବାର ପୁରୀ ଶ୍ରୀଧାମ କଲଚରାଲ ଏକାଡେମୀ ଟ୍ରଷ୍ଟର ତୃତୀୟ ବାର୍ଷିକୋତ୍ସବ ଓ ଡ୍ୟାନ୍ସ ପୁରୀ ଡ୍ୟାନ୍ସ ପ୍ରତିଯୋଗୀତାକୁ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଏବଂ ଭକ୍ତ ସାଲବେଗ ପୀଠରେ ଉଦ୍‌ଘାଟନ କରି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପ୍ରାକ୍ତନ ଉପ ଆଇନ୍ ପରାମର୍ଶଦାତା ରାଜଶ୍ରୀ ମହାପାତ୍ର ମତବ୍ୟକ୍ତ କରିଛନ୍ତି। 'ପୁରୀ ଆମ ଓଡ଼ିଶାର ପ୍ରାଣକେନ୍ଦ୍ର। ଆମ ସଂସ୍କୃତି ହିଁ ଆମ ଅସ୍ମିତା, ଆମ ପରିଚୟ। ଏଥିପାଇଁ ସଂସ୍କୃତିର ସୁରକ୍ଷା ପାଇଁ ପୁରୀବାସୀଙ୍କ ଦାୟିତ୍ୱ ଅଧିକା' ବୋଲି ଶ୍ରୀମତୀ ମହାପାତ୍ର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଭାବେ ପୁରସ୍କାର ପ୍ରଦାନକରି କହିଛନ୍ତି। ଏହି ଉତ୍ସବରେ ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଓଜେପିର ରାଜ୍ୟ ଉପସଭାପତି ତଥା ସମାଜସେବୀ ସଂଜୀବ କୁମାର ମହାପାତ୍ର ଆଇନଜ୍ଞ ଧୀରେନ୍ ରାୟ, ଆଇନଜ୍ଞ ରଚିତା ରାଉତରାୟ ସମ୍ମାନିତ ଅତିଥିଭାବେ ଯୋଗଦାନ କରି କଳା ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ସମ୍ପାଦିକା ବନିତା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲାବେଳେ ସଂଯୋଜକ ସନ୍ତୋଷ କୁମାର ବାରିକ ମଞ୍ଚ ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ଡ୍ୟାନ୍ସ ପୁରୀ ଡ୍ୟାନ୍ସ ଅନୁଷ୍ଠିତ ହୋଇଥିଲା।

# ଦୌଡ଼ କୁଦ ପ୍ରତିଯୋଗିତା ଉଦ୍‌ଯାପିତ

**କେନ୍ଦ୍ରାପଡା,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା କ୍ରିଡା ସଂସଦ ଆନୁକୂଲ୍ୟରେ ପ୍ରଥମ ବାର୍ଷିକ ଖେଳ ଇଣ୍ଡିଆ କ୍ରୀଡା ପ୍ରତିଯୋଗିତା କେନ୍ଦ୍ରାପଡା ଅଟୋନମସ୍ କଲେଜ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ବାଳିକା ବିଭାଗ ୧୪ ବର୍ଷରୁ କମ୍ ଓ ୧୬ ବର୍ଷରୁ କମ୍ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ କେନ୍ଦ୍ରାପଡାର ଜିଲ୍ଲାପାଳ ରଘୁରାମ ଆୟାର ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦଘଟନ କରିଥିବା ବେଳେ ଜାତୀୟ ଫୁଟବଲ ଖେଳାଳି ଆଲୋଚନା ସେନାପତି ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ପ୍ରତିଯୋଗିତା ୬୦ ମିଟର ଦୌଡ, ଲଙ୍ଗ ଜମ୍ପ, ହାଇ ଜମ୍ପ, ଜାଭିଲିନ୍ ଥ୍ରୋ, ୧୬ ବର୍ଷରୁ କମ୍ ୬୦ ମିଟର ଦୌଡ, ୬୦୦ ମିଟର ଦୌଡ, ହାଇ ଜମ୍ପ, ଲଙ୍ଗ ଜମ୍ପ, ସଟ୍‌ପୁଟ୍, ଜାଭିଲିନ୍ ଥ୍ରୋ ଓ ଡିସକସ୍ ଥ୍ରୋ ପ୍ରତିଯୋଗିତା ହୋଇଥିଲା। ୨୫୦ଜଣ ବାଳିକା ଖେଳାଳୀ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଯୋଗଦେଇଥିଲେ। କେନ୍ଦ୍ରାପଡା ଜିଲ୍ଲା କ୍ରୀଡା ସଂସଦର ସାଧାରଣ ସଂପାଦକ ଅୟଦ ଅକମଲ ଅଲ୍ଲୀ, କ୍ରୀଡା ସଂସଦର ବାର୍ଷିକ ବିବରଣୀ ପାଠ କରିଥିଲେ। ଯେଉଁ ପିଲାମାନେ ଭଲ ପ୍ରଦର୍ଶନ କରିବେ ତାଙ୍କ ଭିତରୁ ଭଲ ପଦର୍ଶନ କରିଥିବା ଖେଳାଳୀମାନଙ୍କୁ ସରକାରୀ ହଷ୍ଟେଲରେ ସ୍ଥାନ ପାଇଁ ପାରନ୍ତି ବୋଲି ପ୍ରକାଶ କରିଛନ୍ତି। କ୍ରୀଡା ସଂପାଦକ ଜ୍ୟୋତିର୍ମୟ ଦାସ ଧନ୍ୟବାଦ ଦେଇଥିଲେ। କୃତକାର୍ଯ୍ୟ ହୋଇଥିବା ଖେଳାଳୀମାନଙ୍କୁ ପ୍ରମାଣ ପତ୍ର ସହ ପଦକ ପୁରସ୍କୃତ କରାଯାଇଥିଲା। ଅଫିସିଆଲ୍ ଭାବେ ପ୍ରକାଶ ଦାସ, ଶଶାଙ୍କ ସାହୁ, ମନୋଜ ସାହୁ, ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ଉମାକାନ୍ତ କର, ସୁହାନା ପରମିନ୍, ମାମୁନି ଦାସ, ସ୍ୱାସିତା, ଜ୍ୟୋତି ପଙ୍କଜ ଦାସ ଖେଳ ପରିଚାଳନା କରିଥିଲେ । ଉକ୍ତ କ୍ରୀଡା ଦିବସରେ ଓଡିଶା କୋଚ୍ ଦୀପିକା ମହାପାତ୍ର, ଅତୁଲ କୁମାର ଓଡିଶା କ୍ରୀଡା ବିଭାଗ ତରଫରୁ ଯୋଗଦେଇଥିଲେ।

# ସୁକିନ୍ଦାରେ 'ମନ୍ କି ବାତ'



**କଳିଙ୍ଗନଗର,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

'ମନ୍ କି ବାତ'ର ୧୨୮ତମ ସଂସ୍କରଣ ସୁକିନ୍ଦା ବିଧାୟକ ଓଡ଼ିଶା ସରକାର ମନ୍ତ୍ରୀ, ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ବୟନଶିଳ୍ପ ବିଭାଗ, ପ୍ରଦୀପ ବଳସାମନ୍ତ ସୁକିନ୍ଦାବାସଭବନରେ 'ମନ୍ କି ବାତ' କାର୍ଯ୍ୟକ୍ରମରେ ଭାଗ ନେଲେ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ସହିତ ଶୁଣିଲେ। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭାରତୀୟ କାରିଗରଙ୍କ କଳା ସମ୍ମାନ ଅଞ୍ଚଳରେ ଆନନ୍ଦ ଓ ଗର୍ବ ଅଟେ। ସୁକିନ୍ଦା ସ୍ଥିତ ବାସଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ୍ କି ବାତ'ର ୧୨୮ତମ ସଂସ୍କରଣକୁ ବିଶେଷ ସୁବ୍ୟବସ୍ଥାରେ ଶୁଣାଯାଇଲା। ସ୍ଥାନୀୟ କାର୍ଯ୍ୟକର୍ତ୍ତା, ଯୁବକ, ମହିଳା ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଉତ୍ସାହମୟ ପରିବେଶରେ ଅନୁଷ୍ଠିତ ହେଲା। ପ୍ରଧାନମନ୍ତ୍ରୀଙ୍କ ସନ୍ଦେଶ ଭାରତୀୟ କାରିଗରୀର ଗୌରବ ବିଶ୍ୱପରିଚିତ ପ୍ରକାଶ କରିଥିଲେ। ଆଜିର 'ମନ୍ କି ବାତ'ରେ ପ୍ରଧାନମନ୍ତ୍ରୀ ଭାରତୀୟ କାରିଗର, ଶିଳ୍ପୀ ଓ ହସ୍ତଶିଳ୍ପ ପ୍ରତି ଭାବନାପୂର୍ଣ୍ଣ ସମ୍ମାନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଥିଲେ, 'ଭାରତର କାରିଗରୀ କେବଳ କଳା ନୁହେଁ, ଏହା ଆମ ସଂସ୍କୃତି, ପରମ୍ପରା ଓ ପରିଚୟ।' ପ୍ରଧାନମନ୍ତ୍ରୀଙ୍କ ଏହି ଉକ୍ତି ସୁକିନ୍ଦା ଅଞ୍ଚଳର ଶିଳ୍ପୀ, ଲୁହାକାମ, ବାଂଶଶିଳ୍ପ, ବୁଣାକାର ଓ ଅନ୍ୟାନ୍ୟ କାରିଗରଙ୍କ ମଧ୍ୟରେ ବିଶେଷ ଉଦୀପନା ସୃଷ୍ଟି କରିଛି।

# ରେଭେନ୍ସାରେ ଗବେଷଣା ପ୍ରଶିକ୍ଷଣ

**କଟକ,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗବେଷଣା ଆନ୍ତଃବିଷୟକ ହୋଇ ପାରିଲେ ମାନବ ଜୀବନର ଅନେକ ସମସ୍ୟା ସମାଧାନ ହୋଇପାରିବ। ଏଆଇଓ ଡିଜିଟାଲ ଆଇସିଟି ଗବେଷଣା ପାଇଁ ସହାୟକ ହେବ। ସାମୂହିକ ତଥା ସହଯୋଗାତ୍ମକ ଗବେଷଣା ଆନ୍ତଃବିଷୟକ ଗବେଷଣା ପାଇଁ ଅନୁକୂଳତା ଓ ନୂତନତା ଆଣିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଦୁଇ ସପ୍ତାହ ଧରି ଚାଲିଥିବା ଗବେଷଣା ପ୍ରଶିକ୍ଷଣର ସମାପନ ସତ୍ରରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଳପତି ପ୍ରଫେସର ସଂଜୟ ନାୟକ କହିଲେ ଯେ ଗବେଷକମାନେ ଶୋଧନୀତି, ନିଷ୍ପକ୍ଷତା, ଗୋପନୀୟତା ଆଦି ନୈତିକ ସିଦ୍ଧାନ୍ତ ପାଳନ କଲେ ଶୋଧ କାର୍ଯ୍ୟରେ ଗୁଣବତ୍ତା ଆସିପାରିବ। ସମ୍ମାନିତ ଅତିଥି ଭାବେ ପ୍ରଫେସର ଲୁନା ସାମନ୍ତ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ରାଉତ ପ୍ରଶିକ୍ଷଣ ବିବରଣୀ ଉପସ୍ଥାପନ କରିଥିବା ବେଳେ ବିଭାଗାଧ୍ୟକ୍ଷ ପ୍ରଫେସର ସୁଦର୍ଶନ ମିଶ୍ର କାର୍ଯ୍ୟକ୍ରମର ନିଷ୍କର୍ଷ ମୂଲ୍ୟାଙ୍କନ କରିଥିଲେ ଏବଂ ଡଃ ବିସି ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଗାୟତ୍ରୀ ବିହାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଭାରତୀୟ ସାମାଜିକ ବିଜ୍ଞାନ ଶୋଧ ପରିଷଦ (ଆଇସିଏସ୍‌ଏସ୍‌ଆର), ନୂଆଦିଲ୍ଲୀ ଆନୁକୂଲ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଶଟି ରାଜ୍ୟରୁ ପ୍ରତିଭାଗୀମାନେ ଯୋଗଦେଇଥିଲେ।



ଓଡିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କଳାଞ୍ଜଳି ଆର୍ଟିଷ୍ଟ୍ରି ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ ଦି ଇଣ୍ଡିଆନ ଗୋଲ୍ଡେନ ଆୱାର୍ଡ ବରିଷ୍ଠ ସାମ୍ବାଦିକ ଏବଂ ୱାର୍ଲ୍ଡ ଓଡିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀଙ୍କୁ ଭୁବନେଶ୍ୱର ଠାରେ ପ୍ରଦାନ କରୁଛନ୍ତି। ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ ଉପସ୍ଥିତ ଅଛନ୍ତି।

# ବିଡିଓଙ୍କ ନୋଟିସକୁ ନେଇ ବିବାଦ

**ମାହାଙ୍ଗା,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଗତ ୨୬ ତାରିଖ ପଂଚାୟତ ସମିତି ବୈଠକକୁ ନେଇ ବ୍ଲକ ଅଧକ୍ଷା ଓ ବିଡିଓଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ଉପରେ ବିଧାନସଭା ବାହାରେ ସ୍ୱାଧିନ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ଦେଇଥିବା ବୟାନ ଉପରେ ପ୍ରେସ ବିବୃତି ଜରିଆରେ ଉତ୍ତର ରଖିଛନ୍ତି ମାହାଙ୍ଗା ବ୍ଲକ ଅଧକ୍ଷା ଦୀପା ମଲିକ। ପଞ୍ଚାୟତ ସମିତି ବୈଠକକୁ ନେଇ ଯେଉଁ ପରିସ୍ଥିତି ଗତ ନଭେମ୍ବରରେ ଉପୁଜୁଥିଲା ସେ ବିଷୟରେ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଯାହା ମନ୍ତବ୍ୟ ଦେଇଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଉକ୍ତ ଦିନ କୌଣସି ବି ସଦସ୍ୟ ସମିତି ବୈଠକ ଭଣ୍ଡୁର କରିବାରେ ବିଧାୟକଙ୍କ ସଂପୃକ୍ତି ଥିବା କହିନାହାନ୍ତି। ଦ୍ୱିତୀୟ କଥା ୧୦ ମାସ ହେଲା ସମିତି ମିଟିଙ୍ଗ କିଏ ବନ୍ଦ କରିଥିଲା ବୋଲି ଅଧକ୍ଷା ଓଲଟା ପ୍ରଶ୍ନ କରିଛନ୍ତି । ଯଦି ୧୦ ନଭେମ୍ବରରେ ବିଧାନସଭା ସଚିବ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି କରିଲେ ତେବେ କେଉଁ ପରିସ୍ଥିତିରେ ଗତ ୧୮ ନଭେମ୍ବରରେ ମାହାଙ୍ଗା ବିଡିଓ ସମିତି ବୈଠକ ପାଇଁ ନୋଟିସ କରିଥିଲେ । ଏହାର ୩ ଦିନ ପରେ ୨୧ ନଭେମ୍ବରରେ କେଉଁ ନିୟମ ବଳରେ ବିଡିଓ ସମିତି ବୈଠକକୁ ଏକତରଫା ରଦ୍ଦ କଲେ। ସମିତିର ଅଧକ୍ଷା ଭାବେ ମୋର ପରାମର୍ଶ ଲୋଡିଥିଲେ କି ? ଗତ ୨୬ ନଭେମ୍ବରରେ ମାହାଙ୍ଗା ବିଡିଓ ସୁଭାଶିଷ ପାଲଟାଙ୍କ ନିର୍ବାଚିତ ଜନ ପ୍ରତିନିଧିମାନଙ୍କ ପ୍ରତି ଖରାପ ବ୍ୟବହାର ସମସ୍ତେ ମିଡିଆରେ ଦେଖୁଛନ୍ତି । ପଞ୍ଚାୟତ ସିମିତିର ସମ୍ମିଳନୀ କକ୍ଷରେ ମାହାଙ୍ଗାବାସୀଙ୍କ ଦ୍ୱାରା ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ। କିନ୍ତୁ ବିଡିଓ ସମ୍ମିଳନୀ କକ୍ଷର କରେଣ୍ଟ କାଟିଲେ ଓ ନିଜେ ଅନୁପସ୍ଥିତ ରହିଲେ ଏବଂ ଅନ୍ୟ କର୍ମଚାରୀମାନଙ୍କୁ ଅନୁପସ୍ଥିତ ରହିବା ପାଇଁ ଅଲିଖିତ ନିର୍ଦ୍ଦେଶ ଦେଇ ତାଗିଦ କରିଲେ। ବିଧାୟକ ପ୍ରଥମେ ଆଗ ସ୍ପଷ୍ଟ କରନ୍ତୁ ତାଙ୍କର ମାହାଙ୍ଗାକୁ ନେଇ ଆଭିମୁଖ୍ୟ କ'ଣ। ମାହାଙ୍ଗାରେ ମନରେଗା ଯୋଜନା ଓ ଅନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ବନ୍ଦ ହୋଇଛି କାହା ପାଇଁ। ମାହାଙ୍ଗାବାସୀ ତାଙ୍କୁ ଭୋଟ ଦେଇଥିଲେ ମାହାଙ୍ଗାର ଉନ୍ନତି କରିବା ତ ଦୂରର କଥା ମାହାଙ୍ଗାର ଇତିହାସ ବଦଳାଇବାକୁ ବସିଛନ୍ତି। ଯଦି ଅଧକ୍ଷାଙ୍କର ପଞ୍ଚାୟତ ସମିତିର ନିଷ୍ପତ୍ତି ନେବାର କ୍ଷମତା ନାହିଁ , ସରପଞ୍ଚମାନେ ପଞ୍ଚାୟତର ନିଷ୍ପତ୍ତି ନେବାର କ୍ଷମତା ନାହିଁ ତେବେ ବିଧାୟକ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥାକୁ ଉଚ୍ଛେଦ କରିଦିଅନ୍ତୁ ବୋଲି ପ୍ରଶ୍ନ କରିବା ସହ ବିଡିଓଙ୍କ ମୁଖପାତ୍ର ହୋଇ ବିଧାନସଭା ବାହାରେ ଏଭଳି ବିବୃତି ଦେବା ବିଧାୟକଙ୍କୁ ଶୋଭା ପାଉନି ବୋଲି କହିଛନ୍ତି ବ୍ଲକ ଅଧକ୍ଷା ଦୀପା ମଲିକ।

# ବିପିଏମଙ୍କ ବଦଳି ବାତିଲ ନ ହେବା ଯାଏ ଆନ୍ଦୋଳନ

**ତିହିଡ଼ି,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲ୍ଲା ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୋମବାର ସ୍ୱାସ୍ଥ୍ୟକର୍ମୀ, ସୁପରଭାଇଜର ଓ ଆଶାକର୍ମୀମାନେ ଧାରଣା ଦେବା ସହ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବ୍ଲକ ପ୍ରକଳ୍ପ ପରିଚାଳକ (ବିପିଏମ) ଶାନ୍ତିଲତା ମିଶ୍ରଙ୍କ ବଦଳି ପ୍ରତିବାଦରେ ଏହି ପଦକ୍ଷେପ ନିଆଯାଇଥିବା ଜଣାଯାଇଛି। ବଦଳି ବାତିଲ ନ ହେବା ଯାଏ ସେମାନେ ଆନ୍ଦୋଳନ ଚାଲୁ ରଖିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ତିହିଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ବିପିଏମ୍ ମିଶ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଜଣେ ନୂଆ ବିପିଏମଙ୍କୁ ନିଯୁକ୍ତି ଦିଆଯାଇଛି। ତେବେ ନୂଆ ବିପିଏମ୍ ସୋମବାର କାର୍ଯ୍ୟରେ ଯୋଗଦେବାକୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିବା ବେଳେ ଆନ୍ଦୋଳନକାରୀମାନେ ତାଙ୍କୁ ବିରୋଧ କରି ଯୋଗଦେବାକୁ ଦେଇ ନ ଥିଲେ। ଅପରପକ୍ଷେ ବିପିଏମ ମିଶ୍ରଙ୍କ ବଦଳି ବେଆଇନ ଦର୍ଶାଇ ଆନ୍ଦୋଳନ କରାଯାଇଥିବା ଜଣାଯାଇଛି।

# ଭୂସମ୍ପଦ ତଥ୍ୟାବଳୀ ଯାତ୍ରା

**ଦଶପଲ୍ଲା,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ କୃଷି ପରିଚାଳନା ପରିଷଦ ଏବଂ ଜଳ ପ୍ରବନ୍ଧନ ସଂସ୍ଥା ଦ୍ୱାରା ପ୍ରାୟୋଜିତ ତଥା ଦଶପଲ୍ଲା ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଆୟୋଜିତ ଭୂସମ୍ପଦ ତଥ୍ୟାବଳୀ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଗତ ୨୬ ତାରିଖ ଠାରୁ ଆରମ୍ଭ ହୋଇ ସୋମବାର ଉଦଯାପିତ ହୋଇଛି। ରିୱାର୍ଡ ଯୋଜନା ମାଧ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ହେଲା, ଭୂସମ୍ପଦ ତଥ୍ୟାବଳୀ ପ୍ରସ୍ତୁତ କରିବା ସହ ଚାଷୀମାନଙ୍କୁ ଅନୁମୋଦିତ ମାତ୍ରା ଅନୁସାରେ ଚାଷ କରିବାକୁ ଶିକ୍ଷା ଦେବା, ଉତ୍କୃଷ୍ଟ ଧରଣର ଚାଷ କରୁଥିବା ଚାଷୀମାନଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରି ଅନ୍ୟମାନଙ୍କ ଆଗରେ ଉଦାହରଣ ସୃଷ୍ଟି କରିବା, ବୃକ୍ଷ ରୋପଣ କରିବା ଇତ୍ୟାଦି। ଏହି କାର୍ଯ୍ୟକ୍ରମରେ ପ୍ରଧାନ କୃଷି ବୈଜ୍ଞାନିକ ଡା.ସୁଶାନ୍ତ କୁମାର ଜେନା, ଡା. ଧ୍ରୁବ ଚରଣ ସାହୁ,ଡା. ରାନୁ ରାଣୀ ସେଠି, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପରିଡା, ଅତିରିକ୍ତ ନିର୍ଦ୍ଦେଶକ କାଳୀଚରଣ ବେହେରା, ଦଶପଲ୍ଲା କାର୍ଯ୍ୟାଳୟର ପ୍ରକଳ୍ପ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ଶତପଥୀ, କୃଷି ଯନ୍ତ୍ରୀ ବୀରଭଦ୍ର ରାଉତ, ଉଦ୍ୟାନ କୃଷି ଅଧିକାରୀ ଅନୁରାଗ ଦାସ ମହାପାତ୍ର, କୃଷି ଗବେଷକ ସୌମ୍ୟ ରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ପୂର୍ଣ୍ଣାଙ୍ଗ ପ୍ରକଳ୍ପର ଲୋକାର୍ପଣ କରାଯିବା ସଙ୍ଗେ ସଙ୍ଗେ ନୂତନ ପ୍ରକଳ୍ପର ଭୂମି ପୂଜନ ହୋଇଥିଲା। ଏହି ଅବସରରେ ୪୬ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ କୁଇଜ ପ୍ରତିଯୋଗୀ ୧୪ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରା ଯାଇଥିଲା।

# ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

**ରାୟଗଡା,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସହମତି ଓ ଆଲୋଚନାରେ ବିକାଶ ମୂଳକ କାର୍ଯ୍ୟ ସବୁ ହାତକୁ ନିଆଯାଉ ଓ ଜନତାଙ୍କ ବିକାଶ ନିମନ୍ତେ ଉଦ୍ଦିଷ୍ଟ ପାଣ୍ଠି ଜନସାଧାରଣଙ୍କ ପାଇଁ ବିନିଯୋଗ କରାଯାଉ, ସାମୁହିକ କଲ୍ୟାଣ ଦିଗରେ ଯେଉଁ ପ୍ରକଳ୍ପ/ ଯୋଜନା ନିମନ୍ତେ ଅର୍ଥ ଖର୍ଚ୍ଚ କରାଯାଉଛି। ସେହି ପ୍ରକଳ୍ପ/ଯୋଜନା ଲୋକଙ୍କ ହିତ ପାଇଁ କାମରେ ଆସିବ ନା ନାହିଁ, ସେ ନେଇ ଲୋକ ପ୍ରତିନିଧି, ସାଧାରଣ ଜନତା, ସାମାଜିକ ଅନୁଷ୍ଠାନ, ସଂଗଠନ, ସଂଲଗ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ବିକାଶ ମୂଳକ କାର୍ଯ୍ୟ ହାତ ନିଆଯାଉ ବୋଲି ଦାବି ସହ, ସୋମବାର ବିଷମକଟକ ଭାରତୀୟ ଜନତା ପାର୍ଟିର ମଣ୍ଡଳ ସଭାପତି ସୋମନାଥ ହିମିରିକାଙ୍କ ନେତୃତ୍ୱରେ ସ୍ଥାନୀୟ ବିଜେପି କର୍ମୀ, ଜିଲ୍ଲା ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରେରଣ କରିଥିଲେ। ପ୍ରକାଶ ଥାଉକି ଗତ ୧୮ ମାସ ମଧ୍ୟରେ ବିଷମକଟକ ପୂର୍ତ୍ତ ବିଭାଗ ଅଧୀନରେ ଅନେକ ଗୁଡିଏ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି। ତେବେ ବିଷମକଟକ ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେଠି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳ ଓ ଗୋଷ୍ଠୀ ପାଇଁ କାମ କରୁଥିବା ଅଭିଯୋଗ ହୋଇଛି।



ଯାହାକୁ ଭାଜପା ମଣ୍ଡଳ ସଭାପତି ସୋମନାଥ ହିମିରିକା କଡା ସମାଲୋଚନା କରିଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ବିଷମକଟକ ଟାଉନ ରାସ୍ତାଟି ସବୁ ସମୟରେ ଜନବହୁଳ ଓ ରାସ୍ତାର ଉଭୟ ପାର୍ଶ୍ୱରେ ସବୁ ସମୟରେ ପାର୍କିଂ ପାଇଁ ସମସ୍ୟା ଲାଗି ରହୁଛି। ଯେଉଁଥିପାଇଁ ରାସ୍ତାର ମଧ୍ୟ ଭାଗରେ ପାର୍କିଂ ପାଇଁ ବ୍ୟବସ୍ଥା କରାଯାଇଥିଲା। ବର୍ତ୍ତମାନ ସେହି ପାର୍କିଂସ୍ଥଳରେ ଡିଭାଇଡ଼ର ନିର୍ମାଣ କରାଯାଉଛି। ଯାହା ଫଳରେ ବଜାରକୁ ଆସୁଥିବା ଲୋକଙ୍କ ପାଇଁ ପାର୍କିଂ ସମସ୍ୟା ଦେଖାଦେଇଛି। ଏଥିସହ ସଂକୁଚିତ ରାସ୍ତା ହୋଇଥିବାରୁ ସବୁ ସମୟରେ ଟ୍ରାଫିକ ସମସ୍ୟା ମଧ୍ୟ ଉପୁଜିଥାଏ। ତେବେ ଏହି ଡିଭାଇଡର ପ୍ରକଳ୍ପ ପ୍ରସ୍ତାବ ବିଷୟରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇ ନ ଥିବା ଓ ଏକ ବିଶେଷ ଗୋଷ୍ଠୀକୁ ଲାଭ ପଞ୍ଚାଇବା ଭଳି କାର୍ଯ୍ୟରେ ଯନ୍ତ୍ରୀ ଲିପ୍ତ ରହୁଥିବା ଭଳି ସଂଗୀନ ଅଭିଯୋଗ ଆସିଛି। ଏଥିସହ ବ୍ଲକ କର୍ତ୍ତୃପକ୍ଷ, ତହସିଲ କିମ୍ବା ଅନ୍ୟ ଲାଇନ ଡିପାର୍ଟମେଣ୍ଟ ସହ ମଧ୍ୟ ଏହି ପ୍ରକଳ୍ପ ଚୂଡାନ୍ତ କରିବା ପୂର୍ବରୁ ଲୋକଙ୍କ ସୁବିଧା ଅସୁବିଧା ନେଇ କୌଣସି ଆଲୋଚନା ଅବା ପରାମର୍ଶ ଗ୍ରହଣ କରାଯାଇନଥିବା କୁହାଯାଉଛି। ଯନ୍ତ୍ରୀଙ୍କ ଏଭଳି କାର୍ଯ୍ୟ କଳାପ ଏତିକିରେ ସିମିତ ନୁହେଁ ବରଂ ପ୍ରେସ କ୍ଲବ ବିଷମକଟକ ଠାରେ ପାଖା ପାଖି ୫ ଲକ୍ଷ ଟଙ୍କାର ଏକ କଲଭର୍ଟ କାମ ପୂର୍ତ୍ତ ବିଭାଗ କରିଛି। ଜନସାଧାରଣଙ୍କ ଦାବି ନଥିବା ସତ୍ତ୍ୱେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିବା କୁହାଯାଉଛି। କେଉଁ ପରିସ୍ଥିତିରେ ଓ କାହା ପାଇଁ ଲୋକଙ୍କ ଟଙ୍କା ଏହି ପ୍ରକଳ୍ପ ପାଇଁ ଖର୍ଚ୍ଚ କରାଯାଇଛି ବୋଲି ଯନ୍ତ୍ରୀଙ୍କ କାର୍ଯ୍ୟଶୈଳୀ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ୧୧ରେ ଭାରତ ଓ ସ୍କାଉଟ ଗାଇଡର କ୍ୟାମ୍ପୋରୀ

**ଖୋର୍ଦ୍ଧା,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ ଗାଇଡର କାର୍ଯ୍ୟକାରୀ କମିଟି ଏକ ବୈଠକ ଜିଲ୍ଲାଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ବିଜେବି ହାଇସ୍କୁଲ ଖୋର୍ଦ୍ଧା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ଼ ପ୍ରଜ୍ଞାପରମିତା ଜେନା ବୈଠକକୁ ପରିଚାଳନା କରିଥିବା ବେଳେ ସର୍ବସମ୍ମତି କ୍ରମେ ଆସନ୍ତା ଡିସେମ୍ବର ମାସ ୧୧, ୧୨ ଓ ୧୩ ତାରିଖ ୩ ଦିନ ଧରି ବିଜେବି ହାଇସ୍କୁଲ ଖୋର୍ଦ୍ଧାଠାରେ ହେବାପାଇଁ ସ୍ଥିର କରାଯାଇଥିବାର ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି। ଏହି କ୍ୟାମ୍ପୋରୀରେ ଶାରୀରିକ ପ୍ରଦର୍ଶନୀ, ଦୁଃସାହାସିକ କାର୍ଯ୍ୟକଳାପ, ଗାଁ ମେଳା ଓ ଖାଦ୍ୟସମ୍ଭାର, ଶିବିରାଗ୍ନି ଉତ୍ସବ, ସର୍ବଧର୍ମ ପ୍ରାର୍ଥନା, ଯୋଗ, ଶାନ୍ତି ଶୋଭାଯାତ୍ରା ଭଳି ୧୪ଟି ପ୍ରତିଯୋଗୀତା କରାଯିବ। କ୍ୟାମ୍ପୋରୀର ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟିମାନ ଗଠନ କରାଯିବା ପାଇଁ ସ୍ଥିରକରାଯାଇଛି। ପ୍ରତିଯୋଗୀତାଗୁଡିକ ପରିଚାଳନା ପାଇଁ ଅଭିଜ୍ଞ ସମ୍ପର୍ଣ୍ଣ ତାଲିମଦାତା ପୀତବାସ



ପଟ୍ଟନାୟକ, ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ ପ୍ରମୁଖଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଛି। ଏହି ବୈଠକରେ ଶାରୀରିକ ଶିକ୍ଷାନିରିକ୍ଷକ ଦିଲ୍ଲୀପ କୁମାର ମୋଦୀ, ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ତୋଫାନ ରାଉତରାୟ, ଜିଲ୍ଲା ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ଜିଲ୍ଲା ଗାଇଡ କମିଶନର ଜୟନ୍ତୀ କୁମାରୀ ହୋତା, ଜିଲ୍ଲା ସ୍କାଉଟ କମିଶନର ବିଭୁପ୍ରସାଦ ସେନାପତି, କର୍ମକର୍ତ୍ତା ଚିତ୍ତରଞ୍ଜନ ବରାଳ, ମାନସ ସେଠୀ, ତପସ୍ୱିନୀ ପଟ୍ଟନାୟକ, ରଚିତା ପଟ୍ଟନାୟକ ପ୍ରମୁଖ ବ୍ଲକ୍ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଓଡିଶା ଭାରତ ସ୍କାଉଟ ଗାଇଡ ଦ୍ୱାରା ଗତ ୧୮ ତାରିଖରୁ ୨୨ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ 'ଉଡାନ' କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା 'ରାମ୍ପସୋ'ରେ ପ୍ରଥମ ଓ 'ଗ୍ରୁପ ଡ୍ୟାନ୍ସ'ରେ ୨ୟ ଅଧିକାର କରି ଜିଲ୍ଲାପାଇଁ ଗୌରବ ଆଣିଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ରାୟ ପିଲାମାନଙ୍କ ସହିତ କର୍ମକର୍ତ୍ତା ଓ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ୍ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସମ୍ପାଦକ ସୁଧାକର ମହାପାତ୍ର ଜିଲ୍ଲା ପାଇଁ ମିଳିଥିବା ଟ୍ରଫିକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ।

# କୋଣାର୍କ ପ୍ରେସ କ୍ଲବ ପକ୍ଷରୁ ମେଗା ସାଇକ୍ଲୋଥନ

**କୋଣାର୍କ,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

କୋଣାର୍କ ଉତ୍ସବ ଅବସରରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ସହାୟତାରେ କୋଣାର୍କ ପ୍ରେସ କ୍ଲବ ଆନୁକୂଲ୍ୟରେ ଏକ ମେଗା ସାଇକ୍ଲୋଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ପ୍ରେସ କ୍ଲବ ସଭାପତି ଧନଞ୍ଜୟ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶ୍ରୀଜଗନ୍ନାଥ ମନ୍ଦିରର ସିଂହାରୀ ସେବକ ମଧୁସୂଦନ ସିଂହାରୀ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଂଜନ ପଟ୍ଟନାୟକ, ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ସାହିତ୍ୟ ସଂସଦ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରେସ କ୍ଲବ ଉପଦେଷ୍ଟା ସଂଜୟ କୁମାର ପତି, କୋଣାର୍କ ଏନଏସି କାଉନସିଲର ସୌମ୍ୟ ସୌରଭ ଦାଶ କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୁଷଣ ନାୟକ, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ପ୍ରମୁଖ ଯୋଗଦେଇ ଆମ ଐତିହ୍ୟ ଆମ ଗୌରବର ବାର୍ତ୍ତା ନେଇ



ଅନୁଷ୍ଠିତ ସାଇକ୍ଲୋଥନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିବା ସହ ସାଇକେଲ ଚଳାଇବା ଦ୍ୱାରା ସୁସ୍ଥ ଓ ନିରୋଗ ଜୀବନଯାପନର ଏକ ଉତ୍ତମ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ପରେ ପରେ ସୂର୍ଯ୍ୟ ମନ୍ଦିର ପରିସରରୁ ଆମ ଐତିହ୍ୟ ଆମ ସଂସ୍କୃତି, ସାଇକେଲ ଚଳାଅ ସୁସ୍ଥ ରୁହର ବାର୍ତ୍ତା ବହନ କରୁଥିବା ମେଗା ସାଇକ୍ଲୋଥନ ସଚେତନତା କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ମନ୍ଦିରର ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ, ଗୋପ ବ୍ଲକ ଉପାଧ୍ୟକ୍ଷ ବନ ରଂଜନ ପଟ୍ଟନାୟକ ଓ କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ସମେତ ଅନ୍ୟ ଅତିଥିମାନେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପରେ ପରେ ଛାତ୍ରଛାତ୍ରୀମାନେ ସଚେତନତାର ବାର୍ତ୍ତା ଛିଞ୍ଚନ କରି ସାଇକେଲ ଯୋଗେ ଦୀର୍ଘ ୧୦ କିମି ରାସ୍ତା ରାମଚଣ୍ଡୀ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହୋଦଧି ଏକାଡେମୀର ଅଧ୍ୟକ୍ଷ ଶୁଭ୍ରଜିତ ମହାପାତ୍ରଙ୍କୁ ବିଶିଷ୍ଟ ଶିକ୍ଷାବିତ ସମ୍ମାନ, ସାମ୍ବାଦିକ ଦୀପ୍ତି ରଞ୍ଜନ ପାତ୍ରଙ୍କୁ ବାଦଲ ଦାଶ ସ୍ମୃତି ସମ୍ମାନ ଓ ବରିଷ୍ଠ ସାମ୍ବାଦିକ ଭାଗୀରଥୀ ସ୍ୱାଇଁଙ୍କୁ ସ୍ୱର୍ଗତ ସାମ୍ବାଦିକ ସଂଗ୍ରାମ କେଶରୀ ମହାପାତ୍ର ସ୍ମୃତି ସମ୍ମାନରେ ଔପଢକନ, ଉତ୍ତରୀୟ ଓ ସିଲ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚଣ୍ଡୀ ଠାରେ ସାଇକ୍ଲୋଥନ କାର୍ଯ୍ୟକ୍ରମ ଉଦଯାପନୀ ସମାରୋହରେ ଅତିଥି ଭାବରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ବିଚିତ୍ର ଚୌଧୁରୀ ଓ ସୁତନ ଗ୍ରାମପଞ୍ଚାୟତର ସମିତି ସଭ୍ୟ କାଶିନାଥ ନାୟକ ପ୍ରମୁଖ ଯୋଗଦାନ କରିଥିଲେ।

# ବିଶ୍ୱ ଏଡସ୍ ଦିବସ

**ବୁଗୁଡ଼ା,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ପିପୁଲ୍ସ କଲେଜର ୟୁଥ୍ ରେଡ୍ କ୍ରସ୍ ଏବଂ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ମିଳିତ ଭାବେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। କଲେଜ ପରିସରରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ରଥଙ୍କ ସଭାପତିତ୍ୱରେ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଅଧ୍ୟାପକ ଲୋକନାଥ ବେହେରା ଯୋଗଦେଇ ସ୍ୱେଚ୍ଛାସେବୀଙ୍କୁ ଏଡସ୍ ସଚେତନତା ଦିଗରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏ ଅବସରରେ ୟୁଥ୍ ରେଡ୍ କ୍ରସ୍ ସଂସ୍ଥାର ଉପଦେଷ୍ଟା ପବିତ୍ର ଖଣ୍ଡୁଆଳଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ନିକଟସ୍ଥ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ବେଳେ କାର୍ଯ୍ୟକ୍ରମର ପରିଶେଷରେ ସ୍ୱେଚ୍ଛାସେବୀ ସୋମିତ୍ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

# କ୍ରୋମନଗର ମହୋତ୍ସବ ପାଇଁ ଜୋରଦାର ପ୍ରସ୍ତୁତି

**କଳିଙ୍ଗନଗର,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ସୁକିନ୍ଦା ଖଣି ଅଞ୍ଚଳର ପ୍ରତିଷ୍ଠିତ କ୍ରୋମନଗର ମହୋତ୍ସବ-୨୦୨୬ ପାଇଁ ପ୍ରସ୍ତୁତି ଜୋରଦାର ଭାବରେ ଆରମ୍ଭ ହୋଇଛି। ରବିବାର ସୁକିନ୍ଦା ଓଡ଼ିଶା ମାଇନିଂ କର୍ପୋରେସନ କମ୍ୟୁନିଟି ସେଣ୍ଟରରେ ହୋଇଥିବା ପ୍ରସ୍ତୁତି ବୈଠକରେ ଆଗାମୀ ମହୋତ୍ସବର ସମଗ୍ର କାର୍ଯ୍ୟକ୍ରମ ରୂପରେଖା ତିଆରି କରାଗଲା। ବୈଠକଟି ମହୋତ୍ସବ ସଭାପତି ଅମଳେନ୍ଦୁ ବେହୁରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବା ସହ ଶ୍ରମିକ ସଂଘ ସଭାପତି ସବ୍ୟସାଚୀ ବାଳସାମନ୍ତ, ବରିଷ୍ଠ ସଦସ୍ୟ ବିଶ୍ୱଜିତ୍ ନାୟକ, ଅସିତ୍ ମହାନ୍ତ, ଲମ୍ବୋଦର ଦଳବେହେରା, ଖଣି ଅଞ୍ଚଳ ଭାଜପା ମଣ୍ଡଳ ସଭାପତି ମନୋଜ ନାୟକ ସହ ୭ ପଞ୍ଚାୟତ ଗାଁସୋଳ, କାଳିଆପାଣି, ଟିଙ୍ଗୁଡ଼ିପାଳ, କଅଁସ, କାଙ୍କଡ଼ପାଳ, କୃହିକା ଓ ପିମ୍ପୁଡ଼ିଆର ମୁଖିଆମାନେ ସହଭାଗୀ ହୋଇଥିଲେ। କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଏବଂ ପରିଚାଳନା ପାଇଁ ବିଭିନ୍ନ ବିଭାଗ ଗଠନ କରାଯିବାକୁ ସ୍ଥିର କରାଗଲା। ବୈଠକରେ ମହୋତ୍ସବ ପରିଚାଳନା ପାଇଁ ବିଭିନ୍ନ ବିଭାଗର ପ୍ରମୁଖ ଚୟନ, ଦାୟିତ୍ୱ ବଣ୍ଟା ଓ ପଞ୍ଚାୟତସ୍ତରୀୟ କମିଟି ଗଠନ ପ୍ରକ୍ରିୟା ଶେଷ କରାଯାଇଛି। ୭ଟି ପଞ୍ଚାୟତରେ ମହୋତ୍ସବକୁ ଜନଭାଗିଦାରୀ ଆଧାରିତ ଭାବେ କରିବାକୁ ଜୋର ଦିଆଯାଇଛି। ପ୍ରତିଯୋଗିତା ମହିଳା, ପିଲା, ଯୁବମାନଙ୍କ ପାଇଁ ବିଶେଷ କାର୍ଯ୍ୟକ୍ରମ ଯୋଗଦେବା ପାଇଁ ଉତ୍ସାୟିତ କରିବା ପାଇଁ ପ୍ରସ୍ତୁତି ବୈଠକରେ ୭ଟି ପଞ୍ଚାୟତରେ ନିମ୍ନଲିଖିତ ପ୍ରତିଯୋଗିତାମାନେ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଛି। ମହିଳା ପ୍ରତିଯୋଗିତା (ବ୍ୟକ୍ତିତ୍ୱ, ପ୍ରତିଭା, ସାସ୍କୃତିକ ପ୍ରଦର୍ଶନ ଭିତ୍ତିକ) ଖଣି ଅଞ୍ଚଳ ସ୍କୁଲ ଛାତ୍ରଛାତ୍ରୀ ପାଇଁ ନୃତ୍ୟ, ଗୀତ, ବକ୍ତୃତା, ଚିତ୍ରକଳା, ଯୁବ ପ୍ରତିଯୋଗିତା, ଅନ୍ତର୍ନିହିତ କଳା ପ୍ରଦର୍ଶନ, ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା। ଅଞ୍ଚଳର ସାମାଜିକ ସାଂସ୍କୃତିକ ପ୍ରତିଭାକୁ ମଞ୍ଚକୁ ଆଣିବାକୁ ଏବେ ବିଶେଷ ଧ୍ୟାନ ଦିଆଯାଇଛି। ମହୋତ୍ସବ କମିଟି ସ୍ପଷ୍ଟ କରିଛି ଯେ ଆସନ୍ତା ଡିସେମ୍ବର ୭ ମଧ୍ୟରେ ସମସ୍ତ ପଞ୍ଚାୟତର କମିଟି ଗଠନ ପୁରା କରି ସମସ୍ତ କାର୍ଯ୍ୟକ୍ରମ ଚାଲୁ କରାଯିବ। ଭାଜପାର ପଞ୍ଚାୟତ ସଭାପତି-ସମ୍ପାଦକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ। ଆଜିର ବୈଠକରେ ପ୍ରତ୍ୟେକ ପଞ୍ଚାୟତର ଭାଜପା ସଭାପତି, ସମ୍ପାଦକ, ଯୁବ କର୍ମୀମାନେ ଯୋଗଦେଇଥିଲେ। ମହୋତ୍ସବକୁ ଗ୍ରାମୀଣ ଏବଂ ଖଣି ଅଞ୍ଚଳର ସାମ୍ପ୍ରଦାୟିକ ଉତ୍ସବ ଭାବେ ପରିଣତ କରିବା ପାଇଁ ସମସ୍ତେ ଯୋଗାଯୋଗ, ଯୋଜନା ଓ ସହଯୋଗରେ ଆଗକୁ ଆସିବାର ଆହ୍ୱାନ ଦିଆଯାଇଛି। କ୍ରୋମନଗର ମହୋତ୍ସବ-୨୦୨୬ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ସୁକିନ୍ଦା ଖଣି ଅଞ୍ଚଳର ୭ ପଞ୍ଚାୟତକୁ ଏକ ମଞ୍ଚରେ ଆଣିବାକୁ ପ୍ରତିଭା, ସଂସ୍କୃତି, ଯୁବଶକ୍ତି ଓ ମହିଳା ସଶକ୍ତିକରଣର ଏକ ସମ୍ମିଳିତ ପବିତ୍ର ଉତ୍ସବ ଭାବେ ପରିକଳ୍ପନା ହୋଇଛି।

# ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ

**ସିନାପାଲି,୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋଡାଲ ଗ୍ରାମ ପଞ୍ଚାୟତ ଠାରେ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ମୀ ଓରାମ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ତରଫରୁ ୫ଟି ଆପତ୍ତି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ଏମଜିଏନଆରଇଜିଏସ ୨ଟି, ଯୋଗାଣ ବିଭାଗ ୧ଟି, ବାର୍ଦ୍ଧକ୍ୟ ଭତ୍ତା ୧ଟି, ଓ ଉନ୍ନୟନ ମୂଳକ ୧ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଉକ୍ତ ଗାଁରେ ପ୍ରଶାସନ କାର୍ଯ୍ୟକ୍ରମରେ ସରପଞ୍ଚ ମିନା ଜଗତ, ପ୍ରାଣୀ ଚିକିତ୍ସକ କୃଷ୍ଣଚନ୍ଦ୍ର ମଲ୍ଲିକ, ସିଡ଼ିପି ଓ ଉର୍ମିଳା ମହାପାତ୍ର, ଏଫଇଓ ସୁରେନ୍ଦ୍ର ପାତ୍ର, ପିଇଓ ଜୟାନନ୍ଦ ମେହେର, ଯୋଗାଣ ସହାୟକ ଜଗମୋହନ ପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

**AFFIDAVIT**

By Virtue of an affidavit sworn before EXECUTIVE MAGISTRATE CUM TAHASILDAR, TIHIDI dated 01-12-2025 I, Asutosh Dash S/o- Gyanindra Dash at Permanent of Vill-Palasahi, Po-Betaligan, Ps-Dhusuri, Dist-Bhadrak,Odisha at present of Vill-Ramchandrapuram Mandal, Kollur, Dist-Medak declare that That as per my Aadhaar card bearing No- 2753 0968 2792 my name has been mentioned as Asutosh Dash S/o-Gyanindra Dash which is correct. That in my LIC policy Bond Bearing Policy No- 586251343, my name has been mentioned as Amit Kumar Dash S/o-Gyanindra Dash. That Asutosh Dash S/o-Gyanindra Dash and Amit Kumar Dash S/o-Gyanindra Dash is one and same person That I swear this affidavit to produce before concerned authority for correction of my name as Asutosh Dash in place of Amit Kumar Dash in my LIC policy Bond as per my oath in this court.

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୨ ଡିସେମ୍ବର ୨୦୨୫ ● ମଙ୍ଗଳବାର


## ବିଭିନ୍ନ ସ୍ଥାନରେ ବିଶ୍ୱ ଏଡସ୍ ଦିବସ

**କେନ୍ଦୁଝର:** ଜିଲ୍ଲା ସ୍ୱାସ୍ଥ୍ୟ ସମିତି କେନ୍ଦୁଝର ଓ ଓସାକ ଓଡିଶା ମିଳିତ ଆନୁକୂଲ୍ୟରେ ସୋମବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ବିଶ୍ୱ ଏଡସ୍ ଦିବସ ପାଳିତ ହୋଇଯାଇଛି। ପ୍ରାତଃରୁ ଏକ ସଚେତନତା ଶୋଭାଯାତ୍ରା ସ୍ଲୋଗାନ ଓ ପ୍ଲାକାର୍ଡ ସହିତ ସହର ପରିକ୍ରମା କରିଥିଲା। ଏହାପରେ ଡିଟିୟୁ ହଲରେ ଏଡିପିଏଚଓ (ଯକ୍ଷ୍ମା) ଡା. ନିଲମ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଡିଏମଓ ମେଡିକାଲ ଡା. ପ୍ରଦୀପ କୁମାର ମିଶ୍ର ମୁଖ୍ୟଅତିଥି. ଯୁଗ୍ମ ସମ୍ପାଦକ ଭାରତୀୟ ରେଡକ୍ରସ ସଂସ୍ଥା ଏ.ଆର ଖାନ ସମ୍ମାନିତ ଅତିଥି, ଡିପିଏଚସିଓ ଭରତ କୁମାର ସାହୁ, ଅନ୍ୟତମ ଅତିଥି, ଏଆରଟି ମେଡିକାଲ ଅଫିସର ଅଶ୍ୱିନୀ କୁମାର ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଏଚଆଇଭି ଏଡ଼ସର ଭୟାବହତା, ନିରାକରଣ ଓ ସଚେତନତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ୨୦୩୦ସୁଦ୍ଧା ଏଡ଼ସ ନିରାକରଣ ଲକ୍ଷ୍ୟ ଉପରେ ମତ କରାଯାଇଥିଲା। ବ୍ରହ୍ମାନନ୍ଦ ସାହୁ ସଭାକୁ ପରିଚାଳନା କରିବା ସହିତ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିଟିସି କାଉନସେଲର ସୁଶ୍ରୀ ସଂଗୀତା ମହାନ୍ତି, ରଚିତା ଗୋସ୍ୱାମୀ, ଏଆରଟି କାଉନସେଲର ପ୍ରିୟଙ୍କା ଗିରି, ଡିଏସଆରସି କାଉନସେଲର ଚନ୍ଦନ ପାଣିଗ୍ରାହୀ, ଜିଏନଏମ ପ୍ରଶିକ୍ଷିକା ପୁଷ୍ପରାଣୀ ମହାନ୍ତ, ଏସଏ ବୃନ୍ଦାବନ ସାହୁ, ଡିପିସି ତାପସ ରଞ୍ଜନ ଜେନା, ଲକ୍ଷ୍ମଣ ରାଉତ, ଦିଲୀପ ସାହୁ, ଅନୀଲ ପାତ୍ର, ସତ୍ୟବ୍ରତ ସାହୁ, ରାଜେଶ ଦଳେଇ, ଗୋକୁଳନନ୍ଦ ମହାନ୍ତ, ଓ୍ୱାନଷ୍ଟପ ସେଣ୍ଟରର ଗୋକୁଳ ଚନ୍ଦ୍ର ପାତ୍ର, ପଲ୍ଲବ ଚନ୍ଦ୍ର ନାୟକ ସୋମାଲି ବାରିକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

**ପାରାଦୀପ ବନ୍ଦର:** ଏଡସ୍ ଦୂରୀକରଣ ବିଷୟବସ୍ତୁ ସହିତ ପାରାଦୀପ ବନ୍ଦର ପ୍ରାଧିକରଣ ଚିକିତ୍ସାଳୟରେ ବିଶ୍ୱ ଏଡସ୍ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି। ଭାରତ ସରକାର ପ୍ରତିବର୍ଷ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ନାକୋ) ନେତୃତ୍ୱରେ ରାଷ୍ଟ୍ରୀୟଉ ସଚେତନତା ଅଭିଯାନ, ସମ୍ପ୍ରଦାୟ ପ୍ରସାର କାର୍ଯ୍ୟକଳାପ ଏବଂ



ନବୀକରଣ ସରକାରୀ ପ୍ରତିଶ୍ରୁତି ମାଧ୍ୟମରେ ବିଶ୍ୱ ଏଡସ୍ ଦିବସ ପାଳନ କରିଥାଏ। ଏହି ଅବସରରେ ପାରାଦୀପ ବନ୍ଦର ଚିକିତ୍ସାଳୟ, ଆଇଇସି କାର୍ଯ୍ୟକଳାପର ଅଂଶ ସ୍ୱରୂପ ସାଧାରଣରେ ସଚେତନତା ପାଇଁ ଏକ ପଦଯାତ୍ରା ବନ୍ଦର ଚିକିତ୍ସାଳୟଠାରୁ ଆରମ୍ଭ ହୋଇ ଅଫିସର୍ସ କ୍ଲବରେ ଶେଷ ହୋଇଥିଲା। ଏହି ଅବସରରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ.ହରନାଦ ଉପସ୍ଥିତ ସମସ୍ତଙ୍କୁ ସଚେତନତା ର ଶପଥ ପାଠ କରାଇବା ସହ ଏହି ପଦଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବନ୍ଦର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଲ, ବହୁ ଡାକ୍ତର, ପାରାମେଡିକାଲ୍ କର୍ମଚାରୀଙ୍କ ସମେତ ମୁଖ୍ୟଯନ୍ତ୍ରୀ, ସିଆଇଏସଏଫ କର୍ମଚାରୀ, ପାରାଦୀପ ସାକ୍ଷରତା ସମିତିର ସ୍ୱେଚ୍ଛାସେବୀ, ଟ୍ରାନ୍ସଜେଣ୍ଡର ଏବଂ ବିଭିନ୍ନ ଏନଜିଓ ର ସ୍ୱେଚ୍ଛାସେବୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ବନ୍ଦର ହସ୍ପିଟାଲ, ସାକ୍ଷରତା ସମିତିର ସମସ୍ତ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ଏହି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ପ୍ରତୀକାତ୍ମକ ଲାଲ ରିବନ ପିନ୍ଧିଥିଲେ। ଏତଦବ୍ୟତୀତ ବନ୍ଦର ନିଷିଦ୍ଧାଞ୍ଚଳ ୧ ନମ୍ବର ଓ ୨ ନମ୍ବର ଫାଟକ ନିକଟରେ ଟ୍ରକ୍ ଚାଳକମାନଙ୍କ ପାଇଁ ସ୍କ୍ରିନିଂ କ୍ୟାମ୍ପ ଆୟୋଜନ କରାଯାଇଥିଲା। ୨୦୬ ଜଣଙ୍କର ସ୍କ୍ରିନିଂ କରାଯାଇଥିଲା ଏବଂ ଏଥିରେ କାହାର ଏଡସ୍ ପଜିଟିଭ୍ ଚିହ୍ନଟ ହୋଇନଥିଲା।

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ:** ସ୍ଥାନୀୟ ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଏଡ୍ସ ଦିବସ ଉପଲକ୍ଷେ ଏକ ଏଡ୍ସ ସଚେତନତା ପଦଯାତ୍ରା ଅନୁଷ୍ଠିତ




ହୋଇଯାଇଛି। ଏ ନେଇ ଏକ ସଚେତନତା କାର୍ଯ୍ୟକ୍ରମର ଆୟୋଜନ ହେବାପରେ ଅପରାହ୍ନରେ ବିଶ୍ୱବିଦ୍ୟାଳୟ ପରିସରରୁ ଏକ ବିଦ୍ୟାର୍ଥୀମାନଙ୍କର ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା। ଶ୍ରୀ ଶ୍ରୀ ଆୟୁର୍ବେଦ ମହାବିଦ୍ୟାଳୟ ପକ୍ଷରୁ ଏହା 'ଆଇକନିକ୍ ବିଲଡିଂ'ରୁ ବାହାରି ଆୟୁର୍ବେଦ ହସ୍ପିଟାଲ ଦେଇ କ୍ୟାମ୍ପସ ପରିକ୍ରମା କରିଥିଲା। ଏହି ଅବସରରେ ବିଦ୍ୟାର୍ଥୀମାନେ ଏଡ୍ସ ସଚେତନତା ସମ୍ପର୍କରେ ପୋଷ୍ଟର ମଧ୍ୟ ପ୍ରସ୍ତୁତ କରିଥିଲେ। ପ୍ରତିଯୋଗିତାରେ ବିଜୟୀମାନଙ୍କୁ ପ୍ରମାଣପତ୍ର ସହ ସମ୍ମାନିତ କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ଆୟୁର୍ବେଦ ମେଡିକାଲ୍ ନିର୍ଦ୍ଦେଶକ ପ୍ରଫେସର (ଡ.) ପ୍ରଦୀପ କୁମାର ପଣ୍ଡା, ବିଭାଗୀୟ ଡେପୁଟି ଡିନ୍ ପ୍ରଫେସର (ଡ.) କ୍ଷୀରାବ୍ଧି ତନୟା ରାଉତରାୟ, ପ୍ରଫେସର (ଡ.) ରମାକାନ୍ତ ରାଉତ, ଡ. ପଦ୍ମଲୋଚନ ଶଙ୍ଖୁଆ, ଡ. ଦେବାଶିଷ ଶତପଥୀ, ଡ. ଧ୍ରୁବ ପ୍ରସାଦ, ଡ. ସଞ୍ଜିବ କୁମାର ଦାସ ଏବଂ ଡ. ପ୍ରିୟଙ୍କା ପ୍ରିୟଦର୍ଶିନୀ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଭଳି ଏକ ସମାଜଧର୍ମୀ କାର୍ଯ୍ୟକ୍ରମ ପାଇଁ କୁଳାଧ୍ୟକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ, କୁଳପତି ପ୍ରଫେସର (ଡ.) ତେଜପ୍ରତାପ, କୁଳସଚିବ ପ୍ରଫେସର (ଡ.) ଅନିଲ କୁମାର ଶର୍ମା ଏବଂ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଆୟୋଜକ ବିଦ୍ୟାର୍ଥୀ ଓ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ।

**ଜେଏସଡବ୍ଲ୍ୟୁ (ବଡ଼ବିଲ):** ଜେଏସଡବ୍ଲ୍ୟୁ ଷ୍ଟିଲର ଓଡ଼ିଶା ଖଣି ବିଭାଗ ସୋମବାର ଦିନ ବିଶ୍ୱ ଏଡ୍ସ ଦିବସ ୨୦୨୫ ପାଳନ କରିଛି। କମ୍ପାନୀ କେଉଁଝର ଏବଂ ସୁନ୍ଦରଗଡ଼ ଜିଲ୍ଲାରେ ଏହାର କାର୍ଯ୍ୟକ୍ଷମ ସ୍ଥାନଗୁଡ଼ିକରେ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରିଥିଲା। ନୂଆଗାଁ ଖଣି, ନାରାୟଣପୋଷି ଖଣି, ଗଣୁଆ ଖଣି, ବାର୍ବିଲ କେନ୍ଦ୍ରୀୟ କାର୍ଯ୍ୟାଳୟ ଏବଂ ଭୁବନେଶ୍ୱର କାର୍ଯ୍ୟାଳୟରେ କାର୍ଯ୍ୟକଳାପ ଅନୁଷ୍ଠିତ ହୋଇଥିଲା।

'ବିଘ୍ନ ଦୂର କରିବା, ଏଡ୍ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ବିଶ୍ୱବ୍ୟାପୀ




ବିଷୟବସ୍ତୁ ସହିତ ସମନ୍ୱିତ ହୋଇ କମ୍ପାନୀ କର୍ମଚାରୀ କଲ୍ୟାଣ, ଜନସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସମ୍ପ୍ରଦାୟ ସଶକ୍ତିକରଣ ପ୍ରତି ଏହାର ସମର୍ପଣକୁ ପୁନଃନିର୍ଦ୍ଦେଶ କରିଥିଲା।

ଏହି ଅବସରରେ ମାଗଣା ଏଚଆଇଭି ପରୀକ୍ଷା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ ଶିବିର, ଡାକ୍ତରୀ ବୃତ୍ତିଗତଙ୍କ ନେତୃତ୍ୱରେ ଶିକ୍ଷାଗତ କର୍ମଶାଳା ଏବଂ ବାର୍ବିଲ ସହରରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ଜେଏସଡବ୍ଲ୍ୟୁ ଷ୍ଟିଲ ନିରାପଦ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରିବା ଏବଂ ଏଚଆଇଭି/ଏଡସ୍ ସମ୍ପର୍କିତ କଳଙ୍କକୁ ହ୍ରାସ କରିବା ପାଇଁ ବହୁଭାଷୀ ଶିକ୍ଷାଗତ ସାମଗ୍ରୀ ମଧ୍ୟ ବଣ୍ଟନ କରିଥିଲା। ସମସ୍ତ କାର୍ଯ୍ୟକଳାପ ପ୍ରସନ୍ନ ପଣ୍ଡା, ଚିତ୍ତରଞ୍ଜନ ବାହିନୀପତି ଏବଂ ଅଙ୍କୁର ଡୋକାନିଆଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଆମର କର୍ମଚାରୀ ଏବଂ ସମ୍ପ୍ରଦାୟ ଆମେ ଯାହା କରୁଛୁ ତାହାର ମୂଳରେ ଅଛନ୍ତି। ବିଶ୍ୱ ଏଡ୍ସ ଦିବସ ଏକ ଶକ୍ତିଶାଳୀ ସ୍ମରଣକାରୀ ଯେ ସଚେତନତା, କରୁଣା ଏବଂ ସ୍ୱାସ୍ଥ୍ୟସେବାର ସୁବିଧା ଜୀବନକୁ ପରିବର୍ତ୍ତନ କରିପାରିବ। ଆମେ ଏହି ବିଶ୍ୱ ଆନ୍ଦୋଳନରେ ଯୋଗଦାନ ଦେବାକୁ ଗର୍ବିତ ବୋଲି ଶ୍ରୀ ବାହିନୀପତି କହିଛନ୍ତି। ସ୍ଥାନୀୟ ଏନଜିଓ ଏବଂ ସ୍ୱାସ୍ଥ୍ୟ ବିଭାଗ ସହିତ ସହଯୋଗରେ, ଜେଏସଡବ୍ଲ୍ୟୁ ଷ୍ଟିଲ୍ ଠିକା ଶ୍ରମିକ, ଟ୍ରକ୍ ଡ୍ରାଇଭର ଏବଂ ଗ୍ରାମାଞ୍ଚଳ ବାସିନ୍ଦା ସମେତ ଦୁର୍ବଳ ଗୋଷ୍ଠୀ ପର୍ଯ୍ୟନ୍ତ ଏହାର ପହଞ୍ଚ ବୃଦ୍ଧି କରିଥିଲା। ସ୍କୁଲ ଏବଂ କଲେଜରେ ସ୍ୱତନ୍ତ୍ର ଅଧିବେଶନଗୁଡ଼ିକ ସହାନୁଭୂତି, ପ୍ରତିରୋଧ ଏବଂ ଦାୟିତ୍ୱପୂର୍ଣ୍ଣ ଆଚରଣ ବିଷୟରେ ଯୁବପିଢ଼ିଙ୍କ ସହଭାଗିତାକୁ ଉତ୍ସାହିତ କରିଥିଲା। ଯେତେବେଳେ ବିଶ୍ୱ ସମ୍ପ୍ରଦାୟ ୨୦୩୦ ସୁଦ୍ଧା ଏଡ୍ସକୁ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ବିପଦ ଭାବରେ ସମାପ୍ତ କରିବା ପାଇଁ କାର୍ଯ୍ୟ କରୁଛି, ଜେଏସଡବ୍ଲ୍ୟୁ ଷ୍ଟିଲ୍ ସୂଚନାପ୍ରଦ, ଅନ୍ତର୍ଭୁକ୍ତ ଏବଂ ସ୍ଥିର ସମ୍ପ୍ରଦାୟ ଗଠନ ପାଇଁ ଏହାର ପ୍ରତିବଦ୍ଧତାରେ ଅଟଳ ରହିଛି।

## ବିନା ସୂଚନା ଫଳକରେ ନିର୍ମାଣ ହେଉଛି ପାଣିଟାଙ୍କି

**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ବାସୀ ଶୁଦ୍ଧ ଜଳ ପିଇବା ପାଇଁ ପୂର୍ବ ସରକାର ସମୟରେ ମେଘା ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁରୀ ହୋଇଥିଲା। ତାହା ଏବେ ପ୍ରତି ପଂଚାୟତ ରେ ପାଇପି ବିଚାଇବା କାର୍ଯ୍ୟ ଚାଲୁରହିଛି। ସ୍ଥାନେ ସ୍ଥାନେ ସ୍ଥାନ ଚିହ୍ନଟ କରାଯାଇ ଓଭର ହେଡ଼ ଟାଙ୍କି ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କରାଯାଉଛି । ସେହିପରି ଛୁରିଆନା ପଂଚାୟତ ପାପିରା ଗ୍ରାମ ମୁଣ୍ଡରେ ଓଭର ହେଡ଼ ଟାଙ୍କି ନିର୍ମାଣ କରାଯାଉଛି। ଏହି କାର୍ଯ୍ୟ ନିର୍ମାଣ ପୂର୍ବରୁ ଉକ୍ତ ସ୍ଥାନରେ ନିର୍ମାଣ ହେଉଥିବା ଓଭର ହେଡ଼ ଟାଙ୍କି ରେ ବ୍ୟବହୃତ ହେଉଥିବା ଗୋଡି ର ସାଇଜି, ରଡ଼ ସମସ୍ତ ବିବରଣୀ ଓ ଭାଗ, ମାପ ଜନସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲାଗିବାର ନିୟମ ରହିଛି ତାହା ବିଭାଗ କାର୍ଯ୍ୟକାରୀ କରୁନାହିଁ। ବ୍ୟବହୃତ ହେଉଥିବା ମାଟି ମିଶା ଗୋଡି, ସରୁବାଲି, କଳଙ୍କି ରଡ଼ ହେଉଥିବା ଦୀର୍ଘ ଦିନ ହେଲାଣି କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ସୂଚନା ଫଳକ କରାଯାଉ ନ ଥିବା ସମାଜସେବୀ ନୃସିଂହ ଚରଣ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଙ୍କୁ ପଚାରିବାରୁ ସେମିତି କିଛି ନିୟମ ଥିବା ମୁଁ ଜାଣିନାହିଁ ବୋଲି କହିଛନ୍ତି। ଏହା ସମ୍ପର୍କ ରେ ବିଭାଗୀୟ ଉର୍ଦ୍ଧ୍ୱଙ୍କ ଅଧିକାରୀ ଦୃଷ୍ଟି ଦେବା ସହ ସମାଜସେବୀ ନୃସିଂହ ଚରଣ ବିଶ୍ୱାଳ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ହାତୀ ପଲଙ୍କ ପ୍ରାଦୁର୍ଭାବ ସାଙ୍ଗକୁ ବାରହାଙ୍କ ଉତ୍ପାତ

**ହିନ୍ଦୋଳ:ଏକ୍ସପ୍ରେସ୍ ନ୍ୟୁଜ୍**



ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଓ ବନାଞ୍ଚଳର ଗ୍ରାମେ ଗ୍ରାମେ ବଣୁଆ ହାତୀ ପଲଙ୍କ ପ୍ରାଦୃଭାବ ସାଙ୍ଗକୁ ବାରହା ପଲଙ୍କ ଉତ୍ପାତ ବଢ଼ି ଥିବାରୁ ଚାଷୀ କୂଳ ପ୍ରମାଦ ଗଣୁଛନ୍ତି। ରାତି ଘରେ ଶୋଇବା ପରିବର୍ତ୍ତେ ଚାଷୀମାନେ ଫସଲ ବଞ୍ଚାଇବା ଆଶାରେ ହିଡ ମୁଣ୍ଡରେ ଶୀତ କାକରରେ କୋଳାହଳ କରି ନିଜ ଜମିଙ୍କୁ ଜଗି ରହୁଛନ୍ତି। ବଣୁଆ ହାତୀ ପଲ ଓ ବାରହା ସେମାନଙ୍କ ନିଦ ହଜାଇ ଦେଇଛି। କ୍ଷେତରୁ ଫସଲ ଆମଦାନୀ ଆରମ୍ଭରୁ ଏହିଭଳି ଉତ୍ପାତ ଲାଗି ରହୁଥିବାବେଳେ ଚାଷୀଟିଏ କ୍ଷୟକ୍ଷତି ଭରଣା ପାଇଁ ବନବିଭାଗ କାର୍ଯ୍ୟାଳୟରେ ଦରଖାସ୍ତ କରିକରି ନୟାନ୍ତ ହୋଇ ଯାଉଥିଲେ ହେଁ ସରକାରଙ୍କ ହାତ ଟେକା ରାଶି ଭରଣା ସମୁଦ୍ରକୁ ସଂଖେ ଭଳି। ଚାଷୀଟିଏ ଖରା, ବର୍ଷା ଓ ଶୀତ ସହି ବହୁ ଘାତପ୍ରତିଘାତ ମଧ୍ୟରେ ସମାଜକୁ ଖାଦ୍ୟ ଯୋଗାଇ ଚାଲିଥିବା ବେଳେ ତାର ସୁବିଧା ଅସୁବିଧା ଓ ଲାଭକ୍ଷତି ପ୍ରତି କେହି ଦୃଷ୍ଟି ଦିଅନ୍ତି ନାହିଁ। ସରକାରୀ ପୋତ୍ସାହାନ ଯଥା ଆର୍ଥିକ ସହାୟତା ରାଶି ଅତି ଋଣ ଆକାରରେ ଚାଷୀ ବ୍ୟାଙ୍କରୁ ପ୍ରାପ୍ତ କରୁଥିବା ବେଳେ ନିଅଣ୍ଟିଆ ସାର ଓ ଔଷଧ ଯୋଗାଣ ବାଙ୍କୁ ବତା ଭଳି କେଉଁଠି କେଉଁଠି ବନବିଭାଗ ପକ୍ଷରୁ ସୌର ତାର ବାର ଓ ଆଲୋକି କରଣର ବ୍ୟବସ୍ଥା କରା ଯାଇ ଥିବା ବେଳେ ଅଧିକାଂଶ ଗ୍ରାମ ମାନଙ୍କରେ ଚାଷୀ ଏଥିରୁ ବଞ୍ଚିତ ରହି ଥିବା ଅଭିଯୋଗ ହେଉଛି। ବାରହା ଭଳି ହିଂସ୍ର ବନ୍ୟ ଜନ୍ତୁକୁ କାବୁ କରିବାକୁ ଚାଷୀ ସନ୍ଧ୍ୟା ପର ଠାରୁ ଚାଷ ଜମିରେ କ୍ରସରତ କରୁ ଥିବା ବେଳେ ଏଥିରେ ଅସଫଳ ହେଉଛି। ଏମାନଙ୍କ ଦ୍ୱାରା ବହୁ ଫସଲ ଉଜୁଡି ଯାଉ ଥିଲେ ହେଁ କ୍ଷୟ କ୍ଷତି ଭରଣା କରିବାକୁ ସତେ ଯେମିତି ସରକାର କୁଣ୍ଠା ବଦ୍ଧ କରିଛନ୍ତି। ଦିନକୁ ଦିନ ବନ୍ୟ ଜନ୍ତୁଙ୍କ ଆତଙ୍କ ଯୋଗୁଁ ଫସଲ ହାନି ଘଟୁ ଥିବାରୁ ଅଧିକାଂଶ ସ୍ଥାନରେ ଚାଷୀ କୂଳ ଧାନ ଚାଷ ଭଳି ପ୍ରଧାନ ଚାଷ କାର୍ଯ୍ୟରୁ ଦୁରେଇ ଯାଉ ଛନ୍ତି। ଏହା ଦ୍ୱାରା ବହୁ ଚାଷ ଜମି ପଡ଼ିଆ ପଡିଆ ପଡ଼ିଲାଣି ସରକାରଙ୍କ ପକ୍ଷରୁ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ବୁଦ୍ଧିଜୀବି ମହଲରୁ ଦାବି ହେଉଛି।

## ଘାଇର ସ୍ଥାୟୀ ସମାଧାନ ନିମନ୍ତେ ରାସ୍ତା ରୋକ୍

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ଘାଇର ସ୍ଥାୟୀ ସମାଧାନ ନିମନ୍ତେ ସିମିଳିଆ ବିକାଶ ମଂଚ ପକ୍ଷରୁ ସିମିଳିଆ-ବୁଢ଼ାଘାଟ ରାସ୍ତା ରୋକ କରିବା ସହିତ ବିକ୍ଷୋଭ କରାଯାଇଥିଲା। ଗତ ୨୦୧୮ମସିହା ବନ୍ୟା ସମୟରେ ଏକ ଘାଇ ଏହି ରାସ୍ତା ଉପରେ ସୃଷ୍ଟି ହୋଇଥିଲା ଯାହା ଓଲେଇପଡାବାସୀ ଅଲେଖ ଜେନା ଓଗେର ଜମି ମାଲିକାନା ଅଛନ୍ତି। କିନ୍ତୁ ୫୦ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ଲୋକେ ଯାତାୟାତ କରି ଆସୁଅଛନ୍ତି, ରାସ୍ତାର ନୂତନ କାର୍ଯ୍ୟ ହେବା ସମୟରେ ସେହି ବ୍ୟକ୍ତି



ରାସ୍ତା ନିର୍ମାଣ ବିରୋଧ କରିବାରୁ ସେହି ସମୟରେ କଂଟ୍ରାକ୍ଟର ଦାଦାଗିରି କରିଥିବାରୁ ଜମି ମାଲିକମାନେ କେଶ କରିଅଛନ୍ତି। ସେହି ଜମିର ମାଲିକମାନେ ଢଳାଇ ରାସ୍ତା ହେଲେ କୌଣସି ଆପତି ନାହିଁ ବୋଲି ଜିଲାପାଳ ମହୋଦୟଙ୍କୁ ଲିଖିତ ପତ୍ର ଦେଇଛନ୍ତି। କିନ୍ତୁ ଅଦ୍ୟବଧି କୌଣସି ସମାଧାନ ହୋଇନାହିଁ। ୨୦୨୩ରେ ଏ ଘାଇ ପାଣିରେ ଭାସିଯାଇ ଓଲେଇ ପଡ଼ା ଗ୍ରାମର ଅକ୍ଷୟ ନାୟକ ଜଣେ ବ୍ୟକ୍ତି ପ୍ରାଣ ହରାଇ ଥିଲେ ଅଂଚଳ ବାସୀଙ୍କ ନିବେଦନ ଆବଶ୍ୟକୀୟ ରାସ୍ତାର ମାପଚୁପ କରି ଜମି ମାଲିକ ସହିତ ସମାଧାନ କରି ରାସ୍ତା ନିର୍ମାଣ କରାଯାଉ। ଦ୍ୱିତୀୟରେ ବୁଢ଼ାଘାଟ ନିକଟରେ ଆରଡି ରାସ୍ତାରେ ଅବୈଧ ଭାବେ ଘର ନିର୍ମାଣ କରାଯାଇଅଛି ତତ୍ ସହିତ ଆଗରେ ସେହି ଘରର ଦୋକାନୀ ଏବଂ ଗ୍ରାହକମାନେ ଗାଡ଼ି ରଖୁବାରୁ ରାସ୍ତା ରେ ଯାତାୟାତରେ ବୋହୁ ଅସୁବିଧା ହେଉଅଛି ଏହାର ସୀମା ନିର୍ଦ୍ଧାରଣ କରାଯାଇ ଜବରଦଖଲ ଉଚ୍ଛେଦ କରାଯାଉ। ତୃତୀୟରେ ବର୍ତ୍ତମାନ ରାସ୍ତା ନିର୍ମାଣ କାମ ଚ଼ାଲୁଅଛି ଯାହାକି ନିମ୍ନମାନ ର ହେଉଅଛି ରାସ୍ତା କଡ ପ୍ରସ୍ତୁତ ନକରି ପାର୍ଶ୍ୱ ଖୋଳା ଯାଇ ତହିଁରେ ଡଷ୍ଟ ନପଡ଼ି ବାଲି ପଡୁଅଛି ଯାହାକି ରାସ୍ତା ଦୁର୍ବଳ କରୁଅଛି। ଏଣୁ ଘାଇର ସ୍ଥାୟୀ ସମାଧାନ କରାଗଲେ ଗ୍ରାମବାସୀ ଉପକୃତ ହେବେ ସିମିଳିଆ ବିକାଶ ମଂଚ ପକ୍ଷରୁ କହିବା ସହ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

## ଲଙ୍କାପୁଟ ସ୍କୁଲରୁ ନିଖୋଜ ୨୦ ଛାତ୍ର ପାହାଡ଼ରୁ ଉଦ୍ଧାର

**କୋରାପୁଟ:ଏକ୍ସପ୍ରେସ୍ ନ୍ୟୁଜ୍**

ଲଙ୍କାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା ଓ ଛାତ୍ରାବାସରୁ ଗୋପନୀୟ ଭାବେ ପଞ୍ଚମ ଶ୍ରେଣୀର ୨୦ ଜଣ ପିଲା ନଖୋଜ ହୋଇଯାଇଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ସେମାନଙ୍କୁ ପଣ୍ଡି ନିକଟସ୍ଥ ପାହାଡ଼ରୁ ସୁରକ୍ଷିତ ଅବସ୍ଥାରେ ଉଦ୍ଧାର କରାଯାଇଛି। କାହିଁକି ସ୍କୁଲ ଛାଡି ଏମିତି ପାହାଡରେ ଲୁଚିଥିଲେ ତାହା ନେଇ ଅନେକ ପ୍ରଶ୍ନ ଉଠୁଛି। ଲଙ୍କାପୁଟ ସରକାରୀ ଉଚ୍ଚ ବିଦ୍ୟାଳୟର ପଞ୍ଚମ ଶ୍ରେଣୀର ୨୦ ଜଣ ପିଲା ଗତକାଲି ସନ୍ଧ୍ୟାରୁ ସ୍କୁଲରୁ କେଉଁଆଡେ ପଳେଇ ଯାଇ ପୁଣି କିଛି ସମୟ ପରେ ଫେରି ଆସିଥିଲେ ବୋଲି କହିଛନ୍ତି ଦାୟିତ୍ୱରେ ଥିବା ରୋଷେୟା। ପ୍ରଥମେ ସନ୍ଧ୍ୟାରେ ଯାଇ ପୁଣି ଫେରିଥିବା ପିଲାମାନେ ଆଜି ସକାଳେ ପୁଣିଥରେ କୁଆଡେ ପଳାଇଯାଇଥିଲେ। ସ୍କୁଲ ଠାରୁ ୯ କିଲୋମିଟର ଦୂର ପଣ୍ଡି ପହାଡ଼ରେ ସେମାନେ ଲୁଚିଥିବା ଜଣାପଡ଼ିବା ପରେ ଅଭିଭାବକ ଓ ଗାଁଲୋକ ମିଳିମିଶି ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି।

ପିଲାମାନେ ବାରମ୍ବାର ଏମିତି ପଳାଇଯାଉଛନ୍ତି, ତେଣୁ ଅଭିଭାବକ ମାନେ ଚିନ୍ତାରେ ଥିବା ସହିତ ଏହାଉପରେ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସ୍କୁଲ ପକ୍ଷରୁ କୁହାଯାଇଛି, ପିଲାମାନେ ଭୟ ବା ଦୁଶ୍ଚିନ୍ତାରୁ ଏହିଭଳି କରିଥାଇପାରନ୍ତି, ତେବେ ମାମଲାର ସଠିକ୍ କାରଣ ଖୋଜିବା ପାଇଁ ତଦନ୍ତ ଚାଲିଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟ ଗୋଷ୍ଠୀ ଉନ୍ନୟନ




ଅଧିକାରୀ, ଡବ୍ଲୁଇଓ ସହ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପହଞ୍ଚି ଘଟଣାର ଅନୁଧ୍ୟାନ କରିଛନ୍ତି ଓ ପିଲାମାନଙ୍କୁ କିଭଳି ସୁରକ୍ଷିତ ଭାବେ ରଖାଯିବ ସେ ଦିଗ ପ୍ରତି ଅଧିକ ନିରୀକ୍ଷଣ କରାଯିବ ବୋଲି କହିଛନ୍ତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ କାହିଁକି ଏହା ଘଟିଲା, ତାହା ଉପରେ ତଦନ୍ତ ଚାଲିଛି ଘଟଣାକୁ ପ୍ରଶାସନ ଗୁରୁତ୍ୱର ସହ ନେଇଛି। ସୁରକ୍ଷା ବ୍ୟବସ୍ଥା, ହୋଷ୍ଟେଲ ସୁପରଭିଜନ ଏବଂ ପିଲାମାନଙ୍କ ପାଇଁ କାଉନ୍ସେଲିଂ ଏହି ତିନୋଟିକୁ ଧ୍ୟାନରେ ରଖି କାର୍ଯ୍ୟାନୁଷ୍ଠାନ ନିଆଯିବ। ପଣ୍ଡିରୁ ଉଦ୍ଧାର ହୋଇଥିବା ୨୦ ଜଣ ପିଲା ଏବେ ସୁରକ୍ଷିତ ଅଛନ୍ତି। ତଥାପି, ଏହି ଘଟଣା ଛାତ୍ରାବାସର ଢିଲା ସୁରକ୍ଷା ବ୍ୟବସ୍ଥା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି।

## କୃଷ୍ଣାମଧୁ ସାହିତ୍ୟ ଆସର ଓ ପ୍ରେମ ପତଞ୍ଜଳି ପୁସ୍ତକ ଉନ୍ମୋଚିତ



**ସାକ୍ଷୀଗୋପାଳ:ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ସେବକ ସାହି ସନ୍ନିକଟ ଶିକ୍ଷାବିତ୍ ବିରଞ୍ଚି ନାରାୟଣ ମହାନ୍ତିଙ୍କ ବାସଭବନ ପରିସରରେ କୃଷ୍ଣାମଧୁ ସାହିତ୍ୟ ଆସର, ଆଲୋଚନା ଚକ୍ର, କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବି ତଥା ବରିଷ୍ଠ ଶିକ୍ଷକ ମାନସ ରଞ୍ଜନ ପଟ୍ଟନାୟକ ପୌରହିତ୍ୟ କରିଥିଲେ। ଅତିଥି ଓ ବକ୍ତାଭାବେ ଶିକ୍ଷାବିତ୍ ରବିନ୍ଦ୍ର ନାଥ ଷଡ଼ଙ୍ଗୀ, ଐତିହାସିକ ଭୀମସେନ ମହାପାତ୍ର, ଗାନ୍ଧୀ। ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ, ଶିକ୍ଷାବିତ୍ ନଟବର ଶତପଥୀ ପ୍ରମୁଖ ଯୋଗଦେଇ ସମୟୋପଯୋଗୀ କବିତା ମାଧ୍ୟମରେ ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ। କବୟିତ୍ରୀ ବିଶାଖା ଦେବୀ,ବନ୍ଦନା ଦାଶ,ବନ୍ଦନା ମହାପାତ୍ର, ଅନସୂୟା କାଣ୍ଡି, କବି ବିଭୂତି ଭୂଷଣ ହୋତା, ଦିଗମ୍ବର ରଥ, କୃପାନିଧି ପ୍ରଧାନ, ପ୍ରଭାକର ଜେନା, ସୁରେଶ୍ ମନ୍ତ୍ରୀ, ଆଇନଜୀବୀ ହୃଷିକେଶ ପାଢ଼ୀ, ଶିକ୍ଷକ ଅଭୟ ଚରଣ ସାହୁ ପ୍ରମୁଖ ଆଧ୍ୟାତ୍ମିକ ସାମାଜିକ କବିତା ପାଠ କରିଥିଲେ। କବୟିତ୍ରୀ ତଥା ଶିକ୍ଷୟିତ୍ରୀ ସୁଜାତା ଦେବୀ କବିତା ପାଠୋତ୍ସବର ସଂଯୋଜନା କରିଥିଲେ। ଏହି ଅବସରରେ କବୟିତ୍ରୀ ସୁନନ୍ଦା ମହାନ୍ତିଙ୍କ ରଚିତ ପ୍ରେମ ପତଞ୍ଜଳି ପୁସ୍ତକ ଉନ୍ମୋଚିତ ହୋଇଥିଲା। ଶାଶ୍ୱତ ପ୍ରେମ ଓ ଗଳ୍ପ ଆଧାରରେ ଲିଖିତ ଏହି ପୁସ୍ତକଟି ସମସ୍ତଙ୍କର ଆଦରଣୀୟ ହୋଇଥିଲା। କୃଷ୍ଣାମଧୁ ଅନୁଷ୍ଠାତର ସମ୍ପାଦକ ଶ୍ରୀମତୀ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୁନନ୍ଦା ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସ୍କୁଲ ପ୍ରବେଶ ପଥ ଅବରୋଧ: ଧାରଣାରେ ଛାତ୍ରୀଛାତ୍ର ଓ ଶିକ୍ଷକ

**ଯାଜପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ବିଦ୍ୟାଳୟର ପ୍ରବେଶପଥ ଅବରୋଧ ଯୋଗୁ ବିଦ୍ୟାଳୟକୁ ଯାଇନପାରି ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ଏପରି ଘଟଣା ଦେଖିବାକୁ ମିଳିଛି ଯାଜପୁର ବ୍ଲକ ସାହାସପୁର ପଂଚାୟତ ହନୁମାନଜୀଉ ଉଚ୍ଚ ବିଦ୍ୟାଳୟର ମୁଖ୍ୟ ପ୍ରବେଶପଥ ଅବରୋଧ ହଟାଇବା ଦାବିରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀ ବିଦ୍ୟାଳୟ ସମ୍ମୁଖରେ ଦୀର୍ଘ ସମୟ ଧରି ବସି ରହିଥିଲେ। ହନୁମାନଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୮୨ ମସିହାରେ ସ୍ଥାପିତ ହୋଇଥିଲା। ବିଗତ ସରକାରଙ୍କ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ହନୁମାନଜୀଉ ଉଚ୍ଚ ବିଦ୍ୟାଳୟର ବହୁ ଉନ୍ନତିମୂଳକ କାର୍ଯ୍ୟ କରାଯାଇଥିଲା। ଏପରିକି ୫-ଟି ଯୋଜନାରେ ବିଦ୍ୟାଳୟକୁ ଅତ୍ୟାଧୁନିକ କରାଯିବା ସହ ସ୍ମାର୍ଟ କ୍ଲାସରୁମ କରାଯାଇଥିଲା। ପରବର୍ତ୍ତୀ ସମୟରେ ବିଦ୍ୟାଳୟର ପାଚେରି ଓ ମୁଖ୍ୟ ପ୍ରବେଶପଥ ନିର୍ମାଣ କରାଯାଉଥିବା ବେଳେ ନଭେମ୍ବର ୩୦ ତାରିଖ ଅପରାହ୍ଣରେ ଉପରୋକ୍ତ ଗ୍ରାମର କିଛି ଲୋକ ଜମିର ମାଲିକ ବୋଲି ପରିଚୟ ଦେଇ ବିଦ୍ୟାଳୟକୁ ଯିବା ଆସିବା ରାସ୍ତା ଉପରେ ସିମେଣ୍ଟ ଖୁଣ୍ଟି ପୋତି କଣ୍ଟା ତାର ବାଡ଼ ବୁଲାଇ ପ୍ରବେଶ ପଥକୁ ଅବରୋଧ କରିଥିଲେ। ସୋମବାର ସକାଳୁ ଛାତ୍ରୀଛାତ୍ର ଓ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟକୁ ଆସି ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରିପାରିନଥିଲେ। ବାଧ୍ୟ ହୋଇ ଛାତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ ସ୍କୁଲ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ୟାମସୁନ୍ଦର ସାହୁଙ୍କୁ ଏ ସମ୍ପର୍କରେ ପଚାରିବାରୁ ୨୦୨୨ ମସିହା ମଇ ମାସ ୭ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ସାହାସପୁର ମୌଜାର ଖତିଆନ କ୍ରମିକ ନଂ. ୬୪୫/୭୪ ପ୍ଲଟ୍ ନଂ.୩୯୯/ ୨୮୩୩/୩୯୯/୨୮୩୪ ନମ୍ବରରେ ଥିବା ୮ ଡିସମିଲ୍ ଜମି ସ୍କୁଲ ଓ ଗଣଶିକ୍ଷା ବିଭାଗ ମାର୍ଫତ୍ ହେଡ୍‌ମାଷ୍ଟର ହନୁମାନଜୀଉ ଉଚ୍ଚ ବିଦ୍ୟାଳୟ ନାମରେ ଉକ୍ତ ଜମିର ପଟ୍ଟା ମିଳିଥିବା ପ୍ରକାଶ କରିଥିଲେ। ଏହି ଘଟଣାକୁ ନେଇ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍କୁଲ ଭିତରକୁ ଯାଇନପାରି ଛାତ୍ରଛାତ୍ରୀ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ। ଛାତ୍ରଛାତ୍ରୀଙ୍କୁ ସମର୍ଥନ ଜଣାଇ ଅଭିଭାବକ ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। ଏତେ ସବୁ ଘଟଣା ଘଟି ଯାଉଥିଲେ ମଧ୍ୟ ଜିଲା ଶିକ୍ଷା ବିଭାଗ ଘଟଣା ସ୍ଥଳରେ ପହଞ୍ଚ ପାରିନଥିଲେ। ବହୁ ବିଳମ୍ବରେ ସଦର ପୁଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏ ସମ୍ପର୍କରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ସାହୁ ସଦର ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଲିଖିତ ଅଭିଯୋଗରେ ୫-ଟି ଯୋଜନାରେ ସରକାର ବିଦ୍ୟାଳୟକୁ ଯାତାୟାତ ନିମନ୍ତେ ୮ ଡିସମିଲ୍ ଜାଗା ହାସଲ କରିବା ସହ ଏହାର ପଟ୍ଟା ବିଦ୍ୟାଳୟ ନାମରେ ପଞ୍ଜିକୃତ ହୋଇଛି। କିନ୍ତୁ ବିଡ଼ମ୍ବନାର ଘଟଣା ସାହାସପୁର ଅଞ୍ଚଳର ଦୀପ୍ତିକାନ୍ତ ସାହୁ, ଦିଲ୍ଲୀପ ସାହୁ, ବିଜୟ ସାହୁ, ମାନଗୋବିନ୍ଦ ସାହୁ, ପରମାନନ୍ଦ ସାହୁ, ବିରଞ୍ଚି ନାରାୟଣ ସାହୁ, ଅମରେନ୍ଦ୍ର ସାହୁ ପ୍ରମୁଖ ବ୍ୟକ୍ତି ବିଦ୍ୟାଳୟର ପ୍ରମୁଖ ଯାତାୟାତ ରାସ୍ତାକୁ ତାରବାଡ଼ ଦ୍ୱାରା ଅବରୋଧ କରିଥିବା ନେଇ ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି। ପୁଲିସ ମାମଲାର ତଦନ୍ତ କରୁଛି ।

## ପୂର୍ବତଟ ରେଳପଥର ଦ୍ୱିତୀୟ ନୀଳାଦ୍ରି କପ୍ ଟି-୨୦ କ୍ରିକେଟ୍

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ କ୍ରୀଡ଼ା ସଂଘର ସଭାପତି ଡକ୍ଟର ହେମନ୍ତ କାଗ୍ରାଙ୍କ ଦ୍ୱାରା ଆଜି ମଞ୍ଚେଶ୍ୱର ସ୍ଥିତ ରେଳବାଇ କ୍ରିକେଟ୍ ଷ୍ଟାଡିୟମରେ ଦ୍ୱିତୀୟ ଟି-୨୦ ନୀଳାଦ୍ରି କପ୍ ଆନ୍ତଃବିଭାଗୀୟ ଟେନିସ୍ ବଲ୍ କ୍ରିକେଟ୍ ଚାମ୍ପିଅନସିପ୍ ଉଦ୍ଘାଟନ କରାଯାଇଥିଲା। ପୂର୍ବ ତଟ ରେଳପଥ କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଏହାର କର୍ମଚାରୀମାନଙ୍କ ମଧ୍ୟରେ କ୍ରୀଡ଼ାପ୍ରେମୀ, ଏକତା ଏବଂ ଶାରୀରିକ ସୁସ୍ଥତାକୁ ଉତ୍ସାହିତ କରିବା। ଏହି ପଦକ୍ଷେପ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କ ମାର୍ଗଦର୍ଶିତ, ଯାହାଙ୍କ ନେତୃତ୍ୱରେ କ୍ରୀଡ଼ା ଭିତ୍ତିଭୂମିକୁ ଉଲ୍ଲେଖନୀୟ ଭାବରେ ସୁଦୃଢ଼ କରାଯାଇଛି ଏବଂ ସମଗ୍ର ଜୋନ୍‌ରେ କ୍ରୀଡ଼ା ଉତ୍କର୍ଷତାର ସଂସ୍କୃତିକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଏହି ଟୁର୍ଣ୍ଣାମେଣ୍ଟ ବିଭିନ୍ନ ବିଭାଗରେ ଦଳଗତ ମନୋଭାବ, ଶୃଙ୍ଖଳା ଏବଂ ସାମଗ୍ରିକ କଲ୍ୟାଣକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି। ଆର୍. ପି. ଏଫ୍., କାର୍ମିକ ଏବଂ ସୁରକ୍ଷା, ମେଡ଼ିକାଲ ଏବଂ ଷ୍ଟୋର, ଆକାଉଣ୍ଟସ୍, ଏସ୍. ଆଣ୍ଡ. ଟି.,




ଅପରେଟିଙ୍ଗ୍, ଇଞ୍ଜିନିୟରିଂ, କମର୍ସିଆଲ, ଅଡିଟ୍, ନିର୍ମାଣ, ଏବଂ ଏଇ ଏବଂ ମେକାନିକାଲରୁ ପ୍ରତିନିଧିତ୍ୱ କରୁଥିବା ମୋଟ ୧୧ଟି ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି।

ଏହି ମ୍ୟାଚ୍‌ଗୁଡ଼ିକ ରାଉଣ୍ଡ ଲିଗ୍ ଫର୍ମାଟରେ ଖେଳାଯିବ। ଶ୍ରେଷ୍ଠ ଚାରୋଟି ଦଳ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବେ ଏବଂ ତନ୍ମଧ୍ୟରୁ ଶ୍ରେଷ୍ଠ ଦୁଇଟି ଦଳ ଫାଇନାଲ ମ୍ୟାଚରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଆଇ.ସି.ସି. ଟି-୨୦ ନିୟମ ଅନୁଯାୟୀ ସେମିଫାଇନାଲ୍ ଏବଂ ଫାଇନାଲ୍ ସମେତ ୨୮ଟି ମ୍ୟାଚ୍ ୧ରୁ ୨୧ ତାରିଖ ମଧ୍ୟରେ ଖେଳାଯିବ। ଏହି ଚାମ୍ପିଅନସିପ୍ ୨୧ ଡିସେମ୍ବର ୨୦୨୫ରେ ମଞ୍ଚେଶ୍ୱରର ରେଲୱେ କ୍ରିକେଟ ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ସହିତ ଶେଷ ହେବ।

ପୂର୍ବତଟ ରେଳପଥ ସମଗ୍ର ଜୋନ୍‌ରେ ସକ୍ରିୟ କ୍ରୀଡା ସଂସ୍କୃତିକୁ ପ୍ରଚାର କରିବାରେ ପ୍ରତିବଦ୍ଧ ରହିଛି। ନୀଳାଦ୍ରି କପ୍ ଭଳି ପଦକ୍ଷେପ ମାଧ୍ୟମରେ, ପୂର୍ବତଟ ରେଳପଥ କେବଳ କର୍ମଚାରୀମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଏବଂ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତାକୁ ପ୍ରୋତ୍ସାହିତ କରିବାର ସୁଯୋଗ ପ୍ରଦାନ କରିନଥାଏ, ବରଂ ଦଳଗତ କାର୍ଯ୍ୟ, ଶୃଙ୍ଖଳା ଏବଂ ସାମଗ୍ରିକ କଲ୍ୟାଣକୁ ମଧ୍ୟ ପ୍ରୋତ୍ସାହିତ କରିଥାଏ। ଏଭଳି ଟୁର୍ଣ୍ଣାମେଣ୍ଟକୁ ସମର୍ଥନ କରି ରେଳବାଇ କର୍ମଚାରୀଙ୍କ ଯୋଗଦାନ, ଶାରୀରିକ ସୁସ୍ଥତା ଏବଂ ଏହାର କାର୍ଯ୍ୟବଳର ସାମଗ୍ରିକ ବିକାଶ ପ୍ରତି ନିଜର ଉତ୍ସର୍ଗୀକୃତ ମନୋଭାବକୁ ସୁଦୃଢ଼ କରିଥାଏ।

## ଏନଆରଟିଏସ ପରୀକ୍ଷା ଫଳ ପ୍ରକାଶିତ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ଼) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧା ବୃତ୍ତି (ଏନଆରଟିଏସ-୨୦୨୫) ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡ଼ ୱେବସାଇଟ ଡବ୍ଲୁଡବ୍ଲୁଡବ୍ଲୁ. ବିଏସଇଓଡ଼ିଶା.ଏସି.ଇନ ରେ ଫଳ ପାଇପାରିବେ ବୋଲି ସଭାପତି ଶ୍ରୀକାନ୍ତ ତରାଇ ଏକ ପ୍ରେସ ରିଲିଜ ଜରିଆରେ ସୂଚନା ଦେଇଛନ୍ତି । ପ୍ରକାଶ ଥାଉକି, ସେପ୍ଟେମ୍ବର ୧୯ ତାରିଖରେ ଏହି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ୩୫୫ଟି କେନ୍ଦ୍ରରେ ୫୩ହଜାର ୮୧୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ୧୨୦୧ ଜଣ ପରୀକ୍ଷାରେ ଅନୁପସ୍ଥିତ ରହିଥିଲେ ।


**AFFIDAVIT**

By virtue of affidavit sworn before Executive Magistrate, Rajnagar, vide affidavit No-8516, dt-01-12-2025, I Rebati Sahoo, W/O- Meghanad Sahoo, Vill.- Baghataila, P.O.- Mahulia, P.S- Rajnagar, Dist- Kendrapara, State- Odisha, PIN-754225, declare that, I have changed my name from Soudamini Sahoo to Rebati Sahoo. Henceforth I shall be known as Rebati Sahoo for all purposes.

**S/d- Rebati Sahoo.**

ପାୱାରଗ୍ରିଡ
POWERGRID

**ନୋଟିସ୍**

୧. ସିଇଆରସି (ବ୍ୟବସାୟର ଆଚରଣ) ନିୟମାବଳୀ ୧୯୯୯ ଏବଂ ସିଇଆରସି (ଶୁଳ୍କ ର ସର୍ତ୍ତାବଳୀ ଏବଂ ନିୟମାବଳୀ) ନିୟମାବଳୀ ୨୦୧୯, ନିୟମାବଳୀ ୮୬ ଅନୁଯାୟୀ ଅନୁମୋଦନ, (I) ୨୦୧୯-୨୪ ଶୁଳ୍କ ବ୍ଲକ ପାଇଁ ଟ୍ରାନ୍ସମିସନ୍ ଶୁଳ୍କର ଟ୍ରୁଇଙ୍ଗ୍ ଏବଂ (II) ୨୦୨୪-୨୯ ଶୁଳ୍କ ବ୍ଲକ ପାଇଁ ଟ୍ରାନ୍ସମିସନ୍ ଶୁଳ୍କର ଡିଟରମିନେସନ୍ ର ପୂର୍ବାଞ୍ଚଳର "ICTs ସାମଗ୍ରୀର ବ୍ୟବସ୍ଥା"।

୨. ଉପର ବର୍ଣ୍ଣିତ ଟ୍ରାନ୍ସମିସନ୍ ସିଷ୍ଟମର ହିତାଧିକାରୀ ମାନେ ହେଉଛନ୍ତି : (କ) ବିହାର ରାଜ୍ୟ ପାୱାର (ହୋଲଡିଂ) କମ୍ପାନୀ ଲିମିଟେଡ, (ଖ) ପଶ୍ଚିମବଙ୍ଗ ରାଜ୍ୟ ଇଲେକ୍ଟ୍ରିସିଟି ଡିଷ୍ଟ୍ରିବ୍ୟୁସନ୍ କମ୍ପାନୀ ଲିମିଟେଡ୍, (ଗ) ଗ୍ରୀଡ କର୍ପୋରେସନ ଅଫ ଓଡ଼ିଶା ଲିମିଟେଡ୍, (ଘ) ଦାମୋଦର ଭାଲ୍ଲି କର୍ପୋରେସନ ଲିମିଟେଡ୍, (ଙ) ପାୱାର ଡିପାର୍ଟମେଣ୍ଟ, ସିକିମ ସରକାର, ଗ୍ୟାଙ୍ଗଟକ (ଚ) ଝାରଖଣ୍ଡ ବିଜୁଳି ବିତରଣ ନିଗମ୍ ଲିମିଟେଡ।

୩. ଶୁଳ୍କ ର ବିବରଣୀ-
କ. ୨୦୧୯-୨୪ ବ୍ଲକ୍ — ଲକ୍ଷରେ

| ଆସେଟ ବିବରଣୀ | COD | ୩୧.୦୩.୨୦୨୪ ରେ କମ୍ପ୍ଲିସନ କଷ୍ଟ | ଶୁଳ୍କ | ୨୦୧୯-୨୦ | ୨୦୨୦-୨୧ | ୨୦୨୧-୨୨ | ୨୦୨୨-୨୩ | ୨୦୨୩-୨୪ |
|---|---|---|---|---|---|---|---|---|
| ଆସେଟ-୧ | ୩୧.୦୩.୨୦୨୩ | ୧୦୫୭.୭୫ | ସତ୍ୟତା ଉପରେ ଆଧାରିତ ସଂଶୋଧିତ AFC | – | – | – | ୦.୩୮ | ୧୫୬.୩୨ |
| ଆସେଟ-୨ | ୦୬.୦୭.୨୦୨୩ | ୧୧୨୩.୦୬ | | – | – | – | – | ୧୨୪.୩୬ |
| ଆସେଟ-୩ | ୦୩.୦୮.୨୦୨୩ | ୧୯୯୦.୬୮ | | – | – | – | – | ୨୧୧.୯୯ |
| ଆସେଟ-୪ | ୦୫.୦୯.୨୦୨୩ | ୨୦୬୬.୧୩ | | – | – | – | – | ୧୯୦.୩୩ |
| ଆସେଟ-୫ | ୦୫.୧୨.୨୦୨୩ | ୧୯୫୧.୯୫ | | – | – | – | – | ୯୯.୪୨ |

ଖ. ୨୦୨୪-୨୯ ବ୍ଲକ୍ — ଲକ୍ଷରେ

| ଆସେଟ ବିବରଣୀ | ୩୧.୦୩.୨୦୨୯ ରେ କମ୍ପ୍ଲିସନ କଷ୍ଟ | ଶୁଳ୍କ | ୨୦୨୪-୨୫ | ୨୦୨୫-୨୬ | ୨୦୨୬-୨୭ | ୨୦୨୭-୨୮ | ୨୦୨୮-୨୯ |
|---|---|---|---|---|---|---|---|
| ମିଳିତ ଆସେଟ | ୮୮୪୨.୪୧ | AFC | ୧୪୩୪.୮୨ | ୧୪୯୨.୭୨ | ୧୫୧୦.୭୩ | ୧୪୮୦.୯୫ | ୧୪୫୨.୬୮ |

୪. ଏହି ବିଜ୍ଞପ୍ତିର ଏକ ନକଲ ଏବଂ ଶୁଳ୍କ ନିର୍ଣ୍ଣୟ ପାଇଁ ଆବେଦନକାରୀ ମାନଙ୍କ ନିମନ୍ତେ କରାଯାଇଥିବା ଆବେଦନ ପ୍ରକ୍ରୀୟା ୱେବସାଇଟ୍ **www.powergrid.in** ରେ ଉପଲବ୍ଧ।

୫. ଆବେଦନରେ ଧାର୍ଯ୍ୟ ଶୁଳ୍କ ନିର୍ଣ୍ଣୟ ପାଇଁ ଦିଆଯାଇଥିବା ପ୍ରସ୍ତାବ ଉପରେ ଯଦି କୌଣସି ବ୍ୟକ୍ତିର କିଛି ଅଭିଯୋଗ ଥାଏ ତେବେ ଏହି ନୋଟିସ୍ ପ୍ରକାଶନର ୩୦ ଦିନ ମଧ୍ୟରେ ସଚିବ, ସେଣ୍ଟ୍ରାଲ ରେଗୁଲେଟୋରୀ କମିଶନ, ଛଅ, ସାତ ଏବଂ ଆଠ ମହଲା, ଟାୱାର ବି, ୱାର୍ଲ୍ଡ ଟ୍ରେଡ ସେଣ୍ଟର, ନାଓରୋଜି ନଗର, ନୂଆ ଦିଲ୍ଲୀ-୧୧୦୦୨୯ (କିମ୍ବା ଆୟୋଗର କାର୍ଯ୍ୟାଳୟ ଅବସ୍ଥିତ ଅନ୍ୟ ଠିକଣା) ଠିକଣାରେ ଆବେଦନ କରିବାକୁ ଅନୁରୋଧ।

ସ୍ଥାନ: ଗୁରଗାଁଓ — ସ୍ୱା/-
ତାରିଖ : ୦୧.୧୨.୨୦୨୫ — ମହାପ୍ରବନ୍ଧକ (ବାଣିଜ୍ୟ)

**ପାୱାର ଗ୍ରୀଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍**
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
କର୍ପୋରେଟ ଅଫିସ୍- ସଉଦାମିନି, ପ୍ଲଟ ନଂ-୨, ସେକ୍ଟର-୨୯, ଗୁରୁଗ୍ରାମ୍, ହରିୟାନା-୧୨୨୦୦୧ Tel. : 0124-2571700-719
ରେଜି. ଅଫିସ୍- ବି-୯, କୁତବ୍ ଇଷ୍ଟିଚ୍ୟୁସନାଲ ଏରିଆ, କଟୱାରିଆ ସରାଇ, ନୂଆ ଦିଲ୍ଲୀ-୧୧୦୦୧୬ Tel : 011-26560112, 26560121
Website: www.powergrid.in, CIN: L40101DL1989GOI038121
A Maharatna PSU

PG/CC/Notice-65/Advt-80/2025-26 Concept

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 2nd December, 2025 Tuesday | RNI Regd. No. ODIODI/2009/28880

## ଶାଶୁଙ୍କୁ ଜ୍ୱାଇଁଙ୍କ ପରାମର୍ଶ




ଜ୍ୱାଇଁ ଶାଶୁଙ୍କୁ- ଏମିତି ମୁଣ୍ଡରେ ହାତ ଦେଇ ବସିଛ କାହିଁକି ?

ଶାଶୁ- ମୁଣ୍ଡ ଭାରି ବିନ୍ଧୁଛି, ସହି ହେଉନି।

ଜ୍ୱାଇଁ- ଗୋଟେ କାମ କର। ତୁମ ଝିଅ ସହିତ କିଛି ସମୟ କଥା ହୁଅ, ମୁଣ୍ଡ ବିନ୍ଧା କମିଯିବ।

ଶାଶୁ- ତୁମକୁ କିଏ କହିଲା ଝିଅ ସହିତ କଥା ହେଲେ ମୁଣ୍ଡବିନ୍ଧା କମିଯିବ ?

ଜ୍ୱାଇଁ- ତୁମେ କ'ଣ ଜାଣିନ କଣ୍ଟାକୁ କଣ୍ଟାରେ କଢ଼ାଯାଏ ?

## ଓଡିଶାରୁ ୪୯ ବାଂଲାଦେଶୀ ତଡ଼ିପାର

**ଭୁବନେଶ୍ୱର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ବିଧାନସଭା ଶୀତ ଅଧିବେଶନର ଚତୁର୍ଥ ଦିନ। ଚଳିତ ଅଧିବେଶନରେ ସ୍ୱାଭାବିକ ଭାବେ ଚାଲୁଛି ଗୃହ। ଗୃହରେ ବିଭିନ୍ନ ପ୍ରସଙ୍ଗରେ ହେଉଛି ଆଲୋଚନା। ଆଜି ବିରୋଧୀ ଆଣିଥିବା ମୁଲତବି ପ୍ରସ୍ତାବ ଉପରେ ଆଲୋଚନା କରାଯିବ। ସେପଟେ ସ୍ୱାସ୍ଥ୍ୟ, ଅର୍ଥ, ଆଇଟି,ସାଧାରଣ ପ୍ରଶାସନ, ଗୃହ ବିଭାଗର ରହିଛି ପ୍ରଶ୍ନକାଳ। ତେବେ ଆଇନ ଶୃଙ୍ଖଳା, ଚାଷୀ ସମସ୍ୟା ଓ ମଣ୍ଡି ଅଚଳାବସ୍ଥା ପ୍ରସଙ୍ଗ ନେଇ ବିରୋଧୀ ହଙ୍ଗାମା କରିପାରନ୍ତି।

ଏଥିସହ ବାଂଲାଦେଶୀଙ୍କୁ ନେଇ ଗୃହରେ ଲିଖିତ ଉତ୍ତର ରଖିଲେ ମୁଖ୍ୟମନ୍ତ୍ରୀ। ନୂଆ ସରକାର ଆସିବା ପରେ ଚିହ୍ନଟ ହେଲେଣି ୫୧ ଜଣ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୯ ଜଣଙ୍କୁ ବାଂଲାଦେଶ ପଠା ଗଲାଣି। ଖୋର୍ଦ୍ଧା ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟ ୧ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ୨ ଜଣ ଜାଲି ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ ପାସ ପୋର୍ଟ କରିଥିବା ଧରା ପଡ଼ିଛନ୍ତି। ସେମାନଙ୍କ ବିରୋଧରେ ମକଦ୍ଦମା ରଜୁ କରାଯାଇଛି।

ସେହିପରି ଜେଲ୍‌ରୁ କଏଦୀ ଫେରାର ନେଇ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଉତ୍ତର ଅନୁଯାୟୀ ଗତବର୍ଷ ଜୁଲାଇରୁ ଏଯାବତ୍ ୯ଟି ଜେଲ୍ରୁ ୧୩ କଏଦୀ ଫେରାର ହୋଇଛନ୍ତି। ତେବେ ଫେରାର କଏଦୀଙ୍କ ମଧ୍ୟରୁ ୬ ଜଣଙ୍କୁ ଧରିପାରିଛି ପୋଲିସ। ବର୍ଷକରେ ୩୧ ଜଣ ବିଚାରାଧୀନ କଏଦୀଙ୍କ ଜେଲ୍‌ରେ ମୃତ୍ୟୁ ହୋଇଛି। ୮ ଜଣ ଆତ୍ମହତ୍ୟା କରିଛନ୍ତି, ୩୯ ଅଭିଯୁକ୍ତ ପୋଲିସ ହେପାଜତରୁ ଚମ୍ପଟ ହୋଇଛନ୍ତି।

## ବାରବାଟୀ ଟି-୨୦: ଅଧଘଣ୍ଟାରେ ଅନଲାଇନ ଟିକେଟ ଶେଷ

**କଟକ,୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବାରବାଟୀ ଷ୍ଟାଡ଼ିୟମରେ ଆସନ୍ତା ୯ ତାରିଖରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳା ଯିବାକୁ ଥିବା ଟି-୨୦ ମ୍ୟାଚ ପାଇଁ ସୋମବାର ଅନଲାଇନ ଟିକେଟ ବିକ୍ରି ହୋଇଥିଲା। ସାଧାରଣ ଦର୍ଶକଙ୍କ ଲାଗି ଅନଲାଇନରେ ୨୦୦୦ଟିକେଟ ଉପଲବ୍ଧ ରହିଥିଲା। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଅପରାହ୍ଣ ୨ଟା ରେ "ଡିଷ୍ଟ୍ରିକ୍ଟ ବାଏ ଜମାଟୋ" ୱେବସାଇଟ/ଆପରେ ଟିକେଟ ଉପଲବ୍ଧ ହୋଇଥିଲା। ଅନଲାଇନରେ ଉପଲବ୍ଧ ଥିବା ୨୦୦୦ ଟିକେଟ ମାତ୍ର ଅଧଘଣ୍ଟା ମଧ୍ୟରେ ଶେଷ ହୋଇଯାଇଥିଲା । ଫଳରେ ବହୁ କ୍ରିକେଟ ପ୍ରେମୀ ଅନଲାଇନରେ ଟିକେଟ ନପାଇ ହତାଶ ହୋଇଥିଲେ। ଟିକେଟ କିଣିବା ଲାଗି ପ୍ରାୟତଃ ୪୦ ହଜାରରୁ ଅଧିକ ବ୍ୟକ୍ତି ଅନଲାଇନରେ କ୍ୟୁରେ ରହିଥିଲେ । ଅନଲାଇନରେ ଗ୍ୟାଲେରୀ ନଂ ୨, ୪ ଓ ୭ ସହିତ ଏସି ବକ୍ସ, ସ୍ପେଶାଲ ଏନକ୍ଲୋଜର ଓ ନିଉ ପାଭିଲିୟନ ଟିକେଟ ବିକ୍ରି ହୋଇଥିଲା । ଅନଲାଇନରେ ଟିକେଟ ବୁକିଂ କରିଥିବା ବ୍ୟକ୍ତିମାନେ ବୁକିଂର ଅସଲି ରସିଦ ଦେଖାଇ ଡିସେମ୍ବର ୮ ତାରିଖ ସକାଳ ୯ ଟାରୁ ସନ୍ଧ୍ୟା ୬ ମଧ୍ୟରେ ଏବଂ ୯ ତାରିଖ ସକାଳ ୯ ଟା ରୁ ଅପରାହ୍ଣ ୧ଟା ମଧ୍ୟରେ କେମ୍ବ୍ରିଜ ସ୍କୁଲ କାଉଣ୍ଟରରୁ ଟିକେଟ ସଂଗ୍ରହ କରିପାରିବେ । ପ୍ରକାଶ ଥାଉକି, ଓସିଏ ଅନୁବନ୍ଧିତ ସ୍କୁଲ, କଲେଜ ଓ କ୍ଲବକୁ ଡିସେମ୍ବର ୩ ଓ ୪ ତାରିଖରେ ଟିକେଟ ବିକ୍ରି କରାଯିବ । ଡିସେମ୍ବର ୫ ତାରିଖରେ ଷ୍ଟାଡ଼ିୟମ କାଉଣ୍ଟରରେ ସାଧାରଣ ଦର୍ଶକଙ୍କ ପାଇଁ ଟିକେଟ ବିକ୍ରି କରାଯିବ।

## ଦୃଷ୍ଟିବାଧିତ ୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର

**ଭୁବନେଶ୍ୱର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଟି-୨୦ ଦୃଷ୍ଟିବାଧିତ ବିଶ୍ୱକପ ଦଳରେ ରହିଥିବା ୪ଜଣ ଓଡିଆ ଖେଳାଳି ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି। ଫୁଲ ସୋରେନ୍, ବାସନ୍ତୀ ହାଁସଦାକ ଯମୁନାରାଣୀ ଟୁଡୁ, ପାର୍ବତୀ ମାରାଣ୍ଡି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ବିଜୟୀ ଓଡିଆ ଖେଳାଳିଙ୍କୁ ସମ୍ବର୍ଦ୍ଧନା ଦେବା ସହ ୧୧ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରିଛନ୍ତି।

ଖେଳାଳିମାନଙ୍କ ଦୃଢ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଆପଣମାନେ ପ୍ରତ୍ୟେକ ଓଡିଆଙ୍କ ପାଇଁ ପ୍ରେରଣା। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଆଗକୁ ଜାରି ରହୁ। ସେମି ଫାଇନାଲ ଓ ଫାଇନାଲରେ ଭରତକୁ ବିଜୟୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏହି ୪ଜଣ ଖେଳାଳି। ଗତ ୨୩ ନଭେମ୍ବରରେ ଇତିହାସ ରଚିଥିଲେ ଦୃଷ୍ଟିବାଧିତ ମହିଳା ଟି-୨୦ ଦଳ। କଲମ୍ବୋରେ ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଭାରତ ୭ୱିକେଟରେ ନେପାଳକୁ ପରାସ୍ତ କରି ବିଜୟୀ ହୋଇଥିଲା।



ଓଡ଼ିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ତାଙ୍କ ବାସଭବନଠାରେ ସୌଜନ୍ୟ ମୂଳକ ସାକ୍ଷାତକାର କରୁଛନ୍ତି।

## ଧାନମଣ୍ଡି ନଥିବାରୁ ବଢୁଛି ଚାଷୀଙ୍କ ଦୁଃଖ

**କେନ୍ଦ୍ରାପଡ଼ା,୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକ ଅନ୍ତର୍ଗତ ନଦୀନାଳ ଘେରା ଦଶିପୁର ଗ୍ରାମପଞ୍ଚାୟତରେ ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଖୋଲିବାକୁ ପଞ୍ଚାୟତବାସୀ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି। ପଞ୍ଚାୟତବାସୀ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଆଳି ବ୍ଲକର ଦଶିପୁର ପଞ୍ଚାୟତ ହେଉଛି ଏକ ନଦୀନାଳ ଘେରା ପଞ୍ଚାୟତ। ପୂର୍ବରୁ ସେମାନେ ଦେମାଳ ଗ୍ରାମପଞ୍ଚାୟତ ଅଧିନରେ ଥିବାରୁ ଦେମାଳ ପ୍ରାଥମିକ କୃଷି ସମବାୟ ସମିତି ଅଧିନରେ ରହିଥିଲା। ସେତେବେଳେ ଚାଷୀମାନେ ଦେମାଳ ସମିତି ମଣ୍ଡିରେ ଧାନ ବିକିବାର ସୁବିଧା ପାଉନଥିବା ବେଳେ ଏବେ ମଧ୍ୟ ସେମାନେ ଏହି ସୁଯୋଗରୁ ବଞ୍ଚିତ ହେଉଥିବା ଅଭିଯୋଗ କରିଛନ୍ତି। କାରଣ ନଦୀ ନାଳ ପାରି ହୋଇ ସେମାନଙ୍କ ଧାନ ଦେମାଳ ସମବାୟ ସମିତିକୁ ଆଣି ବିକ୍ରୀ କରିବା ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ସେମାନଙ୍କ ଧାନ ବିକ୍ରୀ ହୋଇପାରୁନଥିବାରୁ ବାଧହୋଇ ସେମାନେ ବ୍ୟବସାୟୀଙ୍କୁ ଅଦର ଦରରେ ଧାନ ବିକ୍ରୀ କରି କ୍ଷତିଗ୍ରସ୍ତ ହେଉଛନ୍ତି। ଚାଷୀମାନେ ବହୁ ପରିଶ୍ରମ କରି ଚାଷ କାର୍ଯ୍ୟ କରିବା ପରେ ଧାନ ଅମଳ କରିଥାନ୍ତି। ସେମାନେ ଆଶା ରଖିଥାନ୍ତି ଯେ ସେହି ଧାନକୁ ସରକାରୀ ଦରରେ ବିକ୍ରୀ କରି ସେଥିରୁ ପାଉଥିବା ଅର୍ଥରେ ସେମାନଙ୍କ ତେଲ ଲୁଣର ସଂସାର ଚଳାଇବା ସହ ପିଲାମାନଙ୍କ ପାଠପଢା ଖର୍ଚ୍ଚ ତୁଲାଇବା ଏବଂ ଭବିଷ୍ୟତ ପାଇଁ କିଛି ସଞ୍ଚୟ କରିପାରିବେ। କିନ୍ତୁ ଧାନମଣ୍ଡିରେ ସରକାରୀ ଧାର୍ଯ୍ୟ ଦରରେ ସେମାନେ ଅମଳ କରିଥିବା ଧାନକୁ ବିକ୍ରୀ କରିନପାରି ବ୍ୟବସାୟୀଙ୍କୁ କ୍ୱିଣ୍ଟାଲ ପିଛା ୮ଶହରୁ ୯ଶହ ଟଙ୍କା କମ ଦାମରେ ଧାନ ବିକ୍ରୀ କରୁଥିବାରୁ ଚାଷୀମାନଙ୍କ ସେହି ସ୍ୱପ୍ନ ଆଉ ସାକାର ହୋଇପାରୁନାହିଁ। ବ୍ୟବସାୟୀଙ୍କ ଠାରୁ ଚାଷୀଟି ଯେଉଁ ଅର୍ଥ ପାଉଛି ତାହା କେବଳ ଚାଷ କରିବା ପାଇଁ କରିଥିବା ଋଣ ସୁଝିବା ଓ ନିଜର ତେଲଲୁଣ ସଂସାର ଚଳାଇବା ପାଇଁବି ନିଅଣ୍ଟ ହେଉଥିବା ଜଣେ ଚାଷି କହିଛନ୍ତି। ତେଣୁ ଚଳିତ ବର୍ଷ ଦଶିପୁର ପଞ୍ଚାୟତରେ ଚାଷୀମାନଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକ ମିନି ଧାନମଣ୍ଡି ଦଶିପୁରରେ ଖୋଲାଯିବାକୁ ପଞ୍ଚାୟତବାସୀଙ୍କ ପକ୍ଷରୁ ବିବେକାନନ୍ଦ ଦାଶ, ସରପଞ୍ଚ ପ୍ରଦ୍ୟୁତ ମହାନ୍ତି, ଅକ୍ଷୟ ମହାନ୍ତି, ଅମର ସାହୁ, ପ୍ରକାଶ ଦାସ, ନିରଞ୍ଜନ ନାୟକ, କେ.ଏମ.ସେଠୀ, ଦୟା ବେହେରା ପ୍ରମୁଖ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ଦାବି କରିଛନ୍ତି। ଜିଲ୍ଲାପାଳ ଏହି ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମବାୟ ସମିତି ସମୂହର ଉପନିବନ୍ଧକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବଜାରରେ ଦୁଇ ୟୁଟ୍ୟୁବରଙ୍କ ମଧ୍ୟରେ ମାରପିଟ୍

**ରାଜନଗର,୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ବଜାରରେ ଦୁଇ ୟୁଟ୍ୟୁବରଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏପରିକି ସେମାନଙ୍କ ପରିବାର ମଧ୍ୟ ଏହି ଗଣ୍ଡଗୋଳରେ ସାମିଲ ହୋଇଯାଇଥିଲେ । ଥାନାରେ ଉଭୟଙ୍କ ପକ୍ଷରୁ ପରସ୍ପର ବିରୁଦ୍ଧରେ ଅଭିଯୋଗ କରିବା ପରେ ସାମୁଦ୍ରିକ ଥାନା ପୋଲିସ ୧୫୯/୨୫ ଓ ୧୬୦/୨୫ରେ ମାମଲା ରୁଜୁ କରିଛି । ତାଳଚୁଆ ଗ୍ରାମର ୟୁଟ୍ୟୁବର ପ୍ରିୟଦର୍ଶନ ଦାସ(୨୫) ଓ ଟିକାୟତନଗର ଗ୍ରାମର ୟୁଟ୍ୟୁବର ଶିବପ୍ରସାଦ ସେଠୀ(୩୦)ଙ୍କ ମଧ୍ୟରେ ରୋଷ୍ଟର କଟାକଟିକୁ ନେଇ ବିବାଦ ଲାଗିଥିଲା । ତାଳଚୁଆ ବଜାରରେ ଉଭୟେ ମୁହାଁମୁହିଁ ହେବା ସହ ବଚସା ଓ ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା । ଏଘଟଣାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ କେବଳ ମାମଲା ରୁଜୁ କରିଛି । କାହାରିଙ୍କୁ ଗିରଫ କରିନଥିବା ନେଇ ଆଇଆଇସି ବିମଳକୁମାର ମଲ୍ଲିକ ସୂଚନା ଦେଇଛନ୍ତି।

## କୋଭିଡ୍ ସମୟରେ ବି ନଡ଼ା ଜଳୁଥିଲା, ଆକାଶ ନୀଳ ଦିଶୁଥିଲା କିପରି ?

**ନୂଆଦିଲ୍ଲୀ,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ଦିଲ୍ଲୀ-ଏନସିଆରରେ ବଢୁଥିବା ବାୟୁ ପ୍ରଦୂଷଣ ପ୍ରସଙ୍ଗ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିଥିଲେ। ଶୁଣାଣି ସମୟରେ, ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରଦାନ କରିଥିଲେ। ସେ କହିଥିଲେ ଯେ ଦିଲ୍ଲୀ-ଏନସିଆରରେ ପ୍ରଦୂଷଣ ମାମଲାଗୁଡ଼ିକ ସାଧାରଣତଃ ଅକ୍ଟୋବରରେ ତାଲିକାଭୁକ୍ତ ହୋଇଥାଏ, କିନ୍ତୁ ଏହା

**ମୁଖ୍ୟ ବିଚାରପତିଙ୍କ ପ୍ରଶ୍ନ**

ଆଉ ରହିବ ନାହିଁ। ଏହି ପ୍ରସଙ୍ଗରେ ନିୟମିତ ଶୁଣାଣି କରାଯିବ, କୋର୍ଟରେ ମାସକୁ ଅତି କମରେ ଦୁଇଥର ଶୁଣାଣି କରାଯିବ। ସିଜେଆଇ ଏହା ମଧ୍ୟ ପଚାରିଥିଲେ ଯେ ବୈଜ୍ଞାନିକ ବିଶ୍ଳେଷଣ ଅନୁସାରେ, ସର୍ବାଧିକ ପ୍ରଦୂଷଣ କ'ଣ ହେଉଛି ?

ସିଜେଆଇ ନଡ଼ା ପୋଡ଼ିବା ବିଷୟରେ ମଧ୍ୟ ପ୍ରତିକ୍ରିୟା ଦେଇଥିଲେ। ସେ କହିଥିଲେ, 'ଆମେ ନଡ଼ା ପୋଡ଼ିବା ଉପରେ ମନ୍ତବ୍ୟ ଦେବାକୁ ଚାହୁଁନାହୁଁ କାରଣ ଏହା କୋର୍ଟରେ ଏହି କ୍ଷେତ୍ରର ପ୍ରତିନିଧିତ୍ୱ କମ ହୋଇଥାଏ। କୋଭିଡ୍ ସମୟରେ ମଧ୍ୟ ନଡ଼ା ପୋଡ଼ି ହେଉଥିଲା, କିନ୍ତୁ ସେତେବେଳେ ତ ସ୍ୱଚ୍ଛ ନୀଳ ଆକାଶ ଦେଖାଯାଉଥିଲା ? ତେଣୁ, ନଡ଼ା ପୋଡ଼ିବା ପ୍ରସଙ୍ଗକୁ ଅଯଥାରେ ରାଜନୈତିକ ପ୍ରସଙ୍ଗ କିମ୍ବା ଅହଂକାର ପ୍ରସଙ୍ଗ କରାଯିବା ଉଚିତ୍ ନୁହେଁ। ଚାଷୀ ଯାହା ପୋଡ଼ି ଦେଉଛନ୍ତି ତାହା ମଧ୍ୟ ଏକ ସମ୍ପତ୍ତି।'

## କେରଳ ମୁଖ୍ୟମନ୍ତ୍ରୀଙ୍କୁ ଇଡି ନୋଟିସ

**ନୂଆଦିଲ୍ଲୀ,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛି ଇଡି। ପିନାରାଇଙ୍କ ସହ ପୂର୍ବତନ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ୍ ଏବଂ କେଆଇଆଇଏଫବି ସିଇଓ କେଏମ୍ ଆବ୍ରାହାମଙ୍କୁ ମଧ୍ୟ ନୋଟିସ ମିଳିଛି। କେରଳ ଭିତ୍ତିଭୂମି ନିବେଶ ପାଣ୍ଠି ବୋର୍ଡ (କେଆଇଆଇଏଫବି) ଦ୍ୱାରା ମସଲା ବଣ୍ଡ ପ୍ରସଙ୍ଗରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ (ଏଫଇଏମଏ) ଉଲ୍ଲଂଘନ ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିଛି। ସୂଚନା ଅନୁସାରେ ଆଇଜାକ୍ ୨୦୧୯ରେ ଅର୍ଥମନ୍ତ୍ରୀ ଥିବାବେଳେ କେଆଇଆଇଏଫବି ମସଲା ବଣ୍ଡ ମାଧ୍ୟମରେ ୨୧୫୦କୋଟି ଟଙ୍କା ସଂଗ୍ରହ କରିଥିଲେ। ନୋଟିସରେ ଅଭିଯୋଗ କରାଯାଇଛି ଯେ ମସଲା ବଣ୍ଡ ମାଧ୍ୟମରେ ସଂଗୃହୀତ ଟଙ୍କା ବେଆଇନ ଭାବରେ ଭିତ୍ତିଭୂମି ବିକାଶ ପାଇଁ ବ୍ୟବହାର କରାଯାଇଥିଲା।



ଆଇଜାକ ଏହାକୁ ନେଇ ଅଭିଯୋଗ କରିଛନ୍ତି ଯେ କାରଣ ଦର୍ଶାଅ ନୋଟିସ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଏକ ଚାଲବାଜି କରିଛନ୍ତି। ରିଜର୍ଭ ବ୍ୟାଙ୍କ ମସଲା ବଣ୍ଡ ପାଣ୍ଠି ବ୍ୟବହାର କରି ଜମି କ୍ରୟ ଉପରେ ପ୍ରତିବନ୍ଧକ ଲଗାଇଛି । ପାଣ୍ଠିର ଏକ ଅଂଶ କେଆଇଆଇଏଫବି ପ୍ରକଳ୍ପ ପାଇଁ ଜମି ଅଧିଗ୍ରହଣ ପାଇଁ ବ୍ୟବହାର କରାଯାଇଥିଲା। କିନ୍ତୁ ଏହା ରିଜର୍ଭ ବ୍ୟାଙ୍କ କଟକଣା କାର୍ଯ୍ୟକାରୀ ହେବା ପୂର୍ବରୁ କରାଯାଇଥିବା ଆଇଜାକ କହିଛନ୍ତି। ପୂର୍ବରୁ ୨୦୨୪ରେ ଇଡି ଆଇଜାକଙ୍କୁ ପଚରାଉଚରା ପାଇଁ ସମନ କରିଥିଲା। କିନ୍ତୁ ଆଇଜାକଙ୍କ ଏକ ଆବେଦନକୁ ଆଧାର କରି ଉଚ୍ଚ ଅଦାଲତ ଏଜେନ୍ସିକୁ ଏପରି କରିବାରୁ ପ୍ରତିବନ୍ଧକ ଲଗାଇଥିଲେ। ଏଜେନ୍ସି ପରେ ବିଚାରକ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଚାର୍ଜସିଟ୍ ଦାଖଲ କରିଥିଲା ଯାହା ପରେ ଆଇଜାକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ଆଇଜାକଙ୍କ ଅନୁଯାୟୀ, କେରଳରେ ପଞ୍ଚାୟତ ନିର୍ବାଚନ ପୂର୍ବରୁ କେନ୍ଦ୍ର ସରକାର ଇଡିର ଅପବ୍ୟବହାର କରୁଛନ୍ତି। ଏହା ବିଜେପିର ଏକ ଷଡ଼ଯନ୍ତ୍ର। ରାଜ୍ୟବାସୀ ଏହି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିବେ ଏବଂ ବିଜେପି ଏକ ବଡ଼ ପରାଜୟର ସମ୍ମୁଖୀନ ହେବ ବୋଲି ସେ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ସଂସଦରେ ପୋଷା...

ଏପରି କାର୍ଯ୍ୟ 'ଅପମାନଜନକ' ଏବଂ ଏହା ସଂସଦର ମର୍ଯ୍ୟାଦା ବିରୁଦ୍ଧରେ। 'ତାଙ୍କ କୁକୁର ସହିତ ସଂସଦରେ ପହଞ୍ଚିବା ଏବଂ ପରେ ଏପରି ମନ୍ତବ୍ୟ ଦେବା ଦେଶ ପାଇଁ ଲଜ୍ଜା ଆଣିଥାଏ। ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।' ସେ ଏହାକୁ ଗଣତନ୍ତ୍ରର ଅପମାନ ବୋଲି କହିଛନ୍ତି।

### ଏସଆଇଆର ଚାପରେ...

ଦୟା କରି ମୋ ପିଲାଙ୍କ ଯତ୍ନ ନେବ। ମୁଁ ଏହି ନିର୍ବାଚନ କାମରେ ଫେଲ ମାରିଛି। ମୁଁ ଗୋଟିଏ ବଡ ପଦକ୍ଷେପ ନେବାକୁ ଯାଉଛି। ଏଥିପାଇଁ କେବଳ ମୁଁ ହିଁ ଦାୟୀ। ଏଥିରେ କାହାର କୌଣସି ଭୁଲ ନାହିଁ। ମୁଁ ବହୁତ ଦୁଃଖରେ ଅଛି। ମୁଁ ଦୀର୍ଘ ୨୦ ଦିନ ହେଲା ଶୋଇପାରୁ ନାହିଁ। ଯଦି ମୋ ପାଖରେ ସମୟ ଥାଆନ୍ତା, ତା'ହେଲେ ମୁଁ ମୋ କାମ ନିଶ୍ଚିତ ଶେଷ କରି ଥାଆନ୍ତି। ମୋର ୪ ଜଣ ଛୋଟ ଝିଅ ରହିଛନ୍ତି। ଦୟା କରି ମୋତେ କ୍ଷମା କରିଦେବ। ମୁଁ ଏହି ଦୁନିଆରୁ ବହୁତ ଦୂରକୁ ଚାଲି ଯାଉଛି। ମୁଁ ବଞ୍ଚିବାକୁ ଚାହୁଁଛି। କିନ୍ତୁ ଚାପ ବହୁତ ଅଧିକ।"

ନିର୍ବାଚନ କମିଶନ ଭୋଟର ତାଲିକାରେ ସଂଶୋଧନ କରିବା ପାଇଁ ସମଗ୍ର ଦେଶରେ ଏସ୍‌ଆଇଆର ଆରମ୍ଭ କରିଛନ୍ତି। କିନ୍ତୁ ଏଥିପାଇଁ ବିଏଲଓଙ୍କ ଉପରେ ପ୍ରବଳ ଚାପ ରହୁଥିବାରୁ ଏହାକୁ ନେଇ ବିବାଦ ଦେଖାଯାଇଛି। ଏସବୁ ଭିତରେ କୁମାରଙ୍କ ଏପରି ଭିଡିଓ ସାମ୍ନାକୁ ଆସିଛି। ଏସ୍‌ଆଇଆରରେ କାମ ଆରମ୍ଭ କରିବା ପରେ ଏକାଧିକ ବିଏଲଓ ପ୍ରାଣ ହରାଇବାର ଖବର ମଧ୍ୟ ସାମ୍ନାକୁ ଆସିବାରେ ଲାଗିଛି।

ବିଏଲଓଙ୍କ କହିବା କଥା ଯେ ସେମାନଙ୍କୁ ୧୪ରୁ ୧୫ ଘଣ୍ଟା ଦୈନିକ କାମ କରିବାକୁ ପଡୁଛି। ହେଲେ ସେହି ଅନୁସାରେ ପ୍ରାପ୍ୟ ମିଳୁ ନାହିଁ। ଧାର୍ଯ୍ୟ ଟାର୍ଗେଟକୁ ସମୟ ଅନୁସାରେ ଶେଷ ନକଲେ ସେମାନଙ୍କୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଧମକ ମଧ୍ୟ ମିଳୁଛି। ରବିବାର ପ୍ରାଣ ହରାଇଥିବା ବିଏଲଓ ଶ୍ରୀ ସିଂହ ଜଣେ ଦଳିତ। ସେ ତାଙ୍କ ପରିବାର ଲୋକଙ୍କ ସହ ମୋରଦାବାଦର ବାହେଡି ଗାଁରେ ରହୁଥିଲେ। ଏବେ ତାଙ୍କ ଆତ୍ମହତ୍ୟା ପରିବାର ଲୋକ ବରିଷ୍ଠ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ତାଙ୍କ ପତ୍ନୀ ବବଲୀ କହିବା କଥା ଯେ ତାଙ୍କ ସ୍ୱାମୀ ବେଶ କିଛି ଦିନ ହେବ କେବଳ ୨ରୁ ୩ ଘଣ୍ଟା ରାତିରେ ଶୋଇବାକୁ ସମୟ ପାଉଥିଲେ। ଡିଜିଟାଲ ପ୍ରକ୍ରିୟାକୁ ସେ ଠିକ ଭାବେ ଶେଷ କରି ପାରୁନଥିଲେ। ବିଶେଷ କରି ଫର୍ମ ଅପଲୋଡ, ଦୈନିକ ଟାର୍ଗେଟ ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ଭୟ ତାଙ୍କୁ ଘାରିବାରେ ଲାଗିଥିଲା। ସର୍ବେଶ କୁମାର ସିଂହଙ୍କୁ ପ୍ରତିଦିନ ତାଙ୍କ ଉପରିସ୍ଥ ଅଧିକାରୀମାନେ ମେସେଜ କରି ଅପଡେଟ ମାଗୁଥିଲେ ଓ ଟାର୍ଗେଟ ପୂରଣ ନ କଲେ କାର୍ଯ୍ୟାନୁଷ୍ଠାନର ଧମକ ଦେଉଥିଲେ। ଏଥିଯୋଗୁ ଶ୍ରୀ ସିଂହ ପ୍ରବଳ ଚାପରେ ରହିଥିଲେ ବୋଲି ତାଙ୍କ ପତ୍ନୀ କହିଛନ୍ତି।

### ଯୁବତୀଙ୍କୁ ଅସଦାଚରଣ...

ଯାଇଥିଲେ। ବିବାହ ଶୋଭାଯାତ୍ରା ତିଗ୍ରାନାରୁ ଆସିଥିଲା। ଶୋଭାଯାତ୍ରାରେ ଥିବା କିଛି ଯୁବକ ଝିଅମାନଙ୍କୁ ହଇରାଣ କରିବା ଆରମ୍ଭ କରିଥିଲେ। ରୋହିତ ଏହା ଦେଖି ସେମାନଙ୍କୁ ବାଧା ଦେଇଥିଲେ। ଏହା ଯୁବକମାନଙ୍କ ସହିତ ଝଗଡ଼ା କରିଥିଲା। ସେତେବେଳେ ମାମଲାର ସମାଧାନ ହୋଇଥିଲା।

ବିବାହ ଉତ୍ସବରେ ଯୋଗ ଦେବା ପରେ, ରୋହିତ ଏବଂ ଜତିନ ଘରକୁ ଯିବା ପାଇଁ ଗାଡ଼ିରେ ଯାଇଥିଲେ। ରାସ୍ତାରେ ଯୁବକମାନେ ସେମାନଙ୍କୁ ଘେରି ଯାଇଥିଲେ। ରେଳ ଫାଟକ ବନ୍ଦ ଥିବାରୁ ଗାଡ଼ିକୁ ଅଟକାଇବାକୁ ପଡିଥିଲା। ଏହି ସମୟରେ, ଯୁବକ ଅସ୍ତ୍ରଶସ୍ତ୍ର ଧରି ସେଠାରେ ପହଞ୍ଚିଥିଲେ। ରୋହିତ ଏବଂ ଜତୀନ ଗାଡ଼ିରୁ ଓହ୍ଲାଇ ଦୌଡ଼ିବାକୁ ଚେଷ୍ଟା କଲେ। ଜତୀନ ଖସିଯିବାରେ ସଫଳ ହେଲେ, କିନ୍ତୁ ରୋହିତଙ୍କୁ ନିଷ୍ଠୁର ଭାବରେ ମାଡ଼ ମାରିଥିଲେ। ରୋହିତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ହସ୍ପିଟାଲ ଏବଂ ତା'ପରେ ରୋହତକର ପିଜିଆଇଏମଏସକୁ ପଠା ଯାଇଥିଲା। ତାଙ୍କ ଶରୀରର ଏପରି କୌଣସି ଅଂଶ ନଥିଲା ଯେଉଁଥିରେ ଆଘାତର ଚିହ୍ନ ନଥିଲା। ସୂଚନା ପାଇବା ପରେ, ଭିଓ୍ୱାନୀ ପୋଲିସ ମଧ୍ୟ ରୋହତକର ପିଜିଆଇଏମଏସ୍ ପହଞ୍ଚି ଜତୀନ ଏବଂ ତାଙ୍କ ପରିବାରର ବୟାନ ରେକର୍ଡ କରିଛି।

ରୋହିତ ଧନଖଡ଼ ଜଣେ ବଡିବିଲ୍ଡର ଏବଂ ଜିମ୍ ପ୍ରଶିକ୍ଷକ ଥିଲେ। ସେ ରୋହତକର ସେକ୍ଟର-୪ ସ୍ଥିତ ଜିମଖାନା କ୍ଲବରେ ତାଲିମ ନେଇଥିଲେ। ରୋହିତଙ୍କ ପିତା ସତ୍ୟବାନ ଧନଖରଙ୍କ ୨୦୧୭ରେ ହୃଦଘାତରେ ମୃତ୍ୟୁ ହୋଇଥିଲା। ସେ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ଥିଲେ। ରୋହିତ ଜଣେ ଅନ୍ତର୍ଜାତୀୟ ଆଥଲେଟ୍ ଥିଲେ। ସେ ୨୦୧୮ ମସିହାରେ ୧୦୭ କିଲୋଗ୍ରାମରୁ ଅଧିକ ଓଜନ ବର୍ଗରେ ୧୬ତମ ସିନିୟର ଏବଂ ୧୧ତମ ଜୁନିଅର ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ବଡିବିଲ୍ଡର ରୋହିତ ଧନଖଡ଼ ଖୁବ୍‌ଶୀଘ୍ର ବିବାହ କରିବାକୁ ଯାଉଥିଲେ। ବିବାହ ସ୍ଥିର ହୋଇଥିଲା କିନ୍ତୁ ତାହା ହେବା ପୂର୍ବରୁ ତାଙ୍କୁ ହତ୍ୟା କରାଯାଇଥିଲା।

### ଅଧାପନ୍ତରିଆ ହୋଇ...

ଏହି କାମ କିଛିଟା ଆଗକୁ ବଢିଥିଲା । ତେବେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ ନହେଉଣୁ ସେତେବେଳର ଜଳ ସମ୍ପଦ ମନ୍ତ୍ରୀ ଏହି ପ୍ରକଳ୍ପକୁ ଲୋକାର୍ପିତ କରିଥିଲେ । ମନ୍ତ୍ରୀ କହିଥିଲେ ଯେ, ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପାଂଚଳ ଜଳସେଚନ ପ୍ରକଳ୍ପ ଦ୍ୱାରା ଉପକୃତ ହେବାକୁ ଥିବା ୩ଟି ଜିଲ୍ଲାର ୪ଟି ବ୍ଲକ୍ ଅନ୍ତର୍ଗତ ଦ୍ୱୀପାଂଚଳର ୧୫,୩୪୨ହେକ୍ଟର ଚାଷ ଜମି ମଧ୍ୟରୁ ୨୦୦୪ ସୁଦ୍ଧା କଟକ ଜିଲ୍ଲାର ନିଶ୍ଚିତକୋଇଲି ବ୍ଲକ୍ ଓ ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ବ୍ଲକ୍‌ର ୮,୯୩୭ ହେକ୍ଟର ଜମିକୁ ଜଳ ଯୋଗାଇ ଦିଆଯାଇଛି । ତେବେ ୧୨୦କୋଟି ଟଙ୍କା ବ୍ୟୟରେ ଖୋଳାଯାଇଥିବା ୧୨କିମି ଦୀର୍ଘ ଚିତ୍ରୋତ୍ପଳା ଦକ୍ଷିଣ ଓ ୧୦ କିମି ଦୀର୍ଘ ପାଇକା ବାମ କେନାଲ ସହିତ ପ୍ରାୟ ୫୦କିମିର ୪୫ଟି ମାଇନର ଓ ସବ୍ ମାଇନର କେନାଲ ଦ୍ୱାରା କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ଓ ମାର୍ଶାଘାଇ ବ୍ଲକ୍‌ର ଅବଶିଷ୍ଟ ୬,୪୦୪ହେକ୍ଟର ଜମି ଚଳିତ ଖରିଫ ଋତୁ ଠାରୁ ଜଳସେଚିତ ହୋଇପାରିବ । କିନ୍ତୁ ଏହି ଉଦ୍‌ଘାଟନ ଉତ୍ସବ ପରେ ପ୍ରକୃତ ପକ୍ଷେ ଚିତ୍ରୋତ୍ପଳା ନଦୀର ଦକ୍ଷିଣ ପାର୍ଶ୍ୱରେ ଆସୁଥିବା ମୁଖ୍ୟ କେନାଲ ଆଗକୁ ବଢିବା ସହ ଗରଦପୁର, ପାଖଡ଼, ପାଟକୁରା, ବେଡ଼ାରୀ, ତାଳସଙ୍ଗା ଓ ଗରଜଙ୍ଗା ଯାଏ ପରିବ୍ୟାପ୍ତ ପାଇଁ ଡ଼ିପିଆର କରାଯାଇ ଜମି ଅଧିଗ୍ରହଣ ଶେଷ ହୋଇଥିଲେ ମଧ୍ୟ ନଇନ୍ଦିପୁର ପାଖରେ ଅଟକି ରହିଗଲା । ସେହିପରି ପାଇକା ନଦୀର ବାମ ପାର୍ଶ୍ୱରେ ଥିବା ମୁଖ୍ୟ କେନାଲ ବଟିରା ପାଖରେ ଅଟକି ରହିଛି । ଏହା ଆଗକୁ ବଢିବା ସହ ତିଖିରୀ, ଅମେଇପାଳ, ପାଟଳିପଙ୍କ, ଟିକରପଙ୍ଗା ଓ ଯଦୁପୁର ପଂଚାୟତ ଯାଏ ପରିବ୍ୟାପ୍ତ ହେବା କଥା । ଏହି ମୁଖ୍ୟ କେନାଲ ମଧ୍ୟ ଆଉ ଆଗକୁ ବଢିବା ସମ୍ଭବ ହୋଇନାହିଁ। ଯେତିକି ବି ମୁଖ୍ୟ କେନାଲ ଖୋଳା ଯାଇଛି ତା'ର ଆବଶ୍ୟକ ଶାଖା ଓ ଉପଶାଖା କେନାଲ ଖୋଳାନଯିବାରୁ ଅନେକ ଅଂଚଳପାଇଁ ଏହା କୌଣସି କାମରେ ଆସୁନାହିଁ । ତେବେ ଏହି କେନାଲ କ'ଣ ସବୁଦିନ ପାଇଁ ଏମିତି ଅଧା ପନ୍ତରିଆ ହୋଇ ରହିଯିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

### ପତ୍ନୀକୁ ହତ୍ୟା କରି...

କଥା ହୋଇଥିଲେ। ଖୁବ୍ ଯୁକ୍ତିତର୍କ ଭିତରେ ହଠାତ୍, ବାଲାମୁରୁଗନ ତାଙ୍କ ବ୍ୟାଗରୁ ଏକ ଛୁରୀ ବାହାର କରି ପ୍ରିୟାଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ସମୟରେ, ବାଲାମୁରୁଗନ ମୃତଦେହ ସହିତ ଏକ ସେଲଫି ଉଠାଇ ତାଙ୍କ ହ୍ୱାଟସଆପ୍ ଷ୍ଟାଟସରେ ପୋଷ୍ଟ କରିଥିଲେ।

### ମାନସ ଢାବା...

ସମେତ ଆମିଷ ସାମଗ୍ରିର ସାମ୍ପୁଲ ସଂଗ୍ରହ କରି ଲାବ୍ରଟରିକୁ ପଠାଇବା ସହିତ ଅନ୍ୟାନ୍ୟା ପିରିଷ୍କାର ପରିଚ୍ଛନ୍ନତାରେ ଉପରେ ତାଗିଦ କରିଥିଲେ। କିଛିଦିନ ତଳେ ଏହି ଢାବାରୁ ବିରିଆନିରୁ ରକ୍ତଲଗା ଚିକେନ ବାହାରିବା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଯାହା ବିଭିନ୍ନ ଢାବାକୁ ଚେକିଂ କରିବା ପାଇଁ ଜିଲ୍ଲାପାଳଙ୍କ ଠାରୁ ନିର୍ଦ୍ଦେଶ ରହିଥିଲା। ମାନସ ଢାବା ସମେତ ପାଶ୍ୱବର୍ତ୍ତି ଢାବା ଉପରେ ମଧ୍ୟ ଆଜି ଚଢାଉ ହୋଇଥିଲା। ଏହି ଚଢାଉରେ କେନ୍ଦ୍ରାପଡା ଫୁଡ ସେଫ୍ଟି ଅଫିସର ପ୍ରିତିଶ ଦାଶଙ୍କ ସମେତ ଏକ ସ୍ୱତନ୍ତ୍ର ଟିମ ଚଢାଉରେ ସାମିଲ ହୋଇଥିଲେ।

## ସାତଭାୟା ପାଲଟିଛି ଦାଦନଙ୍କ ପେଣ୍ଟସ୍ଥଳୀ

**ରାଜନଗର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକର ସାତଭାୟା ପଞ୍ଚାୟତ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏହି ପଞ୍ଚାୟତର ୭ଟି ଗାଁ ସମୁଦ୍ର ମଧ୍ୟରେ ଲୀନ ହୋଇଯାଇଛି। ୧୯୮୦ ମସିହାରୁ ୨୦୧୪ ମସିହା ଯାଏଁ ଦୀର୍ଘ ୩୪ ବର୍ଷ ଧରି ଅନ୍ୟତ୍ର ଥଇଥାନର ପ୍ରତିଶ୍ରୁତି ପାଇ ଚାଲି ଥିଲେ ମଧ୍ୟ ବାସ୍ତବରେ ପ୍ରକ୍ରିୟା ଆରମ୍ଭ ହୋଇଥିଲା ୨୦୧୪ ମସିହାରେ। ସାତଭାୟା ପଞ୍ଚାୟତର ୫୭୧ ପରିବାରକୁ ବଗପାଟିଆ ଠାରେ ଥଇଥାନ କରାଯାଇଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଗୋଟିଏ ପଂଚାୟତର ସମସ୍ତ ଅଧିବାସୀ ବିସ୍ଥାପିତ ହେବା ଭାରତର ପ୍ରଥମ ଘଟଣା ବୋଲି କୁହାଯାଉଛି। ୫୭୧ ପରିବାରଙ୍କୁ ୧୦ ଡେସିମିଲ ଲେଖାଏଁ ଘର ପାଇଁ ଜାଗା ଯୋଗାଇ ଦିଆଯାଇଛି। ସେମାନଙ୍କୁ ଏଯାବତ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇନାହିଁ। ଥଇଥାନସ୍ଥଳୀରେ ବିସ୍ଥାପିତଙ୍କ ପାଇଁ ସ୍କୁଲ ଠାରୁ ଆରମ୍ଭ କରି ଖେଳପଡିଆ ଯାଏଁ ସବୁ ବ୍ୟବସ୍ଥା ପାଇଁ କରାଯାଇଛି। ମାତ୍ର ବିସ୍ଥାପିତଙ୍କୁ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଜୀବିକା ପାଇଁ କୌଣସି ବ୍ୟବସ୍ଥା କରାଯାଇନି। ସାତଭାୟାବାସୀଙ୍କ ଚାଷ ଜମି ସମୁଦ୍ର ଗର୍ଭରେ ଚାଲିଯାଇଥିବା ବେଳେ ଆଉ ଯାହା ବା ଯେତିକି ଅଛି, ତାହା ଲୁଣାଚର ହୋଇ ଯାଇଛି।

**ସରକାରଙ୍କ ପାଖରେ ଖବର ଅଛି ତ ?**

ସାତଭାୟା ପଞ୍ଚାୟତର ଅଧିବାସୀଙ୍କ ଜୀବନ ବଂଚିଯାଇଛି, ମାତ୍ର ଜୀବିକା ଉଜୁଡି ଯାଇଛି। ଜୀବିକା ଉଜୁଡି ଯାଇଥିବାରୁ ସାତଭାୟାର ଯୁବକ, ଯୁବତୀମାନେ ଦାଦନ ଖଟିବାକୁ କେରଳ ଯାଉଛନ୍ତି । ସାତଭାୟା ପଂଚାୟତର ଜନସଂଖ୍ୟା ୫୫୦୦। ଭୋଟର ସଂଖ୍ୟା ୨୯୦୦ ଓ ପରିବାର ସଂଖ୍ୟା ୧୨୦୦ ହେବ। ମାତ୍ର ପଂଚାୟତରୁ ରାଜ୍ୟ ବାହାରକୁ ବିଶେଷିକରି କେରଳ ଯାଇ ଦାଦନ ଖଟୁଥିବା ଯୁବକ ଯୁବତୀଙ୍କ ସଂଖ୍ୟା ଆଠଶହରୁ ଅଧିକ ହୋଇଥିବା ବେଳେ ଆଖ ପାଖ ଅଂଚଳରୁ ପ୍ରାୟ ୨ହଜାର ଦାଦନ କେରଳ ଯାଉଛନ୍ତି। ଓଡିଶାରେ କାମ ମିଳୁନି। ଯଦି କାମ ମିଳୁଛି, ସେ ତୁଳନାରେ ପାରିଶ୍ରମିକ ମିଳୁନଥିବାରୁ ନିଜ ପରିବାରର ଆର୍ଥିକ ଅନାଟନକୁ ଦୂର କରିବା ପାଇଁ ଏହି ଯୁବକ ଯୁବତୀମାନେ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି। ବିଶେଷକରି ସାତଭାୟା ପଂଚାୟତବାସୀଙ୍କର ଚାଷ ଜମି ସମୁଦ୍ର ଗର୍ଭରେ ଲୀନ ହୋଇଯାଇଛି। ଗାଁରେ ଚାଷବାସ ନଥିବାରୁ ପରିବାର ଛାଡି ଦାଦନ ଖଟିବାକୁ ବିଦେଶ ଯାଉଛନ୍ତି। ଦାଦନଙ୍କ ପାଇଁ ସ୍ୱତନ୍ତ୍ର ବସ୍ ଚାଲିବା ହୁଏତ ଭାରତରେ ପ୍ରଥମ ବୋଲି କୁହାଯାଉଛି। ଜୀବନ ଜୀବିକା ପାଇଁ ହନ୍ତସନ୍ତ ହେଉଛନ୍ତି ଏହି ପଞ୍ଚାୟତର ଅଧିବାସୀ। ପରିବାରରୁ କିଛି ମହିଳା, ବୃଦ୍ଧବୃଦ୍ଧା ଓ ଛୋଟ ପିଲାମାନଙ୍କୁ ଛାଡିଦେଲେ ଅନ୍ୟ ସମସ୍ତେ ରୋଜଗାର ପାଇଁ ଦାଦନ ଖଟିବାକୁ ଭାରତର ବିଭିନ୍ନ ସ୍ଥାନକୁ ଯାଉଛନ୍ତି। ଅଧିକାଂଶ କେରଳର ବିଭିନ୍ନ କପଡା ଓ ପ୍ଲାଏଉଡ ଶିଳ୍ପରେ ନିଜକୁ ନିୟୋଜିତ କରିଛନ୍ତି। କେରଳର ପାଲଘାଟ, କଇଁପତୁର, ତ୍ରୀଚୁର, ପେରମ୍ବର, ପାଇପରା, ଏର୍ଣ୍ଣାକୂଲମ, କଦମକୂଲମ, ଉଡବାଲି ପ୍ରଭୃତିରେ ଥିବା ପ୍ଲାଏଉଡ୍ ଓ କପଡା ଶିଳ୍ପରେ ଶ୍ରମିକ ଏବଂ ସୁପରଭାଇଜର ଭାବେ କାର୍ଯ୍ୟ କରୁଛନ୍ତି। ସାତଭାୟାରୁ କେରଳକୁ ଏତେ ପରିମାଣରେ ଲୋକମାନଙ୍କ ଯିବା ଆସିବା ଦେଖି ପ୍ରତି ସପ୍ତାହରେ କେରଳରୁ ୪ଖଣ୍ଡ ବସ ଯିବା ଆସିବା କରୁଛି। ସାତଭାୟାରୁ କେରଳର ପେରମ୍ବୁର ପର୍ଯ୍ୟନ୍ତ ଦୂରତା ପ୍ରାୟ ୨୨୦୦ କିଲୋମିଟରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ୪୬ରୁ ୪୮ ଘଣ୍ଟା ସମୟ ଲାଗୁଛି। ବସଭଡା ଦୁଇହଜାର ପାଂଚଶହ ଟଙ୍କା ପଡୁଛି। ସାତଭାୟା ପଚାଂୟତର ଦୁଇଟି ଗ୍ରାମ ସାତଭାୟା ଓ କାନପୁରରୁ ଆଠ ଶହ ଲୋକରୁ ଅଧିକ କେରଳରେ ଦାଦନ ଖଟୁଥିବା ବେଳେ ପୁନେ, ହାଇଦ୍ରାବାଦ, ସୁରଟ, ଚେନ୍ନାଇ, ମୁମ୍ବାଇ ଓ ଦିଲ୍ଲୀକୁ ଏହି ପଞ୍ଚାୟତର ଯୁବକ ଯୁବତୀମାନେ ନିଜର ଠିକଣା କରିନେଇଛନ୍ତି । ଏହି ବିସ୍ଥାପିତ ଅଧିବାସୀମାନଙ୍କ ଜୀବିକା ପାଇଁ ସରକାର ବିକଳ୍ପ ବ୍ୟବସ୍ଥା ନକଲେ ଦାଦନ ଶ୍ରମିକ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିବ ସିନା କମିବାର ପ୍ରଶ୍ନ ଉଠିବନି ବୋଲି ସାତଭାୟା ପଞ୍ଚାୟତ ସରପଞ୍ଚ ପ୍ରସନ୍ନ କୁମାର ପରିଡ଼ା ଓ ସମିତି ସଭ୍ୟ କୌଶିକ ବେହେରା ପ୍ରକାଶ କରିବା ସହ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଦୃଷ୍ଟି ଦେବାକୁ ନିବେଦନ କରିଛନ୍ତି।

## ବିଏମସି ଅଞ୍ଚଳରେ ୫୦୦ ଏକର ଜମି ଜବରଦଖଲ

**ଭୁବନେଶ୍ୱର,୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଧାନସଭାରୁ ଆସିଲା ଚାଞ୍ଚଲ୍ୟକର ତଥ୍ୟ। ବିଏମସି ଅଞ୍ଚଳରେ ଜବରଦଖଲ ହୋଇଛି ୫୦୦ ଏକର ସରକାରୀ ଜମି। ବାପୁଜିନଗର, ଅଶୋକ ନଗର, ଗଙ୍ଗ ନଗର, ସହିଦ ନଗର, ସୂର୍ଯ୍ୟ ନଗର, ବମିଖାଲ, ଝାରପଡ଼ା, ପଟିଆ ଭଳି ଅଞ୍ଚଳରେ ପ୍ରଭାବଶାଳୀ ବ୍ୟକ୍ତି ଜବର ଦଖଲ କରିଛନ୍ତି ସରକାରୀ ଜମି। ସେହି ଜମିକୁ ଜବର ଦଖଲ ମୁକ୍ତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି। ଏଥିପାଇଁ ରାଜ୍ୟ ସରକାର ଗୋଟେ କମିଟି ଗଠନ କରି ଖୁବଶୀଘ୍ର ଜବର ଦଖଲ ଜମି ଉଚ୍ଛେଦ କରିବେ ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଚଳିତ ବର୍ଷ ୭୦ ଏକର ସରକାରୀ ଜମି ଜବରଦଖଲ ମୁକ୍ତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ

Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ